

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ସେପ୍ଟେମ୍ବର ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।<br>କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, SEPTEMBER 2020, Issue No. VI
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**

## ଏଇ ସଂଖ୍ୟାରେ...

**ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ**
- **୦୭**

**ସଂସ୍କାର**
- ରଶ୍ମିତା ଦାସ **୦୯**

**କର୍ମଫଳ**
- ଆଦ୍ୟାଶା ନନ୍ଦ **୧୧**

**ମୁଁ ଜଣେ ମଧ୍ୟବିତ୍ତ**
- ଛବିରାଣୀ ପତି **୧୪**

**ମୁଁ ହଜାର ପ୍ରେମିକଙ୍କ ପ୍ରେମିକା**
- ସରୋଜ କୁମାର ଜେନା **୧୬**

**ଗନ୍ଧ ମାଟି ଝୁରେ**
- ଦୁଷ୍ମନ୍ତ ବେହେରା **୨୦**

**ଜିତା ନାନୀର କାହାଣୀ**
- ରଶ୍ମି ସାମଲ **୨୨**

**ବଜରଙ୍ଗୀ ପ୍ରସାଦ**
- ଡ. କିଶୋର ମହାନ୍ତି **୨୫**

**ମହାମାରୀ ସଂକଟ ଓ ଗାନ୍ଧୀ ଦର୍ଶନରେ ସମାଧାନ**
- ଦେବାଶିଷ ମିଶ୍ର **୨୮**

**ପ୍ରେମର ପରିଭାଷା**
- ତାପ୍ତିମୟୀ ପଣ୍ଡା ମିଶ୍ର **୩୦**

**ପାଗିଲୀ**
- ସୁଭଦ୍ରା ରାଉତ **୩୨**

**ସ୍କୁଟି**
- ସତ୍ୟ ରଞ୍ଜନ ମିଶ୍ର **୩୪**

**ଏଇ ବୋଧେ ପ୍ରେମ**
- ରାମଚନ୍ଦ୍ର ପ୍ରଧାନ **୩୮**

**ମଶାଙ୍କ ରାଜନୀତି**
- ବନଲତା ସିଂହ **୪୦**

**ଏଇତ ଜୀବନ**
- ତେଜସ୍ୱିନୀ ସାମଲ **୪୩**

**ଅପମାନର ଅଶ୍ରୁ**
- ମନୋରଞ୍ଜନ ଦଳାଇ **୪୫**

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

### ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

### କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ...................................................... ପିନ୍‌କୋର୍ଡ଼ ...................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.....................................

ବ୍ୟାଙ୍କ୍........................................ ସ୍ଥାନ......................................................

ତାରିଖ...................................... ଦସ୍ତଖତ....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ



ସମାଜର ବିବିଧ କ୍ଷେତ୍ରରେ ଯେଉଁ ମହାନ ସାଧକ ଗଣ କାର୍ଯ୍ୟକରି ମହନୀୟ ପୌରୁଷର ଅଧିକାରୀ ହୋଇଛନ୍ତି ସେମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ସମାସେବୀ ସଂଗଠକ ଲେଖକ ତଥା ସୁବକ୍ତା ପଣ୍ଡିତ ହୃଷୀକେଶ ରଥ ଅନ୍ୟତମ । ୧୯୬୭ ମସିହାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସକ୍ରିୟ ସଭ୍ୟ ସହିତ ଜୟ ପ୍ରକାଶ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଗିରଫ ହୋଇ କାରାବରଣ କରିଥିଲେ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବିଶ୍ୱହିନ୍ଦୁ ପରିଷଦ, ବିଶ୍ୱ ସଂସ୍କୃତି ପ୍ରତିଷ୍ଠାନ, ରାଷ୍ଟ୍ରବାଦୀ ଶିକ୍ଷକ ସଂଘରୁ ସେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ । ଛାତ୍ର ଜୀବନରେ ବାଙ୍ଗାଲୋରରେ ଅନୁଷ୍ଠିତ ଅଖିଳ ଭାରତୀୟ ଯୁବନେତୃତ୍ୱ ଶିବିରରେ ଅଂଶ ଗ୍ରହଣ କରିଥିଲେ । ପଣ୍ଡିଚେରୀ ଠାରେ ଅନୁଷ୍ଠିତ ପ୍ରଥମ କଥିତ ସଂସ୍କୃତ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ । ମାନସ ଭୂଷଣ ସମ୍ମାନ, ବାଣୀଭୂଷଣ ସମ୍ମାନ, ମା' ଘର ସମ୍ମାନ, ବଳଦେବ ସମ୍ମାନ ଲୋକନାୟକ ସମ୍ମାନ, ଭଲ ମଣିଷ ସମ୍ମାନ ସହିତ ଆହୁରି ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରୁ ସମ୍ମାନୀତ ହୋଇଛନ୍ତି । ସେହି ସମ୍ମାନନୀୟ ବ୍ୟକ୍ତିଙ୍କ ଅନ୍ତରଙ୍ଗ ସାକ୍ଷାତକାର କରିଛନ୍ତି ଆମ ପ୍ରତିନିଧି ପ୍ରତାପ ସ୍ୱାଇଁ ।

ପ୍ର – ଆପଣ ଜଣେ ସୁ ସଂଗଠକ ତଥା ଛାତ୍ରନେତା ଥିଲେ । ଚାହିଁଥିଲେ ରାଜନୀତି କ୍ଷେତ୍ରରେ ସୁନାମ ଅର୍ଜନ କରି ଥାଆନ୍ତେ କିନ୍ତୁ ଶିକ୍ଷକତାକୁ ଆଦରି ନେଲେ କାହିଁକି ?

ଉ – ନବଭାରତର ନିର୍ମାଣ ପ୍ରୟାସକୁ ବାସ୍ତବାଭିମୁଖୀ କରାଇବାକୁ ହେଲେ ଅତୀତର ଗୁରୁକୂଳାଗ୍ରଡ଼ା, ଶାନ୍ତି ନିକେତନ ଓ ସତ୍ୟାଦୀ ବନ ବିଦ୍ୟାଳୟର ଆଚାର୍ଯ୍ୟମାନଙ୍କ ଆବଶ୍ୟକତା ରହିଛି । ଶିକ୍ଷକମାନେ ଆଦର୍ଶ ସମାଜର ବିନ୍ଧାଣି । ଦେଶର ଶକ୍ତି ଛାତ୍ର ମାନଙ୍କର ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରି ଗଢ଼ି ତୋଳିବାରେ ସେମାନଙ୍କର ସକ୍ରିୟ ଭୂମିକା ରହିଛି । ପୂର୍ଣ୍ଣ ଆନ୍ତରିକତାର ସହିତ ଦେଶ ଓ ସମାଜର କଲ୍ୟାଣ ନିମିତ ସେମାନେ ଜ୍ଞାନ ବିତରଣ କରିଥାନ୍ତି । ମୁଁ ଜାଣେ, ଶିକ୍ଷାଦାନ ମହତ ପୁଣ୍ୟ । ଏଥିରେ ରହିଛି ପରମ ତୃପ୍ତି ।

ପ୍ର – ଆପଣଙ୍କ ଛାତ୍ର ଜୀବନର କିଛି ଅଭୁଲାସ୍ମୃତି କହିବେ କି ?

ଉ – ଦାରୁଣ ନିଦାଘର ଏକ ମଧ୍ୟାହ୍ନରେ ସାଇକେଲ ଯୋଗେ ସାଂଗଠନିକ କାର୍ଯ୍ୟରେ ଯିବାବେଳେ ଚାନ୍ଦୋଳ ନିକଟରେ ରାସ୍ତାକଡ଼ରେ ଜଣେ ସର୍ବାଙ୍ଗ କୁଷ୍ଠ ବ୍ୟାଧିଗ୍ରସ୍ତ ମଣିଷଟିକୁ ଦେଖିଥିଲି । ଫଳରେ ପରିପୂର୍ଣ୍ଣ ଭିକ୍ଷାଥାଳ । ଅନତି ଦୂରରେ କୁକୁରଟିଏ ଶୋଇଥାଏ । ଗଛ ଡାଳରେ କୁଆ ଶାଗୁଣାମାନେ ଅପେକ୍ଷାରେ । ଲୋକଟିର ଅବସ୍ଥା ଦେଖି ଭିକ୍ଷା ପାତ୍ରରେ କିଛି ଦେବାକୁ ଚାହିଁଲି । କିନ୍ତୁ ଏ ଶେଷ ସମୟରେ ତା'ର ପଇସା ବା କି ଲୋଡ଼ା ଭାବି କିଛି ସମୟ ତା' ନିକଟରେ ବସିଲି । ଭାବିଲି ସେ ଦିନ ରୋଗୀଟିକୁ ଦେଖି ଗୌତମ ବୁଦ୍ଧଙ୍କର କି ଭାବନା ଜାଗ୍ରତ ହୋଇଥିବ ? ଫେରି ଦେଖେ ତ ତାକୁ କୁକୁର, ବିଲୁଆ ଓ ଶାଗୁଣାମାନେ ବେଢ଼ି ଯାଇଛନ୍ତି । ଯାହା ଜାଣିଲି, ଲୋକଟିର ସମସ୍ତେ ଥାଇ ମଧ୍ୟ ଆଜି ତା'ର ବୋଲି ଆପଣାର ନୁହଁନ୍ତି । ଏଇ ତ ଜୀବନ । ସ୍ୱାର୍ଥପର ଏ ମଣିଷ । କବିତା ଦୁଇ ଧାଡ଼ି ତା'ରି ଉଦ୍ଦେଶ୍ୟରେ ସେଦିନ ରାତିରେ ଲେଖିଥିଲି ।

ପ୍ର – କଲେଜ ଜୀବନର କିଛି ଅନୁଭୂତି କୁହନ୍ତୁ ?

ଉ – ଜୟ ପ୍ରକାଶ ଆନ୍ଦୋଳନରେ ଯୋଗ ଦେଇ ଜରୁରୀ କାଳୀନ ପରିସ୍ଥିତିରେ କାରାବରଣ କରିଥିଲି, ସେତେବେଳେ ସରକାରଙ୍କର ଆନ୍ଦୋଳନକାରୀଙ୍କ ପ୍ରତି କଡ଼ା ନଜର ମଧ୍ୟରେ ଆତ୍ମ ଗୋପନ କରିବା କେଡ଼େ କଷ୍ଟକର ଆଜି ତାହା ଚିନ୍ତା କଲେ ଦେହରେ ଶିହରଣ ଖେଳିଯାଏ । ଅନେକ ସମୟରେ ଉପବାସରେ ରହିବାକୁ ପଡ଼ିଛି । ପାଖରେ ପଇସା ନଥାଏ । ତାହା ସତ୍ତ୍ୱେ ମନରେ ଅସୀମ ଦୃଢ଼ତା, ଆଉ ସଂଗ୍ରାମରେ ସେ ଆନନ୍ଦ । ସଂଗ୍ରାମ ହିଁ ଜୀବନ । ସଂଘର୍ଷମୟ ଜୀବନରେ ଯେ ତୃପ୍ତି ନିହିତ, ତାହା ଅନୁଭବୀହିଁ କେବଳ ଜାଣେ ।

ପ୍ର – ସାଧାରଣ ମଣିଷର ଜୀବନ ଧାରାକୁ ପ୍ରବଚନ ମାଧ୍ୟମରେ ଆପଣ କିପରି ପ୍ରଭାବିତ କରାନ୍ତି ?

ଉ – ତାହା ଏକ ଅଙ୍ଗେ ନିଭା କଥା । ମସ୍ତକକୁ ପୁସ୍ତକ କରି ଆଚରଣରେ ନ ଲଗାଇବା କଥା ଲୋକମାନଙ୍କୁ କହିଲେ

ତା'ର ଦୀର୍ଘ ସ୍ଥାୟୀ ଫଳ ରହେନାହିଁ । ସେଭଳି ପ୍ରଭାବ ଜଳ ବୁଦ୍ ବୁଦ୍ ଭଳି କ୍ଷଣସ୍ଥାୟୀ । ରାମାୟଣ ଓ ମହାଭାରତକୁ କାହାଣୀ ବୋଲି ମୁଁ ଭାବେ ନାହିଁ । ଏହା ଏକ ଜୀବନ ଦର୍ଶନ । ଆଦର୍ଶ ମାତା, ପିତା, ଆଦର୍ଶ ଗୁରୁ ଶିଷ୍ୟ ଆଦର୍ଶ ପତିପତ୍ନୀ, ଆଦର୍ଶ ରାଜାପ୍ରଜା, ଆଦର୍ଶ ରାଜ୍ୟ, ଆଦର୍ଶ ପରିବାର, ଆଦର୍ଶ ସମାଜ, ଆଦର୍ଶ ଭ୍ରାତା, ଆଦର୍ଶ ମିତ୍ର, ଆଦର୍ଶ ଭକ୍ତ, ଆଦର୍ଶ ଜୀବନର ଚିତ୍ର ଏଥିରେ ଅଙ୍କିତ । ମୋ ପ୍ରବଚନ ମାଧ୍ୟରେ ଯୁଗୋପଯୋଗୀ ସଂସ୍କାର, ଧର୍ମୀ ଓ ଅନୁଭବସିଦ୍ଧ କଥା ବସ୍ତୁଗୁଡ଼ିକ ଇଷ୍ଟଦେବ ରଘୁନାଥଙ୍କ ଚରଣକମଳରେ ସମର୍ପିତ ହୋଇ ଉପସ୍ଥାପନା କରେ । ଯାହା ସ୍ରୋତା ମାନଙ୍କ ମନରେ ଗଭୀର ରେଖାପାତ କରେ ।

ପ୍ର – ଆପଣଙ୍କ ଶିକ୍ଷକ ଜୀବନର ସଫଳତା କିଛି କୁହନ୍ତୁ ?

ଉ – ମୁଁ ଛାତ୍ରମାନଙ୍କୁ ଆରୁଣି, ଉପମନ୍ୟୁ, ଏକଲବ୍ୟ ଇତ୍ୟାଦି ରୂପରେ ଦେଖିବାକୁ ଚାହେଁ, ମୁଁ ଆଶାକରେ ଏଇମାନଙ୍କ ଭିତରୁ ଗାନ୍ଧୀ, ଗୋପବନ୍ଧୁ, ସୁବାସ, ଚନ୍ଦ୍ରଶେଖର ଆଜାଦ୍, ଭଗତସିଂ, ଖୁଦିରାମ, ବିବେକାନନ୍ଦ, ଦୟାନନ୍ଦ, ଭଗିନୀ ନିବେଦିତା, ଲକ୍ଷ୍ମୀବାଇ, ବାହାରି ଯଥା ସମୟରେ ସମାଜକୁ ଦିଗ୍‌ଦର୍ଶନ ଦେବେ । ସେଥିପାଇଁ ପାଠ୍ୟକ୍ରମ ଶିକ୍ଷାଦାନକୁ ସୁଚାରୁରୂପେ ସମ୍ପାଦନ କରିବା ସହିତ ମହାପୁରୁଷମାନଙ୍କ ଜୟନ୍ତୀ ପାଳନ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା, ଆଲୋଚନାଚକ୍ର ଇତ୍ୟାଦିର ଆୟୋଜନ ପାଇଁ ପ୍ରେରଣା ଯୋଗାଇଥାଏ । ଶିକ୍ଷକତା ମୋର ବୃତ୍ତି ନୁହେଁ ଏହା ମୋର ମିଶନ୍ । ମୋ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କେତେକ ସମାଜର ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ହୋଇ ସାଧୁ, ନିଷ୍ପାପର, କର୍ତ୍ତବ୍ୟନିଷ୍ଠା ସଦାଚାରୀ ଭାବରେ ପ୍ରଶଂସିତ ହେଉଛନ୍ତି ।

ପ୍ର – ସୁସ୍ଥ ସୁନ୍ଦର ସମାଜ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ?

ଉ – ସମାଜ ଅବକ୍ଷୟମୁଖୀ । ମୁଁ କିନ୍ତୁ ହତାଶ ନୁହେଁ, ଆମେ କେତେ ଜଣ କୌଣସି ବି ପରିସ୍ଥିତିରେ ଶୋଭନୀୟ ସମାଜ ଗଠନ ନିମିତ୍ତ ଆମର ସାଧନାକୁ ଅବ୍ୟାହତ ରଖିଲେ ଭ୍ରାନ୍ତି, ଲୋଭ, ଦୁର୍ନୀତି, ଈର୍ଷା, ହିଂସା, ପ୍ରତିହିଂସା, ସ୍ୱାର୍ଥପରତା, ସୁବିଧାବାଦିତା, ଉଗ୍ରବାଦ ଓ ସନ୍ତ୍ରାସବାଦ ଇତ୍ୟାଦିର ବିଲୋପ ଘଟିବା ଏକ ପରମ କର୍ତ୍ତବ୍ୟ ସମ୍ପନ୍ନ ସମାଜ ଗଠିତ ହୋଇପାରିବ । ବହୁ ଉପଦେଶ ଓ ମହତ୍‌ବାଣୀ ରହିଛି, ମାତ୍ର ଆଚରଣ ସିଦ୍ଧ ବ୍ୟକ୍ତିର ଅଭାବ । ଧନ ଅଛି, ବିଜ୍ଞାନ ଅଛି ମାତ୍ର ଶାନ୍ତି ନାହିଁ । ଏଣୁ ପୂଜ୍ୟ କୁମାର ଭାଇଙ୍କ ଭକ୍ତି ଅନୁଯାୟୀ ମଣିଷ ପଣିଆ ବିନା ମଣିଷ କି ଶାନ୍ତି ପାଇବ କାହିଁ ? ନର୍କକୁ ପଡ଼ିଥିବା ରାସ୍ତାରେ ଯାଇ କେହି କେବେ ସ୍ୱର୍ଗରେ ପହଂଚି ପାରିବ ନାହିଁ । ଭ୍ରାନ୍ତି ପଥରେ ଯାତ୍ରା କଲେ ଶାନ୍ତି ମିଳେନାହିଁ । ଏଣୁ ମଣିଷ ପଣିଆର ଏକାନ୍ତ ଆବଶ୍ୟକତା ରହିଛି ।

ପ୍ର – ଆପଣଙ୍କ ଜୀବନର ସଫଳତାର ରହସ୍ୟ କ'ଣ ?

ଉ – ପିଲାଟି ଦିନରୁ ମାତୃସ୍ନେହରୁ ବଂଚିତ ହୋଇ ମୋ ଭିତରେ ଏକ ଅଭାବବୋଧ ପରିଲକ୍ଷିତ ହୋଇଥିଲା । ଯାହା ମତେ ଈଶ୍ୱରାଭିମୁଖୀ କରାଇଥିଲା । ସ୍କୁଲ ଜୀବନରେ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘର ତତ୍‌କାଳୀନ ପ୍ରଚାରକ ଅରୁଣ କୁମାର ପଣ୍ଡା (ବର୍ତ୍ତମାନ ଦୈନିକ ସମାଜର ସହ ସଂପାଦକ)ମୋ ଭିତରେ ଦେଶ, ଧର୍ମ ଓ ସଂସ୍କୃତି ପ୍ରତି ପ୍ରଣାଦ ଅନୁରକ୍ତି ସୃଷ୍ଟି କରାନ୍ତି । ଏହି ସମୟରେ ସମାଜ ସଂସ୍କାରକ ତଥା ଶୋଭନୀୟ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ବ୍ୟକ୍ତିତ୍ୱ, ସାହିତ୍ୟ ଓ ଜୀବନାଦର୍ଶ ପ୍ରତି ମୁଁ ଆକୃଷ୍ଟ ହୁଏ । ତମ, ସ୍ୱାଧ୍ୟାୟ, ଈଶ୍ୱର ପ୍ରତିଧାନକୁ ଯୋଗ ଆଖ୍ୟା ଦିଆଯାଏ । ତହିଁରୁ ସ୍ୱାଧ୍ୟାୟ ମୋର ସବୁଠାରୁ ପ୍ରିୟ ହୋଇଥିବାରୁ ବିବେକାନନ୍ଦଙ୍କ ବାଣୀ ଓ ଗୋପବନ୍ଧୁଙ୍କ କାଳଜୟୀ ସାହିତ୍ୟରେ ମୁଁ ଗଭୀର ଭାବରେ ପ୍ରଭାବିତ ହୁଏ । ସବୁ ଭଲ ପଣିଆର ସମନ୍ୱୟରେ ମୋର ରୁଚି, ନିଶ୍ୱାସ ତଥା ଆଚରଣକୁ ସୁ ପରିବର୍ତ୍ତିତ କରାଇ, ଆଦର୍ଶ ନିଷ୍ଠ ହୋଇ ବାସ୍ତବ ଜୀବନ କ୍ଷେତ୍ରରେ ମୁଁ ନିଜେ ଓ ମୋର ପରିବାରକୁ ସ୍ୱଉଚିତ ମାର୍ଗରେ ଗଢ଼ି ସଫଳ ମଣିଷଟିଏ ହେବାର ପ୍ରୟାସ ଜାରି ରଖିଛି ।

# ସଂସ୍କାର

- ରଶ୍ମିତା ଦାସ

ରୀନା ନୂଆ ବାହାହେଇ ଦୁଇମାସ ପରେ ପ୍ରଥମଥର ଘରକୁ ଫେରିଛି । ଘରର କିଛି ଅସୁବିଧା ବଶତଃ ପ୍ରଥମଥର ଫେରିବାରେ ଡେରି ହୋଇଯାଇଥିଲା । ଫେରିଲା ବେଳକୁ ଘର ବନ୍ଧୁ ବାନ୍ଧବରେ ଭରି ହେଇଯାଇଥିଲା ।

ସାହିପଡ଼ିଶା ଲୋକ ମଧ୍ୟ ଅପେକ୍ଷାରେ ଅଛନ୍ତି । ରୀନାକୁ ଦେଖିବା ପାଇଁ । ପରିବାରର ସମସ୍ତ ସଦସ୍ୟ ତଥା, ମାଉସୀ, ପିଉସୀ, ମାମୁଁ ମାଇଁ, ଭାଇଭଉଣୀମାନଙ୍କୁ ଦେଖି ସେ ବହୁତ ଖୁସି ହୋଇଯାଇଥିଲା ।

ଏଇ ଦୁଇମାସ ଭିତରେ ନିଜର ମାନଙ୍କୁ ସେ କେତେ ମିସ କରୁଥିଲା ଯେ କହିଲେ ନସରେ । ସତେ ଯେମିତି କୋଉ ଏକ ଦୂର ରାଇଜକୁ ପଠେଇ ଦିଆଯାଇଥିଲା ତାକୁ । ଯୋଉଁଠି ସବୁ ମୁହଁ ଅଜଣା ଓ ଅଚିହ୍ନା... ।

ସେଇଅଜଣାମାନଙ୍କ ସହ ସବୁକିଛି ଅଡୁଆଅଡୁଆ ଲାଗୁଥିଲା ତାକୁ । ସେଥିପାଇଁ ବୋଧେ ଘରେ ଆସି ଖୁସିରେ ନାଚି ଉଠୁଛି ତା ମନ । ଆଜି ବହୁତ ଖୁସି ସେ । ଖୁସିରେ ଦୁଇଧାର ଅଶ୍ରୁ ବହି ପଡ଼ିଲା ତା ଆଖିରୁ । ବାହାଘର ପୂର୍ବରୁ ଝିଅଟିଏ ମନରେ କେତେ ସ୍ୱପ୍ନ ସାଉଁଟିଥାଏ । ରୀନା ସେଥିରୁ ବାଦ ଯିବ କିପରି ?

ବାପାଘରେ ରୀନା କେତେ ଅଲିଅଳରେ ବଢ଼ିଥିଲା । ପୂର୍ଣ୍ଣ ସ୍ୱାଧୀନତା ଯେତେବେଳେ ଯାହା ଖୋଜୁଥିଲା ମିଳି ଯାଉଥିଲା । ବାପା ଓ କାକାମାନଙ୍କର ଗଳାର ମାଳି ଥିଲା ସେ । ଖୁଡ଼ିମାନେ ହାତରେ ପାଣି ଲଗେଇ ଦେଉନଥିଲେ । ଘରର ବଡ଼ଝିଅ ବୋଲି ତାର ଭାରି ଆଦର । ପାଠ ପଢ଼ାଯାଏ ହାତରେ ଛାଞ୍ଚୁଣି ଟିଏ ବି ଧରି ନଥିଲା ସେ । ଏଇ ଦୁଇବର୍ଷ ଭିତରେ ବୋଉ କିଛି କାମ ଶିଖେଇଛନ୍ତି । ନହେଲେ ଶାଶୂଘରେ ଯାଇ କ'ଣ କରିବ ସେଇ ଚିନ୍ତାରେ ରୀନାର ଘର ସଜେଇବା ଓ ରୋଷେଇବାସରେ ଭାରି ଖୁସି । ବାକି କାମସବୁ ଭାରି କଷ୍ଟ ଦିଏ । ଏମିତି ମନେହୁଏ ଗୋଟିଏ ଚାକରାଣୀ ସାଂଗରେ ଥାଆନ୍ତା କି ଚଟାପଟ ସବୁ କରିଦିଅନ୍ତା । କିନ୍ତୁ ଭାଗ୍ୟର ବିଡ଼ମ୍ବନା ସେଠି ସେ ସୁବିଧା ନାହିଁ । ଶାଶୁ ବହୁତ ନିୟମ ନିଷ୍ଠା ଭଲ ପାଆନ୍ତି । ଶଶୁର ସମୟର ବହୁତ ପକ୍କା । ସକାଳ ଚା' ଜଳଖିଆ ଠାରୁ ରାତ୍ରି ପର୍ଯ୍ୟନ୍ତ ସବୁ ଠିକ୍ ସମୟରେ ଦରକାର । ଅବଶ୍ୟ ଶାଶୁ କାମରେ ରୀନାକୁ ସାହାଯ୍ୟ କରିନ୍ତି । ନଣନ୍ଦ ଭାରି ନାକଟେକି, ସବୁଜିନିଷରେ ସଫା ସୁତୁରା ପ୍ରତି ଭାରି ନଜର । ଦିଅର ଟିକେ ଖାଇବା ଲୋଭୀ । ସବୁବେଳେ ଭଲ ମନ୍ଦ ଦରକାର । ବୋଉ ନପାରିଲେ କେମିତି ସେମିତି ଚଳେଇ ନେଉଥିଲେ ଏବେ ତ ଭାଉଜ ଆସିଲେଣି । ଆଉ ବାକି ରହିଲେ ରୀନାର ସ୍ୱାମୀ, ସେ ତଜଣେ ଅଦ୍ଭୁତ ଲୋକ । ଯେତେ କି ହିସାବି ସେତିକି ବ୍ୟସ୍ତ କେବେଥରେ ବାହାରକୁ ଯିବାକଥା କହିଲେ ଭାରି ମଂଗ ମୋଡ଼ନ୍ତି । ସେଥିରେ ପୁଣି ବୋଉକୁ ପଚାର, ତା'ର ପରମିଶନ୍ ବିନା ଅସମ୍ଭବ ।

ମାତୃ କୈନ୍ଦ୍ରିକ ପାରିବାର ସର୍ବଦା ରକ୍ଷଣଶୀଳ । ନୀତି ନିୟମରେ ଚାଲିଲେ ସର୍ବଦା ଘରର ଉନ୍ନତି ହୁଏ ବୋଲି ବୋଉଙ୍କ କହିବାକଥା । ସେ ସବୁ ଉପରେ ଖୁବ ଜୋର ଦିଅନ୍ତି ସେ । ବଦଖର୍ଚ୍ଚ ଦେଖିଲେ ଭାରି ଚିଡ଼ନ୍ତି । ପୁଅ, ଝିଅ, ବୋହୂ ହୁଅନ୍ତୁ କି ସ୍ୱାମୀ ଏକ ନିୟମରେ ବାନ୍ଧି ରଖିବାରେ ସେ ଦକ୍ଷତା ହାସଲ କରିସାରିଛନ୍ତି ସତେ ଯେପରି । ଏମିତି ନୁହଁକି କାହାର ଇଚ୍ଛାକୁ ସେ ନଜର ଦିଅନ୍ତିନି, ବାପାଙ୍କର ଦିନରେ ଚାରି ଥର ଚାହା ପିଇବା ଅଭ୍ୟାସକୁ ସେ ଠିକ୍‌ରେ ତୁଲାନ୍ତି । ଅଳ୍ପଦିନ ଆଗରୁ ଥିବା ଦିଅର ପ୍ରଭାତଙ୍କ ଜନ୍ମଦିନ ଘରେ ନିଜ ହାତରେ ଧୂମ ଧାମରେ ମନେଇଥିଲେ । ଯଦିଓ ପ୍ରଭାତଙ୍କ ଇଚ୍ଛାଥିଲା ସାଂଗମାନଙ୍କ ସହିତ ହୋଟେଲରେ ମନେଇବା ପାଇଁ । ଆମ ବାହାଘରର ମାସେ ପୁରିବା ଦିନ ବୋଉ ଗୋଟେ ସୁନ୍ଦର କ୍ୟାଣ୍ଡଲ ଲାଇଟ ଡିନରର ବ୍ୟବସ୍ଥା କରିଥିଲେ । ନିଜ ପିଲାଙ୍କ ସୁଖ ସୁବିଧାରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା କିନ୍ତୁ ନିଜ ହିସାବରେ । ଆଜି କାଲିକା ପିଲାତ ଦୁନିଆ ଦେଖି ଇଚ୍ଛାଶକ୍ତି ବଢ଼ିବା ସ୍ୱାଭାବିକ ହେଲେ ମଧ୍ୟ ସେ ସବୁ ବୋଉଙ୍କ ନୀତି ବାହାରେ ।

ଦୁଇଟି ମାସର ଶାଶୁଘରର ଅନୁଭବ ରୀନାକୁ ଭୟଭୀତ କରିଛି । ଭବିଷ୍ୟତ ଜୀବନର ଅଜଣା ଡର ସତରେ ଖାଇ ଯାଉଥିଲା ଯେପରି । ଆମର ବି ମାତୃ କୈନ୍ଦ୍ରିକ ପରିବାର । ବୋଉ ଘରର ସବୁ କଥା ବୁଝନ୍ତି । ବାପା ବୋଉଙ୍କୁ ନଜଣେଇ ଲୁଚିକରି ଆମ ଖୁସି ପାଇଁ କରିଦିଅନ୍ତି ବୋଉ ଜାଣିଲେବି ଏତେ ରିଆକ୍ଟ କରନ୍ତିନି । ସେଠିକା କଥା କିନ୍ତୁ ଅଲଗା । ସତରେ ଯମ ପୁର ତ ଆଉ ।

ରୀନା ଘରେ ପହଂଚିବା କ୍ଷଣି ସମସ୍ତଙ୍କ ମୁଖରେ ଖୁସିର ଜୁଆର ଲାଗି ରହିଥିଲା । ସେଇ ଭିତରେ ସାନଖୁଡ଼ୀ କହିଲେ - ଚାଲ ରୀନା ତୁମ ରୁମରେ ଯାଇ ଲୁଗା ବଦଳାଇ ଧୁଆଧୁଇ ହୁଅ । ଏହା କହି ସାନଖୁଡ଼ି ରୀନାକୁ ଉପରେ ଥିବା ତାର ପୂର୍ବ ବ୍ୟବହୃତ ରୁମକୁ ନେଇଗଲେ । ସାଥିରେ ଅନ୍ୟ ସ୍ତ୍ରୀଲୋକମାନେ ବି ଗଲେ ।

ସମସ୍ତଙ୍କ ମନରେ ଉତ୍ସାହ ରୀନାର ଶାଶୁଘର ବିଷୟରେ ଜାଣିବେ ।

ସମସ୍ତେ ଜଣେ ପରେ ଜଣେ ପ୍ରଶ୍ନ ପଚାରି ଚାଲିଲେ ତାକୁ । ପ୍ରଥମେ ରୀନାର ମାଉସୀ ପଚାରିଲେ କହ ଶାଶୁଘରେ ସବୁ କେମିତି ? ମୁହଁ ଦେଖାଇଲେ କିଏ କ'ଣ ଦେଲେ ?

ବଡ଼ ଖୁଡ଼ୀ ପଚାରିଲେ – ଘରେ ସମସ୍ତେ ଭଲ ପାଆନ୍ତି ତ ତୁମକୁ ?

ତା'ପରେ ପରେ ଅନ୍ୟ ସମସ୍ତେ ଜଣେ ପରେ ଜଣେ ପଚାରିଚାଲିଲେ – ତୁ ସେଠି ଖୁସି ଅଛୁ କି ନାହିଁ ?

ବାପାଘର ପରି ସ୍ୱାଧୀନତା ଅଛି ତ ସେଠି ? ଆମ ଜ୍ୱାଇଁ ବାବୁ ତୋ ଇଛାର ଖବର ରଖନ୍ତିକି ନାହିଁ ? ଏମିତି ପ୍ରଶ୍ନ ଉପରେ ପ୍ରଶ୍ନ ? ରୀନାର ମୁହଁରୁ କିଛି ନ ବାହାରୁଣୁ ସାନ ଖୁଡ଼ି କହିଲେ – ମୁଁ ଜାଣିଛି ପରା ସେଠି ତୁମକୁ ଟିକେ କଷ୍ଟ ହେଉଥିବ । ମାଉସୀ ପିଉସୀ ଏକା ସାଂଗରେ କହିଉଠିଲେ – ନୁହେଁ ତ କ'ଣ ? ମୁଁ ସେମାନଙ୍କୁ ଦେଖିବାକୁ ଆସିବାବେଳେ ଜାଣି ଯାଇଥିଲି । ଗୁପଚୁପ ରହିବା ଲୋକଙ୍କ ମନ ଜମାରୁ କୋମଳ ନୁହଁ । ଯିଏ ଉପରୁ ଶାନ୍ତ ଦିଶନ୍ତି ତାଙ୍କ ଭିତରଟା ଭାରି କଠୋର । ତୁ କାହାରି କଥାକୁ କାନ ଦେବୁନି ମ ଏ କାନରେ ଶୁଣିଲେ ସେ କାନରେ ବାହାର କରି ନିଜ କାମ କରିଯିବୁ ।

ରୀନାର ମାଇଁ ଆଉ ଚୁପ ରହିବେ କାହିଁକି ? କହିଲେ ଏମିତି ଯଦି ବହୁତ କଷ୍ଟ ହେଉଛି ମୋ ଝିଅ ଟୁନି ପରି ଜ୍ୱାଇଁଙ୍କୁ ବୁଝେଇ ସହରରେ ଯାଇ ରହ । ଆଜି କାଲି ଏତେ କଷ୍ଟ କିଏ ସହୁଛି ?

ରୀନାର ବୋଉ ସବୁ ଶୁଣୁଥିଲେ ଦୂରରୁ ଲୁଚିଲୁଚି । ପାଖକୁ ଆସି କହିଲେ ଆରେ ତୁମେ ସବୁ ରୀନାକୁ ଉତ୍ତର ଦେବାକୁ ଦିଅ ଖାଲି ପଚାରି ଚାଲିଛ ଯେ ?

ଏଥର ରୀନା କହିଲା – ତୁମେମାନେ ମୋ ପାଇଁ ଜମାରୁ କେହି ବ୍ୟସ୍ତ ହୁଅନି । ଶାଶୁଘରେ କଷ୍ଟ ନିଶ୍ଚିତ । ସେଠି ସବୁକିଛି ନିୟମରେ ଚାଲେ । ମୋ ଇଛା ଅନିଛାକୁ କେହି ଦେଖନ୍ତିନି । ବାପା ଘରର ସୁଖ ସେଠି ନାହିଁ । ନଣନ୍ଦ ଦିଅରଙ୍କ ଅଝଟ ବହୁତ ଉଠେଇବାକୁ ପଡ଼େ । ଶାଶୁଙ୍କ କଥା ଶିରୋଧାର୍ଯ୍ୟ । ସ୍ୱାମୀ ନିଜ ଇଛାରେ କିଛି କରନ୍ତିନି ସବୁ କଥାରେ ବୋଉଙ୍କ ମତାମତ ନେବାକୁ ପଡ଼େ । ଶଶୁର ସମୟାନୁବର୍ତ୍ତିତା ସହ କାମ କରନ୍ତି । ଯାହାପାଇଁ ମୋତେ ଟିକେ କଷ୍ଟ ଅନୁଭୂତ ହୁଏ । ମୁଁ ଜାଣେନା ମୋତେ ସେଠି କିଏ ପ୍ରକୃତରେ ଭଲ ପାଆନ୍ତି କି ନାହିଁ ? ଥରେ ଥରେ ଏ କଥା ଭାବି ଭାବି ଆଖିରୁ ପାଣି ନିଗିଡ଼ି ପଡ଼େ । ତଥାପି ସେଇଟା ମୋ ନିଜ ଘର । ସମସ୍ତଙ୍କୁ ନିଜର କରିବାକୁ ଯଥେଷ୍ଟ ଚେଷ୍ଟା କରିବି ।

ସେ ଘରକୁ ନିଜରକରି ସମସ୍ତଙ୍କ ମନରେ ମୋ ପ୍ରତି ସ୍ନେହ ଓ ଭଲପାଇବା ଜାଗ୍ରତ କରିପାରିଲେ ଯାଇ ମୁଁ ନିଜକୁ ଏକ ଯୋଗ୍ୟା ବୋହୂ ବୋଲି ସାବ୍ୟସ୍ତ କରିପାରିବି । ସେଠି ମୋତେ କେହି ଭଲ ପାଉ କି ନପାଉ ମୁଁ କିନ୍ତୁ ମୋ କର୍ତ୍ତବ୍ୟ ଭଲରେ ତୁଲେଇବା ପାଇଁ ଯଥେଷ୍ଟ ଚେଷ୍ଟା କରିବି । ଏକଥା ମୁଁ ମୋ ନିଜ ପରିବାରରୁ ଶିଖିଛି । ତୁମେମାନେ କେହି ମୋଟେ ଚିନ୍ତା କରନି ଓ ମୋତେ ସ୍ନେହରେ ପଂଗୁ କରି ଦିଅନି । ପରିସ୍ଥିତି ସହ ଲଢ଼ିବାରେ ଶକ୍ତି ଦିଅ । ରୀନାର ବୋଉଙ୍କ ଆଖିରୁ ଲୁହ ଝରିପଡ଼ିଲା... ସମସ୍ତେ ବୋଉଙ୍କୁ ଚାହିଁ କହି ଉଠିଲେ – "ଧନ୍ୟ ନାରୀ ତୁମେ ମହାନ । ତୁମ ସଂସ୍କାରକୁ କୋଟି ଜୁଆର ।"

ହାଇଦ୍ରାବାଦ ।

# କର୍ମଫଳ

**- ଆଦ୍ୟାଶା ନନ୍ଦ**

ପାଞ୍ଚ ଛଅ ବର୍ଷ ବୟସରେ ଜୀବନର ସବୁଠାରୁ ଜଟିଳ ପ୍ରଶ୍ନକୁ ସାମ୍ନା କରିବାକୁ ପଡ଼ିଥାଏ । ଆଉ ସେ ପ୍ରଶ୍ନଟି ହେଉଛି ବଡ଼ ହେଲେ କ'ଣ ହେବ ବା ତମ ଜୀବନର ଲକ୍ଷ୍ୟ କ'ଣ ? ପ୍ରାୟ ସବୁ ପିଲାଙ୍କୁ ଜୀବନରେ ଏ ପ୍ରଶ୍ନଟିକୁ ସାମ୍ନା କରିବାକୁ ପଡ଼ିଥାଏ । ଆଉ ମଜା କଥା ହେଲା ଯୋଉ ପିଲାମାନେ ଘର ପରିବାର ଛଡ଼ା କାହାକୁ ଚିହ୍ନିନଥାନ୍ତି ବା କୌଣସି ବିଷୟରେ ସେମାନଙ୍କର ଜ୍ଞାନ ନଥାଏ, ସେମାନେ ବି କୁହନ୍ତି ବଡ଼ ହେଲେ ଆମେ ଡାକ୍ତର, ଇଂଜିନିୟର, ଓକିଲ, ଟିଚର ହେବୁ ।

ମୁଁ ବି ବାଦ୍ ପଡ଼ିନଥିଲି ଏ ଜଟିଳ ପ୍ରଶ୍ନରୁ । ହେଲେ ମୋ ଉତ୍ତର ଥିଲା ସବୁଠାରୁ ଅଲଗା । ମୁଁ କହିଥିଲି ବଡ଼ ହେଲେ ମୁଁ ସମାଜସେବୀ ହେବି । ଯେତେବେଳେ କି ମୁଁ ସମାଜ କ'ଣ ଜାଣିନଥିଲି । ଆଉ ସମାଜସେବୀ ତ ବହୁତ ବଡ଼ କଥା । ଅବଶ୍ୟ ଏ କଥାଟି କହିବା ପଛରେ ବି ଗୋଟେ କାହାଣୀ ଥିଲା । ଥରେ ନନା ତାଙ୍କ ବନ୍ଧୁଙ୍କ ସହିତ କଥା ହେଉଥିଲେ, ବଡ଼ ଝିଅ ମୋର ଭାରୀ ପରୋପକାରୀ, କାହା ଦୁଃଖ ସହିପାରେନି । ବଡ଼ ହେଲେ ସେ ଗୋଟେ ସମାଜସେବୀ ହେବ । ବାସ୍ ସେଇ ଦିନ ମତେ ମିଳିଗଲା ମୋ ଜୀବନର ସବୁଠାରୁ ଜଟିଳ ପ୍ରଶ୍ନର ସରଳ ଉତ୍ତର। ଯେତେବେଳେ ମୋ ଜୀବନର ଲକ୍ଷ୍ୟ ଶୁଣି ବଡ଼ ଲୋକମାନେ ସାବାସି ଦେଉଥିଲେ, ମତେ ଲାଗୁଥିଲା ସମାଜସେବୀ ବୋଧେ ଗୋଟେ ବଡ଼ ଚାକିରୀର ନାଁ ।

ଧୀରେ ଧୀରେ ବୟସ ବଢ଼ିବା ସହିତ ଜ୍ଞାନର ପରିସୀମା ବି ବଢ଼ିଲା । ସମାଜର ଅର୍ଥ ଜାଣିଲି । ତା ସହିତ ସମାଜସେବୀର ବି । ଏତେ ବଡ଼ ଗୋଟେ ଜିନିଷକୁ ଏତେ ସହଜରେ ମୁଁ କେମିତି କହୁଥିଲି ଭାବି ଖରାପ ବି ଲାଗିଲା ।

ସମୟ ଗଡ଼ି ଚାଲିଲା, ସମୟ ସହିତ ପରିବାର, ବନ୍ଧୁବାନ୍ଧବ ଭୁଲିଗଲେ ମୋର ଜୀବନର ଲକ୍ଷ୍ୟକୁ । ହେଲେ ମନର କୌଣସି ଏକ ନିଭୃତ କୋଣରେ ସାଇତି ରଖିଥିଲି ମୁଁ ମୋ ଜୀବନର ପ୍ରଥମ ଲକ୍ଷ୍ୟଟିକୁ ।

ପାଠ ପଢ଼ା ସରିଲା । ତା ପରେ ବିବାହ । ଜଞ୍ଜାଳମୟ ସଂସାରରେ ଯେତେବେଳେ ନିଜ କଥା ବୁଝିବାକୁ ସମୟ ନଥାଏ, ସେତେବେଳେ ସ୍ୱପ୍ନ କଥା ବା ପଚାରେ କିଏ ? ଏମିତିରେ ହଠାତ୍ ଥରେ ନଜର ପଡ଼ିଗଲା ସୋସିଆଲ ମିଡ଼ିଆରେ ବାହାରିଥିବା ଗୋଟେ ଜରାଶ୍ରମ ବିଷୟରେ । ସେଇଟା ବି ଥିଲା ଆମ ଘର ଠାରୁ ଚାରି ପାଞ୍ଚ କିଲୋମିଟର । ମନ ମୋର ଖୁସିରେ ନାଚି ଉଠିଲା । ଯଦି କିଛି ସେମାନଙ୍କ ପାଇଁ କରିପାରିବି ସ୍ୱପ୍ନ ମୋର କାଣିଚାଏ ତ ପୂର୍ଣ୍ଣ ହେବ । ଏ କଥା ଭାବି ଭାବି ରାତିରେ ନିଦ ଆଉ ହେଲାନି ।

ସକାଳ ହେବାରୁ ଅଟୋଟିଏ କରି ବାହାରି ପଡ଼ିଲି ଆଶ୍ରମ ସାଙ୍ଗରେ କିଛି ଶୁଖିଲା ଖାଦ୍ୟପଦାର୍ଥ ଧରି । ପନ୍ଦର ଷୋହଳ ଜଣ ମଉସା ମାଉସୀଙ୍କୁ ନେଇ ଆଶ୍ରମଟି । ପଶୁ ପଶୁ ନଜର ପଡ଼ିଗଲା ପିଣ୍ଡାରେ ଖଟିଆଟିଏ ଉପରେ ଶୋଇଥିବା ଅଶୀ ପଂଚାଶି ବର୍ଷର ମାଉସୀ ଜଣକ ଉପରେ । ଗୋଡ଼ଟି ତାଙ୍କର ଭାଂଗି ଯାଇଥାଏ । ଆଉ ତାଙ୍କ ସେବାରେ ଲାଗିଥାନ୍ତି ଆଶ୍ରମର ଅନ୍ୟ ମାଉସୀ ମାନେ । ମୋ ଉପରେ ତାଙ୍କର ନଜର ପଡୁ ପଡୁ ତାଙ୍କ ସମ୍ବଲପୁରୀ ଭାଷାରେ କେତେ ଜଣ ପଚାରିଗଲେ । କୁଣ୍ଢାଇ ପକାଇ ମୁଣ୍ଡ ଆଉଁସି ଦେଲେ । ଅବଶ୍ୟ ପରେ ଜାଣିବାକୁ ପାଇଲି ତାଙ୍କ ନିରୀହ ଚାହାଣି ଓଦା ଓଦା ଆଖି ମୋ ଭିତରେ ଖୋଜୁଥିଲା ତାଙ୍କ ସନ୍ତାନଙ୍କୁ । ଆଶ୍ରମର କର୍ମକର୍ତ୍ତାଙ୍କୁ ପଚାରିବାରୁ ସେମାନେ କହିଲେ ମାଉସୀଙ୍କ ପୁଅ ସରକାରୀ କଳର ବଡ଼ ଅଫିସର । ପୁଅ ତାଙ୍କର ଅନେକ ବର୍ଷ ହେଲା ମାଉସୀଙ୍କୁ ଆଶ୍ରମରେ ଛାଡ଼ି ଦେଇଛନ୍ତି । ଆଗରୁ ବର୍ଷକୁ ଥରେ ଆସୁଥିଲେ ମାଉସୀଙ୍କୁ ଦେଖିବାକୁ । ହେଲେ ତିନି ଚାରି ବର୍ଷ ହେବ ସେମାନଙ୍କର ଦେଖା ନାହିଁ । ଆଉ ସେମାନଙ୍କୁ ଝୁରି ଝୁରି ମାଉସୀର ଆଜି ଏ ଅବସ୍ଥା । ତା' ପରେ ଚାଲିଲି ଅଲଗା ରୁମରେ ଥିବା ମଉସା ମାଉସୀଙ୍କ ପାଖକୁ । କିଏ କହୁଥାନ୍ତି,

ପୁଅ ବୋହୂ ଘରୁ ବାହାର କରିଦେଇଛନ୍ତି, କିଏ କହୁଥାନ୍ତି ବୟସ ହେଇଗଲା ରୋଜଗାର ତ କରିପାରିଲିନି ମା, ଆଉ କିଏ କାହିଁକି ଆମକୁ ରଖିବ । ଆଉ ଜଣେ ମାଉସୀ କହିଲେ ପୁଅ ନାହିଁ ମୋର, ମାଇକିନା ଝିଅଟେ । ଝିଅ ଉପରେ କେମିତି ବୋଝ ହେବି କହିଲ ଝିଅ ?

ମନଟା ମୋର ବିଦ୍ରୋହ କରିଉଠିଲା । ଭାବୁଥିଲି ମୁଁ ଏ ମାଉସୀ ମାନେ କ'ଣ ଦଶମାସ ଦଶ ଦିନ ଗର୍ଭ ଯନ୍ତ୍ରଣା ସହି ପିଲାମାନଙ୍କୁ ଜନ୍ମ ଦେଇନଥିଲେ, ନିଜ ସ୍ତନ ଭାଂଗି କ୍ଷୀର ଦେଇ ବଡ଼ କରିନଥିଲେ ? ମଉସା ମାନେ କ'ଣ ହାତ ଧରି ଦୁନିଆ ଦାଣ୍ଡରେ ସେମାନଙ୍କ ଚାଲିବା ଶିଖେଇ ନଥିଲେ, ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲାମାନଙ୍କ ପେଟକୁ ଦାନା ଦେଇନଥିଲେ ? ଝିଅଟିଏ ଭାବି ମାଉସୀଟି କ'ଣ ତାଙ୍କୁ ଖାଇବାକୁ ଦେଇ ଛୋଟରୁ ବଡ଼ କରିନଥିଲେ ? ତାହେଲେ ଆଜି ଏମାନଙ୍କର ଏ ଅବସ୍ଥା କ'ଣ ପାଇଁ ? କେତେ ସ୍ନେହୀ ଏମାନେ । କେତେଟା ମୁହୂର୍ତ୍ତରେ ନିଜର କରି ନେଉଛନ୍ତି ପର ମଣିଷଟିକୁ । ତାହେଲେ ଏମାନଙ୍କ ପ୍ରତି ତୁ ଏତେ କଠୋର କାହିଁକି କାଳିଆ ?

ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହ ଆଉ ଅସରନ୍ତି ସ୍ନେହ ପ୍ରେମ ନେଇ ସେମାନଙ୍କ ଠାରୁ ବିଦାୟ ନେଲି ସେଦିନ ଆଉ ଦିନେ ଆସିବାର ପ୍ରତିଶୃତି ଦେଇ ।

ବ୍ୟସ୍ତ ରହିଗଲି ମୁଁ ମୋର ଘର ସଂସାର ଆଉ ନିତିଦିନିଆ ରୁଟିନବନ୍ଧା ଜୀବନରେ । ମାସେ ପରେ ଜାଣିବାକୁ ପାଇଲି ସେ ସମ୍ବଲପୁରୀ ମାଉସୀଙ୍କର ମୃତ୍ୟୁ ହୋଇଯାଇଛି । ଆହା ପଦେ କହି ସମବେଦନା ଦେବା ଛଡ଼ା କ'ଣ ବା କରିପାରିବି ମୁଁ ?

ଟିକିଏ ଫୁରସତ ମିଳିବାରୁ ଛ'ସାତମାସ ପରେ ପୁଣି ଟିକେ ଆଶ୍ରମ ଆଡ଼େ ଚାଲିଗଲି । ପୁରୁଣା ମଉସା ମାଉସୀଙ୍କ ସହିତ ଦୁଃଖ ସୁଖ ହେଲି । ସମସ୍ତେ ପରସ୍ପରର ସାହାରା ହୋଇ ଖୁସିରେ ମିଳିମିଶି ଚଳୁଥିବାର ଦେଖି ଭାରି ଖୁସି ଲାଗିଲା । ଆଉ ଦୁଇ ଜଣ ନୂଆ ଲୋକଙ୍କୁ ବି ଦେଖିଲି । ସେମାନଙ୍କ ବେଶଭୂଷାରୁ ମୁଁ ଭାବିନେଲି ସେମାନେ ବୋଧେ ଆଶ୍ରମ କର୍ମକର୍ତ୍ତାଙ୍କ ପରିଚିତ । ହେଲେ ପରେ ଜାଣିବାକୁ ପାଇଲି ଏମାନେ ମଧ୍ୟ ଆଶ୍ରମର ଅନ୍ତେବାସୀ । ମଉସାଙ୍କ ବୟସ ବାଷଠି ରୁ ଚଉଷଠି ଭିତରେ ହେବ ଆଉ ମାଉସୀଙ୍କର ସେଇ ପାଖାପାଖି ଚଉବନ କି ପଂଚାବନ ବର୍ଷ । ମାଉସୀ ଗୋଟେ ଦାମୀ ସମ୍ବଲପୁରୀ ଶାଢ଼ୀ ପିନ୍ଧିଥାନ୍ତି ଆଉ ମଉସା ଧୋତି ପଞ୍ଜାବୀ । ସେମାନଙ୍କର ଠାଣି ବାଣୀ ସମସ୍ତଙ୍କ ହୃଦୟରେ ସ୍ପଷ୍ଟ ବାରି ହେଇପଡୁଥିଲା । ଆଶ୍ଚର୍ଯ୍ୟ ଓ କୌତୁହଳରେ ମୁଁ ଗଲି ସେମାନଙ୍କ ରୁମକୁ । ମାତେ ଦେଖୁ ଦେଖୁ ମାଉସୀ କହିଲେ କ'ଣ ଝିଅ ଆମକୁ ଦେଖି ଆଶ୍ଚର୍ଯ୍ୟ ହେଉଛ କି ? ଧୀର ଭାବରେ ମୁଁ ଛୋଟିଆ ହଁ ଟେ ମାରିଲି । ମାଉସୀ କହିଲେ କଣ କହିବି ଝିଅ ସବୁ ଆମ ଭାଗ୍ୟ । ମଉସା ସରକାରୀ ଚାକିରୀଆ । ଏ ଦୁଇବର୍ଷ ହେବ ଅବସର ନେଇଛନ୍ତି । ଆମର ଗୋଟେ ବୋଲି ପୁଅ । ବାଛି ବାଛି ଚାକିରିଆ ବୋହୂ ଆଣିଲୁ । ହେଲେ ସେମାନେ ଆମର ଯତ୍ନ ନେଲେନି, ଆଉ ସେଇ କଥା କହିଦେବାରୁ ଛଳ କପଟ କରି ଆମର ସବୁ ସମ୍ପତ୍ତି ନିଜ ନାଁରେ କରି ଏଇ ମାସେ ହେଲା ଆମକୁ ଏଇଠି ଛାଡ଼ିଦେଇଗଲେ ।

ସେମାନଙ୍କୁ ଧର୍ମ ସହିବନି, ନର୍କରେ ପଡ଼ି ଘାଣ୍ଟି ହେବେ । ଏ ବୟସରେ ଆମକୁ ଏ ଦିନ ଦେଖିବାକୁ ଥିଲା । ପୁଅ, ବୋହୂଙ୍କୁ ଅଭିଶାପ ପରେ ଅଭିଶାପ ଦେଇ ଚାଲିଥିଲେ ଦୁଇ ଜଣ । ମତେ ବି ଭାରୀ ରାଗ ଲାଗିଲା । ମନେ ମନେ ମୁଁ ସେମାନଙ୍କୁ ବହୁତ ଗାଳି ଦେଲି । ତାପରେ ମୁଁ ପଚାରିଲି ଆଛା, ମାଉସୀ, ଆପଣଙ୍କ ଶାଶୁ ଶ୍ୱଶୁର କ'ଣ... ? ମଉସା କହିଲେ ନାଁ ଝିଅ, ମୁଁ ଯେତେବେଳେ ବାର ବର୍ଷର ହେଇଥିଲି ବାପା ମୋର ଗୋଟେ ରୋଡ଼ ଆକ୍ସିଡେଣ୍ଟରେ ଚାଲିଯାଇଥିଲେ । ଆଉ ମୋ ମା' ବଞ୍ଚିଛନ୍ତି । ତାହେଲେ ସେ ଏବେ କୋଉଠି ଅଛନ୍ତି ମଉସା ?

ମୁହଁରେ ହସ ଫୁଟାଇ ପରମ ଆତ୍ମଗ୍ଲାନିରେ ମଉସା କହିଲେ, ଝିଅ ଏବେ ତୁ ଯେମିତି ତୋ ମାଉସୀକୁ ଦେଖୁଚୁ ବାହାଘରବେଳେ ତୋ ମାଉସୀ ସେମିତି ନଥିଲା । ଭାରୀ କ୍ଷୀଣ ଶରୀର । ଜମା କାମକୁ ପାରେନି । ନୈଷ୍ଠିକ ବ୍ରାହ୍ମଣ ହୋଇଥିବାରୁ ଆମେ ଚାକର, ପୂଜାରୀ ରଖିନଥିଲୁ ଘରେ । ବହୁ କଷ୍ଟରେ ମାଉସୀ ଆମ ତିନି ଜଣଙ୍କ କାମ କରୁଥିଲା । ଦୁଇ ବର୍ଷ ପରେ ଆମର ପୁଅଟିଏ ହେଲା । ମାଉସୀ ତୋର ବେଶୀ ଦୁର୍ବଳ

ହେଇଗଲା । ତା ସାଂଗକୁ ମୋର ସରକାରୀ ଚାକିରୀରେ ବଦଳି ଚାଲିଥାଏ । କେତେ ଆଡ଼େ ଆଉ ବୁଢ଼ୀ ଲୋକଟାକୁ ସାଂଗରେ ନେଇଥାନ୍ତୁ ? ସେଥିପାଇଁ ପୁଅ ଯେତେବେଳେ ପାଞ୍ଚ ବର୍ଷର ହେଇଗଲା, ଗୋଟେ ଠାକୁରଙ୍କ ମଠରେ ମା'କୁ ଛାଡ଼ିଦେଇ ଆମେ ପୁଅର ପାଠ ପଢ଼ା ପାଇଁ ସହରକୁ ଚାଲିଗଲୁ ।

ପ୍ରତିବର୍ଷ ମଦର୍ସ ଡେ ରେ ମା ପାଖକୁ ଯାଇ ଭଲ ମନ୍ଦ ବୁଝିକି ଆସୁ । ଟଙ୍କା ପଇସା ବି ଦେଇକି ଆସୁ । କଥା ହେବା ଭିତରେ ମଉସା ନିଜକୁ ଆତ୍ମପ୍ରଂଶସାରେ ପୋତି ପକାଉଥାନ୍ତି । ତାଙ୍କ କଥା ଶୁଣି ମୁଁ ସ୍ଥାଣୁ ପାଲଟିଯାଇଥାଏ । ଆଉ ଭାବୁଥାଏ ବାଃ ବାଃ ରେ ପୁଅ ପଣିଆ । ଯୋଉ ମା ଏକୁଟିଆ ବାର ବର୍ଷ ଦିନୁ ପାଳି ପୋଷି ତମକୁ ସମାଜରେ ପ୍ରତିଷ୍ଠିତ କରାଇଲା, ସେଇ ମା କୁ ତା ବୃଦ୍ଧାବସ୍ଥାରେ ମଠରେ ଛାଡ଼ି, 'ମଦର୍ସ ଡେ'ରେ ଫୋଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡ଼ି ବାଃରେ ପୁଅ ପଣିଆ । ଯେଉଁ ମା ଏକୁଟିଆ ବାର ବର୍ଷ ଦିନୁ ପାଳି ପୋଷି ତମକୁ ସମାଜରେ ପ୍ରତିଷ୍ଠିତ କରାଇଲା, ସେଇ ମା କୁ ତା ବୃଦ୍ଧାବସ୍ଥାରେ ମଠରେ ଛାଡ଼ି, ବା ବା ନେବାକୁ ତମ ବିବେକ ତମକୁ ବାଧା ଦଉନି କେମିତି ? ଧିକ ଶତ ଧିକ ତମ ପୁଅ ଜନ୍ମକୁ । ଘୃଣାରେ ମନ ଭିତରଟା ମୋର ଯେମିତି ଖିନଭିନ୍ ହୋଇଗଲା । ବୟସରେ ଯଥେଷ୍ଟ ବଡ଼ ହୋଇଥିବାରୁ ମୁହଁରେ ଜବାବ ଦେବାକୁ ଇଚ୍ଛା ହେଲାନି । ମୁହଁରେ ମିଛ ହସ ଧାରେ ଖେଳାଇ ସେମାନଙ୍କ ଠାରୁ ବିଦାୟ ନେଲି ।

ଆସିଲାବେଳେ ମାଉସୀ ଜଣେ ମୋ ହାତ ଧରି ଟାଣି ନେଇଗଲେ ଗୋଟେ ରୁମ ଭିତରକୁ । କହିଲେ, ଝିଅ ତମେ ଚିହ୍ନିପାରୁଛ ଏ ଦୁଇ ଜଣକୁ । ନା ମାଉସୀ ସେମାନେ କିଏକି ?

ଖଟିଆରେ ଯୋଉ ସମ୍ବଲପୁରୀ ମାଉସୀ ଗୋଡ଼ ଭାଂଗି ପଡ଼ିଥିଲେ, ଏମାନେ ତାଙ୍କରି ପୁଅ ବୋହୂ ।

ଏ ତମେ କ'ଣ କହୁଛ ମାଉସୀ ? ଏଇଟା କେମିତି ସମ୍ଭବ ?

ହଁ ଲୋ ଝିଅ ମୁଁ ସତ କହୁଛି । ମାଉସୀ ଯୋଉ ଦିନ ମଲା, ବହୁ ଚେଷ୍ଟା କରି ତା ପୁଅ ବୋହୂ ସହିତ ଯୋଗାଯୋଗ ହେଇପାରିଲାନି । କେମିତି କେଜାଣି ଫୋନରେ ତା ନାତିର ଠିକଣା ଜଣାପଡ଼ିଲା । ତାକୁ ଯୋଗାଯୋଗ କରିବାପରେ ସେ ଆସିଲା । ଏଇ ସହରରେ ସେ ରହୁଥିଲା । ଜେଜେମାକୁ ଏଠି ଦେଖି ଆଶ୍ଚର୍ଯ୍ୟ ହେଇଗଲା । କାରଣ ତାକୁ ବି ଏମାନେ ଅନ୍ଧାରରେ ରଖିଥିଲେ ତା ଜେଜେ ମା ଠାକୁରଙ୍କ ଦୀକ୍ଷା ନେଇ ମଠରେ ରହୁଛନ୍ତି ବୋଲି । ବଂଚିଥିଲା ବେଳେ ତ ମାଉସୀ ତା ପୁଅ ବୋହୂ ନାତିକୁ ଦେଖିପାରିଲାନି । ବିଚାରୀଟା ଝୁରି ଝୁରି ଚାଲିଗଲା ଆର ପାରିକୁ । ନାତି ହାତରୁ ମୁଖାଗ୍ନି ପାଇ ମୁକ୍ତି ପାଇଯାଇଥିବ ।

ତାହେଲେ ଏମାନେ ଏଠିକି କେମିତି ଆସିଲେ, ଉତ୍କଣ୍ଠାରେ ପଚାରିଲି ମୁଁ । ବୁଢ଼ୀ ମରିବାର ଚାରି ପାଞ୍ଚ ମାସ ପରେ ସେ ଟୋକା ତା ବାପା ବୋଉକୁ ଏଠି ଛାଡ଼ିକି ଯାଇଛି, ଗୋଟେ ଶିକ୍ଷା ଦେବାପାଇଁ । ଏପର୍ଯ୍ୟନ୍ତ ମା ମରିବା କଥା ଜାଣିନାହାନ୍ତି ଏମାନେ ।

ସବୁକିଛି ମତେ ଲାଗୁଥିଲା ସ୍ୱପ୍ନପରି । ସତରେ କ'ଣ ଏମିତି ଘଟିପାରେ ? ଅବଶ୍ୟ କର୍ମଫଳ ବୋଲି ଜିନିଷଟି ଯୁଗଯୁଗ ଧରି ଆସିଛି । ହେଲେ ଏତେ ଜଲଦି ? ଉପରକୁ ହାତ ଟେକି ଦେଇ କହିଲି, ଧନ୍ୟରେ କାଳିଆ, ଧନ୍ୟ ତୋ ଲୀଳା । ଦେଇଦେଲୁ କର୍ମଫଳ ଏଇ ଜନ୍ମରେ । ବିବେକ, ବୁଦ୍ଧି, ବିଚାରଶକ୍ତି ପାଇଁ ଏ ମଣିଷ ପରା ତୁମ ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲାଉଛି । କୁକୁର, ବିଲେଇ ଭଳି ଇତର ଜୀବନ ଯୋଉଠି ମଣିଷର ସାମାନ୍ୟ ଉପକାରର ପ୍ରତିବଦଳରେ ନିଜ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ସେବାରେ କଟେଇଦେଉଛନ୍ତି, ସେଠି ଏ ଶ୍ରେଷ୍ଠ ଜୀବନ ମଣିଷ ନିଜ ଜନ୍ମ କଲା ବାପା, ମା'ଙ୍କୁ ବୋଝ ଭଳି ଭାବି ଏତେ ହୀନିମାନ କେମିତି କରିପାରୁଛି ? ସତରେ କ'ଣ ଏ ସମସ୍ୟାର ସମାଧାନ ନାହିଁ ?

ନିଜ ପୁଅ ବୋହୂକୁ ଅଭିଶାପ ପରେ ଅଭିଶାପ ଦେଉଥିବା ଏ ମଉସା ମାଉସୀ କେବେ ବୁଝିବେ ଏସବୁ କିଛି ସେମାନଙ୍କର କର୍ମର ଫଳ ଏଥିରେ ଦ୍ୱିମତ ନାହିଁ ।

ସେଥିପାଇଁ ପରା କଥାରେ ଅଛି –

ପିତାମାତା ଠାରୁ ବଡ଼ ଦେବତାକେ ସରଗ ରାଇଜେ ନାହିଁ

ତାଙ୍କରି ଆଶିଷ ସାହା ଏକା ସିନା ବିପଦୁ ତରିବା ପାଇଁ ।

ଭୁବନେଶ୍ୱର ।

# ମୁଁ ଜଣେ ମଧ୍ୟବିତ୍ତ

- ଛବିରାଣୀ ପତ

"ଫମ୍ପା ମାଠିଆର ଶବଦ ବେଶୀ" କ'ଣ ନାଁ.... ଚାକିରିଆ । ହଇଓ କି ଚାକିରୀ..! ଦରମା କେତେ...!! ଆଉ ସେଥିରେ କେଇ ଘଣ୍ଟାର ଖଟଣି.. । ସେତକ କେହି ଦେଖିବେନି । ଖାଲି ବରାଦ ଉପରେ ବରାଦ । ଆକ୍ରାନ୍ତ ହୋଇଗଲାଣି ମଣିଷଟା । ଏହିପରି ଗରଗର ହୋଇ ରମେଶ ସୋମାଙ୍କୁ କହିଲେ - କାଇଁ, ଟଙ୍କା କାଇଁ? ତମ ପାଖରେ ଯଦି ଅଛି, ଯେତେ ଯାହା ଅଛି ଦିଅ । କଣ ମାହାଳିଆକୁ ମୁହଁ ଦେଖେଇବାକୁ ଯିବି ନା କ'ଣ ସେଠିକି ? ସେଇଟା ମେଡ଼ିକାଲ ସବୁଥିରେ ଦରକାର ଖାଲି ଟଙ୍କା । କାହାକୁ ମାଗିବି ସେଠି ? କିଏ ଆଉ ଥିବ ଯେ ସେଠି ? ମୋ ର ତ ଜାହାଜ ଚାଲିଛି ଆଉ । ବାପା ଅଜା ପୋତା ସମ୍ପତ୍ତି ମୋର ଅଛି, ନାଁ.... । ମୁଁ କାହାର ବ୍ୟାଙ୍କ । ସେଥିରେ ବି ଭରଣ କରେ ନାନାଦି ଉପାୟରେ ସରକାରଙ୍କର ଖାଲି କର ଆଉ କର । ଅନିଚ୍ଛାକୃତ ଭାବେ ଖୁସି ହୋଇଯାଏ ମୋର ଏହି ସୀମିତ ବେତନ ମଧ୍ୟରେ । ସେତକ ବି ଆଜି ପାଖରେ ନାହିଁ । ଯାହିତାହି ଝିଙ୍କା ଓଟରାରେ ଚଳି ଯାଉଥିଲା ତେଲଲୁଣର ସଂସାର । ହେଲେ, ଏଣିକି ମୁଣ୍ଡରେ ପଡ଼ିବ ଚଡ଼କ ।

ସୋମା କହିଲା ଭାଉଜଟା ପିଲା ଛୁଆଙ୍କୁ ଧରି କାନ୍ଦି ବୋବେଇ ଫୋନ୍ କରିଛି । ବଡ଼ ଭଉଣୀ ହେଇ, ସାନ ଭାଇଟିର ଭଲ ମନ୍ଦରେ ଠିଆହେବା କ'ଣ... ଏତିକି କଥାରେ ଚିଇଁକି ଯାଇ ରମେଶ ଆଉ ଯାହାଥିଲା ଅସନ୍ତୋଷରେ ଗାଳି ପକାଇଲେ । ଅନ୍ୟ କାହାଠୁ ଛାଡ଼, ଖୋଦ୍ ସରକାରଙ୍କର ବି କୌଣସି ଯୋଜନା ଭିତରେ ମୁଁ ଆସେ ନାହିଁ । ନାଁ ବିଜୁଳି, ନାଁ ଗ୍ୟାସ୍ । ନାଁ ସାଇକେଲ, ନାଁ ଲ୍ୟାପଟପ୍ । ଟଙ୍କିକିଆ ଚାଉଳ ନାଁ ଗହମ କାରଣ କ'ଣ.. ମୁଁ ଏକ ମଧ୍ୟବିତ୍ତ । ଆଣିବି କୋଉଠୁ ? ମାସ ଶେଷକୁ ଧାର ଉଧାର । ଏତେ ଭାଷଣ ଶୁଣିଲାପରେ ସୋମା ସମସ୍ତଙ୍କ ଅନ୍ତରାଳରେ ଲୁଗା ଅଲ୍ଲିରାରୁ ଲୁଚାଇ ରଖିଥିବା କେଇ ଟଙ୍କା ଆଣି ରମେଶଙ୍କ ହାତକୁ ବଢ଼ାଇଦେଲା । କହିଲା ନିହାତି ଆବଶ୍ୟକରେ ଖର୍ଚ୍ଚ କରିବ । ପହଞ୍ଚିକି କ'ଣ ହେଇଛି ମତେ ଟିକେ ଫୋନ୍ କରି ଜଣେଇବ । ନହେଲେ ମନଟା ସେମିତି ଗୋଳେଇ ହଉଥିବ ମୋର । ଏତିକି କହି ହାତକୁ ବଢ଼େଇଲା ଗୋଟି ଗୋଟି କରି...ଗାଡ଼ି ଚାବି, ହେଲମେଟ, ମାସ୍କ ଆଉ ମୋବାଇଲ । ଗାଡ଼ିର କାଗଜ ପତ୍ର ନବାକୁ ତାଗିଦ୍ ବି କରିଦେଇ କହିଲା, ନହେଲେ ଘରୁ ବାହାରୁ ଫାଇନରେ ସରିଯିବ ଟଙ୍କା ତକ ।

ଅରିକ୍ଷିତକୁ ଦଇବ ସାହା ଆଜି କାହା ମୁହଁ ଚାହିଁଥିଲି କେଜାଣି ସକାଳଟାରୁ । ଭାଉଜଟା ମୋର କି ବିକଳ ହୋଇ କାନ୍ଦୁଥିଲା ସତେ । ତା ପାଗେଳାମି କଥାରୁ ମୁଁ ଏତିକି ଜାଣିଲି ଯେ ବାପା କର୍କଟ ରୋଗରେ ବଡ଼ ମେଡ଼ିକାଲରେ ପଡ଼ିଥିଲେ ଆଉ ଏବେ ପୁରା ଶିରିଏସ୍ । ଭାଇ ତାଙ୍କ ପାଖେ ଦେଖାଶୁଣା କରୁଥିଲା । ତାକୁ ବି କୁଆଡ଼େ କରୋନା ହୋଇଯାଇଛି । କାହା କଥା ବୁଝିବାକୁ ଏବେ ଆଉ କେହି ନାହାନ୍ତି ସେମାନଙ୍କ ପାଖରେ । ଆଡ଼େ ଅଭାବକୁ... ସିଆଡ଼େ ରୋଗର ଦାଉ । ତୁମେହିଁ ଭରଷା ପ୍ରଭୁ । ଭାବୁ ଭାବୁ..ଏତିକିବେଳେ ଭୁସ କିନା ଘରକୁ ପଶିଆସିଲେ ସ୍ୱାମୀ ରମେଶ ।

ସୋମା କହିଲା - କହିଥିଲି ଏତେକରି କଣ ହେଇଛି ସେମାନଙ୍କର ପହଞ୍ଚିକି ମତେ ଟିକେ ଫୋନ୍ କରି ଜଣେଇବ ବୋଲି । ରମେଶ କହିଲେ କ'ଣ ଆଉ ହବ । ଯାହା ତୁମେ ସକାଳେ ଶୁଣିଥିଲ ।

ସେମାନେ ଏବେ କ'ଣ କରିବେ ? ବିଚଳିତ ହୋଇ ସେମା ପ୍ରଶ୍ନ କଲା । ହାଲିଆ ହୋଇ ହସପିଟାଲରୁ ଫେରିଥିବା ରମେଶ ଚାହୁଁଥିଲେ କେମିତି ଶୀଘ୍ର ସେ ଗାଧେଇ ପକେଇବା ପରେ କ'ଣ ଟିକେ ଖାଇବେ । ସକାଳ ଆଠଟାରୁ ଯାଇଥିଲେ ଯେ

ଫେରିଲା ବେଳକୁ ଏଇ ସନ୍ଧ୍ୟା ସାଢ଼େ ଚାରି ବାଜିଲାଣି ।

ବିରକ୍ତ ହୋଇ ରମେଶ ଚିଡି ଉଠିଲା ଆଉ କହିଲା – ସେମାନେ ଯାହା ରଖିବେ ସେମାନେ ସେ କଥା ବୁଝିବେ, ତମକୁ ଏତେ ଚିନ୍ତା କାହିଁକି ? ଲୋକଟା ଦିନସାରା କୋଉଠି ପାଣି ଟୋପେ ପିଇଛି କି ନାହିଁ ପଚାରିବା ତ ଦୂରର କଥା ହାତକୁ ଗାମୁଛାଟିଏ ବି ବଢ଼େଇବାକୁ କଷ୍ଟ ହେଉଛି । ବାଇମୁଣ୍ଡିକୁ.. ।

ସୋମା କିଛି କହିଲାନି । ଚେୟାର ଉପରେ ଆଣି ଟୱେଲ ଥୋଇ ଦେଉ ଦେଉ କହିଲା – ଖାଇବା ସବୁ ତ ଥଣ୍ଡା ହୋଇଯାଉଛି । ଟିକେ ଅପେକ୍ଷାକର ଗରମ କରିଦେବି ।

ରମେଶ ଗାମୁଛା ନେଇ ଗାଧୁଆ ଘରକୁ ପଶି ଯାଉ ଯାଉ କହିଲେ, ଶିଘ୍ର କର ମୋ ପେଟ ଜଳିଲାଣି ।

ଖାଉଥାନ୍ତି ରମେଶ, ଆଢ଼େ କହି ପକାଉଥାନ୍ତି.. ସିଏ ତ ହେଲେ ସରକାରଙ୍କ ଆୟୁଷ୍ମାନ ଭାରତର ୫୦କୋଟିଙ୍କ ଭିତରୁ ଜଣେ । ମାଗେଣା ଚିକିତ୍ସା, ନ୍ୟାୟ ଭିତ୍ତିକ ୭୨୦୦୦ ଟଙ୍କାର ହକଦାର । ହେଲେ ମୁଁ । ହେଇ ଦେଖ, କେମିତି ଏ ଲକ୍ ଡାଉନ୍, ସଟ ଡାଉନ୍‌ରେ ଆମ ପରିସ୍ଥିତି ଡାଉନ୍ ହୋଇଗଲାଣି । ଏବେ ଚଳିବା କେମିତି ? ଘର ଡିହ ଖଣ୍ଡେ ନାହିଁ କି ଚାଷ ଜମି ଖଣ୍ଡେ ବି ନାହିଁ । ଭାବୁଥିଲି କିଛି ପିଲାଙ୍କୁ ଟିଉସନ ଦେବି । ହେଲେ ତାହାବି ହେଇପାରିବନି ଏ ପରିସ୍ଥିତିରେ । ମାଗିଲେ କରଜ ବି ଆଉ ମିଳୁନି । ସମସ୍ତଙ୍କର ଏଇ ଏକା ଅବସ୍ଥା । କାହା କଥା ଚିନ୍ତା କରିବାକୁ ଆଉ କାହାରି ସାହାସ ବି ପାଉନି । ସେଥିରେ ତୁମର ଖାଲି ବାପା ଭାଇଙ୍କ ଚିନ୍ତା । ସେମାନଙ୍କ ପାଇଁ ସରକାର ସଜାଗ ଅଛନ୍ତି । ମୁଁ ବି ଯାହା କରିବା କଥା ଢ଼େର୍ କଲିଣି ...ଏ କୁଜି ଟାଉଟରମାନଙ୍କ ବାଟମାରେଣାରୁ ତାଙ୍କୁ ରକ୍ଷା କରିବାକୁ ଯାଇ । ଆଉ ସେ ଚିନ୍ତା କରନି । ଯାହା ହବାର ଥିବ ହବ । ଏବେ ଘର କେମିତି ଚଳିବ ଆଉ ପିଲାମାନେ କେମିତି ପାଠ ପଢ଼ିବେ, ସେଇକଥା ଚିନ୍ତାକର । ଏବର୍ଷ ଆଉ ସ୍କୁଲ ଖୋଲିଲା ପରି ଲାଗୁନି । ସଞ୍ଚିତ ଟଙ୍କା ଦେଇ ଲ୍ୟାପଟପ୍ ଫୋନ କିଣିଲି । କ'ଣ ନା ଅନଲାଇନ୍ କ୍ଲାସ୍ ହବ । ଛତୁଟା ହଉଛି । ଖାଲି ଘରେ ବସିବା ସାର୍ ଆଉ ପଇସା ଗୁଡ଼ା ପାଣିରେ ପଡିଗଲା ବୋଲି ଜାଣ । ଆଉ କେତେ ବର୍ଷରେ ରିଟାଏଡ୍ କରିଯିବି । ପିଲାଙ୍କ ପାଠ, ଘରଭଡ଼ା ଏ ବିଲ ସେ ବିଲ ରାସନ ମରିଯିବା ଓପାସରେ ଆଉ କିଛି ଦିନ ଏମିତି ରହିଲେ ପରିସ୍ଥିତି । ଅନ୍ତତଃ ଏତିକି ତ ଚିନ୍ତାକର ନିଜ ପାଇଁ ? ଅସମ୍ଭାଳ ହୋଇଗଲେ ପୁଣି ସେ ଥାଳି ଧରି ଦାଣ୍ଡରେ ବସିବାକୁ ହେବ ଆମକୁ କାରଣ ଆମେ ମଧ୍ୟବିତ୍ତ ।

ବିରିଡ଼ି, ଜଗତସିଂହପୁର ।


**ଶରତ କୁମାର ସାହୁଙ୍କର ଉପନ୍ୟାସ**

**"କାଳପୁରୁଷ"**

**ଠିକଣା**

**ମହାନଦୀବିହାର, କଟକ**

# ମୁଁ ହଜାର ପ୍ରେମିକଙ୍କ ପ୍ରେମିକା

- ସରୋଜ କୁମାର ଜେନା

କଟକ ଚୌଧୁରୀ ବଜାରରେ ମାମୁଁଙ୍କ ପାଖରେ ରହି ସୁଦାମ ଫଳ ବେପାର କରି ଆଜି ଗୋଟେ ଭଲ ଚଳନି ଚଳୁଛି । ପରିବାର ସେଥିରେ ଗୁଜୁରାଣ ମେଣ୍ଟାଉଛନ୍ତି । ଆଜିକାଲି ଚାକିରି ପଛରେ ସେ ନ ଗୋଡ଼େଇ ଏହି ଧନ୍ଦାକୁ ଆପଣେଇ ନେଇଥିଲା ।

କିଛିଦିନ ଗଲାପରେ ନିଜ ଗାଁ ଆଠଗଡ଼ର ସୁବର୍ଣ୍ଣପୁରକୁ ଆସିଲା କିଛି ଦିନ ରହି ଯିବ ବୋଲି ଆସିଥିଲା । ଗାଁ ପିଲା ସୁଦାମକୁ ଦେଖି ବହୁତ ଖୁସି ହେଇ ଯାଉଥିଲେ । କ'ଣ ଭାଇ ଏତେ ଦିନ ପରେ ଗାଁ କଥା ମନେ ପଡ଼ିଲା । ସୁଦାମ କହୁଥାଏ ନା'ରେ ଏଇ ଏମିତି ଟିକିଏ ବ୍ୟସ୍ତ ରହୁଛି । ପିଲାମାନେ କହିଲେ ଭାଇ ଆଉ ଚାଲ ଆଜି ଟିକିଏ କଲେଜ ଆଡ଼େ ବୁଲି ଆସିବା । ସୁଦାମ କହିଲା ହେ ମୋତେ ସେହିକଥା ବିଲକୁଲ କୁହନି । ଏଇ ଦେଖୁନ ମୁଁ ଯୁକ୍ତ ଦୁଇ ପଢ଼ି କେତେ ତାଡ଼ି ପକେଇଲି । ଏମିତି କହି କହିଲା ତୁମେ ସବୁ ଯାଅ । ମୁଁ ଯାଉଛି ଛକକୁ ଯିବି କିଛି ଘର ପାଇଁ ସଉଦା କିଣି ଧରି ଆସିବି । ସଉଦା ପାଇଁ ଯାଇ କିଛି ସାଂଗଙ୍କ ସହିତ ହସି ଗୋଟିଏ ଚାହା ଦୋକାନରେ ଚାହା ପିଉଥାଏ । ହଠାତ୍ ସମ୍ମୁଖ ବହି ଦୋକାନକୁ ଗୋଟିଏ ଝିଅ ଆସିଲା ସାଇକେଲ ଧରି ସୁଦାମ ବୁଲି ଦେଖେତ ତାକୁ ସେ ଝିଅ ସୁଦାମକୁ ଦେଖି କିଛି ସମୟ ଚାହିଁ ରହିଲା ଆଉ ଶେଷରେ ହସି ଦେଇଗଲା । ଏଇ କଥା କିନ୍ତୁ ସେ କାହାର ସାଂଗମାନଙ୍କୁ କହୁନଥାଏ । ସେଦିନ ଗଲାପରେ ତା'ର ପରଦିନ ପିଲାଙ୍କ ସହିତ ଗାଁ ମୁଣ୍ଡ ପଡ଼ିଆ ଆଡ଼େ ସୁଦାମ ଯାଇଥାଏ ଖେଳିବାକୁ । ସନ୍ଧ୍ୟା ସମୟରେ ଫେରି ଆସିଲା ବେଳକୁ ପୁନଶ୍ଚ ସେହି ଝିଅକୁ ଦେଖିଲା । ପୁଣି ସେ ଝିଅ ହସି ଦେଇ ଘର ଭିତରକୁ ଚାଲିଗଲା । ସେଦିନ ସୁଦାମ ଜାଣିବାକୁ ପାଇଥିଲା ଏହି ଝିଅଟି ଆମ ଗାଁର । ଏହି ସୁବର୍ଣ୍ଣପୁର କଲେଜରେ ପାଠ ପଢୁଛି । ଘର ଉପର ସାହିରେ ରମେଶ ମାଝି ଝିଅ, ନାଁ ତାର ରତ୍ନପର୍ଣ୍ଣା ମାଝି ।

ଚାରିପାଞ୍ଚଦିନ ଗଲାପରେ ଦିନେ ସୁଦାମ କଲେଜ ବାଟ ଦେଇ ଯାଉଥାଏ । ସେହି ସମୟରେ ସେ ଝିଅକୁ ଦେଖିଲା ଆଉ ଯାଇ ପଚାରିଲା ତୁମେ ମୋତେ କାହିଁକି ଏମିତି ଦେଖିକି ହସୁଚ । ମୁଁ କ'ଣ କିଛି କରିଛି କି? ଏହା ଶୁଣି ପୁଣି ରତ୍ନ ହସିଦେଲା । ଏମିତିରେ ସୁଦାମ ପୁଣି ଆଚମ୍ଭିତ ହୋଇଗଲା । ଆଉ କହିଲା ଆରେ ଏ କ'ଣ ମୁଁ କ'ଣ ପଚାରୁଛି ପରା । ରତ୍ନ କହିଲା ହଁ ତୁମେ କରିଛ ଗୋଟେ ଚୋରି । ସୁଦାମ ଶୁଣି କହିଲା ମୁଁ ପୁଣି ଚୋରି । ତୁମ ମୁଣ୍ଡ ଖରାପ ନା କ'ଣ । ରତ୍ନ କହିଲା ତୁମେ ବା ମୋ ମନ ଚୋରି କରିଛ । ଦସୁଦାମ କହିଲା ତୁମେ ଏମିତି କ'ଣ ଦେଖିଲ ଯେ ମୋତେ ଏତେ ପସନ୍ଦ କରୁଛ । ଏମିତି କହି ସୁଦାମ ଠାରୁ ଫୋନ ନମ୍ବର ମାଗି ନେଇ ଗଲା । ଆଉ କହିଲା ରାତିରେ ମୁଁ ଫୋନ୍ କରିବି । ମୋ ଫୋନ ଉଠେଇବ । ଏହା ଶୁଣି ସୁଦାମ ଜଳଜଳ ହୋଇ ଚାହିଁ ରହିଥାଏ । ମନେ ମନେ ଭାବିଲା ମୁଁ ଏହା ସ୍ୱପ୍ନ ଦେଖୁନି ତ ।

ରାତି ହେଲା ରତ୍ନ ଫୋନ କଲା ଆଉ ସୁଦାମ ଉଠେଇ କଥା ହେଲା । ରତ୍ନ କହିଲା ମୁଁ ତୁମକୁ ଭାରି ଭଲପାଏ । ଆଉ ବାହା ହେବାକୁ ଚାହେଁ । ତୁମେ କହିଲ ସୁଦାମ ମୋତେ ତୁମେ ଭଲ ପାଅ ନା ନାହିଁ । ସୁଦାମ କହିଲା ମୋ ଠାରେ ଏମିତି କ'ଣ ଦେଖିଲ ଯେ । ଗୋଟେ ଗରିବ ପୁଅକୁ ଭଲ ପାଇ ବସିଲ । ତୁମେ ତ ଆମଠାରୁ ବହୁତ ଭଲ ଘରର ଝିଅ । ଅମାପ ସମ୍ପତ୍ତି ତୁମର । ଆମେ ଗରିବ ଅସହାୟ । ମାଟି ମୋର ରୋଗଣି । ବାପା ତ ଆର ପାରିକୁ ଚାଲିଯାଇଛନ୍ତି । ଏହା ଶୁଣି ରତ୍ନ କହିଲା ତୁମେ ଏ କ'ଣ କହୁଛ । ମୁଁ ତୁମ ଗୁଣକୁ ଦେଖି ଭଲ ପାଉଛି । ସୁଦାମ କହିଲା ତୁମେ ସତ କହୁଛ । ରତ୍ନ କହିଲା ହଁ ମୁଁ ସତ କହୁଛି । ସୁଦାମ କହିଲା ହଉ ଠିକ୍ ଅଛି । ତାହେଲେ ମୋତେ କେବେ ଠକିବନି । ରତ୍ନ କହିଲା ନାଇଁ କେବେ ନୁହେଁ ।

ଧୀରେ ଧୀରେ ଉଭୟଙ୍କ ପ୍ରେମ ଚାଲିଲା । ତତ୍ ସହିତ ସୁଦାମ କଟକ ଯାଇ ପୂର୍ବ ଭଳି ଫଳ ବେପାର କରୁଥାଏ । ରାତିରେ ମଝିରେ ମଝିରେ ଫୋନ କରି କଥାହୁଏ । କିନ୍ତୁ ଦିନ ତମାମ ବେପାରରେ ଫାଙ୍କା ସିନା ମିଳିଲେ ଫୋନ କରନ୍ତା । କିଛି ଦିନ ଗଲାପରେ ପ୍ରାୟ ରାତିରେ ସୁଦାମ ସହିତ ଆଗ ଭଳି କାଇଁ ଆଉ ସୁଦାମ ପାଖକୁ ଫୋନ୍ ଆସୁନଥାଏ । ସୁଦାମ କିଛି ଜାଣି ପାରିଲା ନାହିଁ । କିଛି ଦିନ ଗଲାପରେ ଗାଁକୁ ଆସିଲା ସୁଦାମ ଟିକିଏ ବୁଲା ବୁଲି କରି ରୋଗଣା ମା'କୁ ଟିକିଏ ଦେଖା କରିଯିବ ।

ଗୋଟେ ଦିନ ସକାଳୁ ଫୋନ୍ କଲା ରତୁ ଆଜି ଟିକିଏ ଦେଖା ଦିଅନ୍ତ ନାହିଁ । ମୁଁ ବା ଗାଁକୁ ଆସିଚି । ତୁମକୁ ପ୍ରାୟ ଦିନହେବ ଦେଖିନାହିଁ । ମୋତେ ଜମା ଭଲ ଲାଗୁନାହିଁ । ଏମିତିରେ ରତୁ କହିଲା ନା ମୁଁ ଆଜି ଟିକିଏ ବ୍ୟସ୍ତ ଅଛି । ମୁଁ ଯାଇ ପାରିବି ନାହିଁ । ମୋର ଟିକିଏ ଆଖି କୁଣ୍ଡେଇ ହେଉଛି । ଆଠଗଡ଼ ମେଡ଼ିକାଲ ଆସିଛି । ସୁଦାମ କହିଲା କାହା ସାଥିରେ ଯାଇଛ । ରତୁ କହିଲା ସାନୁ ଭାଇ ସାଥିରେ । ସୁଦାମ ଶୁଣି ଏକଥା ଶୁଣି ଯେ ସିଏ କିଏ । ରତୁ କହିଲା ସେ ମୋ ଭାଇ ହେବ । ମୋ ବୋଉ ତାକୁ ପୁଅ କରିଛନ୍ତି । ସୁଦାମ କହିଲା ଆଚ୍ଛା ହେଉ ।

ମଝିରେ ମଝିରେ ସୁଦାମ ସାଥିରେ କଥା ହେଉଥାଏ ରତୁ । କିଛିଦିନ ଗଲାପରେ ସୁଦାମ ପଚାରିଲା ସତ କହିବ ରତୁ ମୋ ପୂର୍ବରୁ ତୁମେ ଆଉ କାହାକୁ ମନ ଦେଇନ ଥିଲ ? ରତୁ କହିଲା ହଁ ସତ କହୁଛି ମୋ ବାପା ରାଣ ଖାଇ  କହୁଛି ଦୁଇଜଣ ମୋତେ ପ୍ରେମରେ ଠକିଛନ୍ତି କିନ୍ତୁ ତୁମ ଭଳି ପିଲା ପାଇଲାପରେ ତାଙ୍କୁ ଘୃଣା ମୁଁ କରି ତାଙ୍କୁ ମୋ ଜୀବନରୁ ଦୂରେଇ ଦେଉଛି । ସୁଦାମ କହିଲା ତୁମେ ସତ କହୁଛ । ରତୁ କହିଲା ତୁମେ ମୋତେ ଅବିଶ୍ୱାସ କରୁଛ କି ? ସୁଦାମ କହିଲା ନାହିଁ ଯେ । ରତୁ କହିଲା ଆଉ ତାହେଲେ କ'ଣ ମୋତେ ଗ୍ରହଣ କରିବନି । ସୁଦାମ କହିଲା ନାହିଁ ସେମିତି କିଛି ନାହିଁ । ତୁମେ ମୋ ଜୀବନ ।

ଦିନେ ସୁଦାମ ସାଂଗମାନେ ସନ୍ଧ୍ୟାବେଳେ ଅଂଶୁପା କୂଳରେ ବସିଥାନ୍ତି । ଆଉ ସୁଦାମକୁ ପଚାରିଲେ ଆରେ ଆମେ କ'ଣ ଶୁଣୁଛୁ ତୁ କାହାକୁ ଗୋଟିଏ ଭଲ ପାଉଛୁ । ସୁଦାମ କହିଲା ନାଇ ମ ସେ କିଛି ନୁହେଁ । ଆଉ ଏମିତି କହି ସୁଦାମ ନିଜ ସାଂଗ ରୋହନକୁ କହିଲା ଟିକିଏ ମୋବାଇଲ ଟା ଦେଲୁ । ମୋ ଫୋନ ଆଣିନି । ଟିକେ ଘରକୁ କଲ କରିବି ।

ସେଠୁ ସୁଦାମକୁ ରୋହନ ଫୋନଦେଲା । ସେହି ସ୍ଥାନରୁ ଟିକିଏ ଦୂରରେ ରତୁ ନମ୍ବର ମାରି ରତୁ ପାଖକୁ କଲ କଲାବେଳେ ରତୁ ନମ୍ବର ମୋହନ ମୋବାଇଲରେ ସେଭ୍ ହୋଇଥିବା ଦେଖାଇଲା । ସେଠୁ ଆଉ ଫୋନ୍ ନକରି ରହିଗଲା । ଆଉ ରାତିରେ ଫୋନ କରି ପଚାରିଲା ରୋହନ ତୁମର କ'ଣ ହେବ କି ? ଏମିତିରେ କହିଲା ସେ ଭାଇ ସାଂଗ ହେବ । ରତୁ କହିଲା ତୁମେ ଏ ପ୍ରଶ୍ନ କାହିଁକି ପଚାରୁଛ ? ସୁଦାମ କହିଲା ନାଇଁ ସେ କିଛି ନୁହେଁ । ରତୁ କହିଲା ତୁମେ ମତେ ସନ୍ଦେହ କରୁଛ ନା କ'ଣ ? ସୁଦାମ କହିଲା ନାହିଁ  ମୁଁ କିଆଁ ସନ୍ଦେହ କରିବି ।

ପ୍ରାୟ ଦଶ ବାରଦିନ ଗଲାପରେ ଚାରି ପାଞ୍ଚଜଣ ସାଂଗ ଅଂଶୁପା ତୋଟାରେ ଭୋଜି କରୁଥିଲେ । ସୁଦାମର ସାଂଗ ଦେବବ୍ରତ କହିଲା ଆରେ ସାଂଗ ବହୁତ ଦିନ ପରେ ଆଜି ଗୋଟେ ମଜା କଥା କହିବି । ସୁଦାମ କହିଲା କ'ଣ ଦେବବ୍ରତ ନିଶାରେ ଥାଇ କହିଲା ମୁଁ ଗୋଟେ ଝିଅକୁ ଭଲ ପାଉଛି । ଆଉ ତା ସହିତ ଏମିତିରେ ଶାରିରୀକ ସଂପର୍କ ବି ରଖି ସାରିଲିଣି । ଏହି କଥା ଶୁଣି ସୁଦାମ କହିଲା ତୁ ଏ କ'ଣ ସାଂଗ କହୁଛୁ । ଝିଅର ଜୀବନ ସାଥିରେ ଏମିତି ଖେଳ ଖେଳିବା ଠିକ୍ ନୁହେଁ । ଦେବବ୍ରତ କହିଲା ଆରେ ମୁଁ ଜାଣିଛି ମୁଁ କ'ଣ କରିବି । ସେ ଝିଅ ତ ସବୁବେଳେ କାମନା ଚାହିଁଲା । ଏହି କଥା ଶୁଣି ସୁଦାମ କହିଲା ତୁ ଏ କ'ଣ କରୁଛୁ । ଦେବବ୍ରତ କହିଲା ଆସନ୍ତା ସୋମବାର ମୁଁ ତାକୁ କହିଛି ସେ ତାଙ୍କର ସାଂଗ ସାଥିରେ ଧବଳେଶ୍ୱର ଆସିବ । ତୋର ମୋର ଯିବା ଦେଖା କରିବା ପାଇଁ । ତୁ କ'ଣ କହୁଛୁ କହ । ସୁଦାମ କହିଲା ହଉ ଠିକ୍ ଅଛି ଯିବା ।

ଏମିତିରେ ସେହିଦିନ ସନ୍ଧ୍ୟାରେ ଅଂଶୁପା ପାର୍କରେ ଏକା ବସିଥାଏ ମନକୁ ମାରି କାହିଁକି ଆଗ ଭଳି ରତୁ ସୁଦାମ ସହିତ କଥା ହେଉନି ଆଉ ଫୋନ୍ ପ୍ରାୟ ସମୟ ବ୍ୟସ୍ତ ଦେଖାଉଛି । ଠିକ୍ ଏହି ସମୟରେ ନିଜ ଗାଁ ସାଂଗ ରୋହନ ଆସିଲା ଆଉ କହିଲା

ଆରେ ତୁ କ'ଣ ଏମିତି ମନ ଦୁଃଖରେ ବସିଛୁ । କଥା କଣ । ସୁଦାମ କହିଲା ସେ କିଛି ନାହିଁ । ଏମିତି ଟିକିଏ ବସିଥିଲି । ଏହା ଶୁଣି ରୋହନ କହିଲା କହିବୁ ନା ନାଇ । ସୁଦାମ ସଂଗେ ସଂଗେ କହିଲା । ସମୟ ଆସୁ ଆପେ ମୁଁ ସବୁ କହିବି । ରାତି ହେଲା ଉଭୟ କିଛି ସମୟ ବସି ଘରକୁ ଗଲେ ।

ସୋମବାର ଦିନ ସକାଳୁ ବୁଲେଟ ଧରି ଦେବବ୍ରତ ମୁଖ୍ୟ ରାସ୍ତାରେ ଠିଆ ହୋଇ ସୁଦାମକୁ ଫୋନ୍ କଲା ଆସେ ଶୀଘ୍ର ଯିବା । ତାର କଥା ଶୁଣି ବେଗେ ବାହାରି ସାଥି ହୋଇ ଗଲେ ଧବଳେଶ୍ୱର । ଆଉ ସେଠି ପହଞ୍ଚି ଅପେକ୍ଷା କରି ରହିଲେ ଉଭୟ । ଏମିତିରେ ଦୁଇ ସାଂଗ ବସି କଥାହଉଥାନ୍ତି କେତେ ବେଶି ଆଉ ଆସିବେ । କିଛି ସମୟ ଗଲାପରେ ଦେବବ୍ରତ ପ୍ରେମିକା ତା'ର ସାଂଗ ସାଥିରେ ପହଞ୍ଚିଲା । ଏହି ସମୟକୁ ଟିକିଏ ଅଲଗା ଆଡ଼େ ବୁଲିବାକୁ ଚାଲିଯାଇଥିଲା ସୁଦାମ । ସେହି ସମୟରେ ଦେବବ୍ରତର ପ୍ରେମିକା ପଚାରିଲା ତୁମେ ଏକା ଆସିଛ କି ? ଦେବବ୍ରତ କହିଲା ନା ମୋର ସାଂଗ ମୋ ସାଥିରେ ଆସିଛି ।

କିଛି ସମୟ ପରେ ଆସି ପହଞ୍ଚିଲା ସୁଦାମ ଆଉ ଦେବବ୍ରତ କହିଲା ସୁଦାମ ତୁ ଦେଖେ ସେ ଯିଏ ପଛକୁ ମୁହଁକରି ଠିଆହୋଇଛି ଆଉ ତାର ସାଂଗ ସହିତ କଥା ହେଉଛି ସେ ମୋ ପ୍ରେମିକା ରତୁ । ଏମିତି କହି ଦେବବ୍ରତ ଡାକିଲା ରତୁ ରତୁ । ରତୁ ନା ଶୁଣି ପ୍ରଥମେ ସକ୍ ଲାଗିଲା ଭଳି ସୁଦାମ ମନରେ ହେଲା । ସଂଗେ ସଂଗେ ଦେବବ୍ରତ କହିଲା ଏଇ ଦେଖ ରତୁ ମୋ ସାଂଗ ଏହା ଶୁଣି ବୁଲି ରତୁ ଦେଖେତ ରତୁ ଓ ସୁଦାମ ଉଭୟ ଆଶ୍ଚର୍ଯ୍ୟ ହୋଇଗଲେ । ବେଶି କରି ସୁଦାମ ପାଦ ତଳୁ ମାଟି ଖସି ଗଲା ଭଳି ଲାଗୁଥାଏ । ସେ ବିଶ୍ୱାସ କରି ପାରିଲା ନାହିଁ । ଏହି ସମୟରେ ଦେବବ୍ରତ କହିଲା ତୁମେ କଥା ହେଉଥାଅ ମୁଁ କିଛି ଆଇସକ୍ରିମ ଧରି ଆସୁଛି । ଏହା କହି ସେଠୁ ଦେବବ୍ରତ ଚାଲିଗଲା । ଆଉ ରତୁ ସାଂଗ ଶ୍ରାବଣୀ ମଧ୍ୟ ଗାଡ଼ି ପାର୍କିଂ କରିବାକୁ ଗଲା । ଠିକ୍ ଏହି ସମୟରେ ସୁଦାମ କହିଲା ତୁମେ ତାହେଲେ ମୋ ସାଂଗ ଦେବବ୍ରତର ପ୍ରେମିକା । ବା ବା ରେ ପ୍ରେମିକା ମାନିବାକୁ ପଡ଼ିବ ତୁମ ବୁଦ୍ଧିକୁ । ମୁଁ ଆଜି ଠିକ୍ ଜାଣି ପାରୁଛି କାହିଁକି ତୁମେ ମୋ ସହିତ ଭଲରେ କଥା ହୁଅନି । ଆଉ କାହିଁକି ତୁମ ନମ୍ବର ବ୍ୟସ୍ତ ଦେଖାଏ । ତୁମେ ଏତେ ତଳକୁ ଖସି ଗଲ ରତୁ । ମୁଁ ଦେବବ୍ରତ ଠାରୁ ସବୁ ତୁମ ବିଷୟରେ ଶୁଣିଛି । ଶେଷରେ ତୁମେ କାମନା ଜ୍ୱାଳାରେ ଅନ୍ଧ ହୋଇ ମୋ ଭଳିଆ ପୁଅକୁ ଠକିଲ । ଏହା ଶୁଣି ରତୁ ହସିହସି କିହଲା । ଏ ସୁଦାମ ତୁ ଶୁଣି ରଖ ମୁଁ ମୋ ସ୍ୱାର୍ଥ ପାଇଁ ଆଜି ପାଲଟିଛି ହଜାର ପ୍ରେମିକଙ୍କ ପ୍ରେମିକା । ମୋ ଭୋକ ପାଇଁ ତୋ ଭଳି ହଜାର ହଜାର ପୁରୁଷକୁ ପ୍ରେମ ଜାଲରେ ଫସେଇ ମୁଁ ମୋ ତୃଷ୍ଣା ମେଣ୍ଟାଉଛି । ତୋ ପାଖରେ କ'ଣ ଅଛି । ଏହି ଦେଖ ତୋ ଆଖି ସାମ୍ନାରେ ଗୋଟେ ପୋଲିସ ଅଫିସର ପୁଅକୁ ଫସାଇ ମୁଁ ତାର ଯୌବନ ଓ ଧନକୁ ଉପଭୋଗ କରୁଛି । ଏହା ଶୁଣି ସୁଦାମ କହିଲା ମୋତେ ଯେଉଁ କହିଥିଲ ବିବାହ କରିବା ପାଇଁ । ତାହା କ'ଣ ମିଥ୍ୟା । ରତୁ କହିଲା ସେସବୁ ମୋ ପାଇଁ ଗୋଟେ ଖେଳଘର ସଦୃଶ ବୁଝିପାରିଲୁ । ତୋତେ ଗୋଟେ କଥା କହୁଛି ମନେ ରଖ ଏହି କଥା ଦେବବ୍ରତକୁ ଜଣେଇବୁ ନାହିଁ ଜଣେଇଲେ ପରିସ୍ଥିତି ବହୁତ ଭୟଙ୍କର ହେବ ।

ଭାରି ମନ ଦୁଃଖରେ ସେଦିନ ଦେବବ୍ରତକୁ ନ ଜଣାଇ ଘରକୁ ଆସିଲା । ଆଉ ରାତିରେ ମନ ଦୁଃଖରେ ଅଂଶୁପା ପାର୍କରେ ବସିଥାଏ । କିଛି ସମୟପରେ ରୋହନ ଆସିଲା । ରୋହନ କହିଲା କଣ କିରେ ଆଜି ଭାରି ଉଦାସ ମନରେ ବସିଛୁ । ସୁଦାମ କହିଲା କ'ଣ କହିବି ସାଂଗ ଆଜି ମୋ ମନ ଭାରି ଭାଂଗି ପଡ଼ିଛି । ଏହା ଶୁଣି ରୋହନ କହିଲା କ'ଣ ହୋଇଛି କହ । ସୁଦାମ କହିଲା ମୁଁ କହିଥିଲି ନା ଦିନ ଆସିଲେ ମୋ ପ୍ରେମ କଥା କହିବି । ଆଜି ଶୁଣୁ ନିଜ ମୋବାଇଲରୁ ରତୁ ଫଟୋକୁ ଦେଖାଇ କହିଲା ଉପର ସାହିର ଏହି ଝିଅକୁ ମୁଁ ଭଲ ପାଉଥିଲି । ସେ ଆଜି ମୋତେ ପ୍ରତାରଣା ଦେଇଛି । ମୋ ଜୀବନ ସହିତ ଖେଳ ଖେଳିଛି ।

ଏହା ଦେଖି ରୋହନ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲା । ରୋହନ କହିଲା ତୁ କ'ଣ କହୁଛୁ ସାଂଗ । ସରଳିଆ ଦେଖି ତୋତେ ବି ଠକିଛି । ଆରେ ଏ ମୋ ସହିତ ବି ପ୍ରେମ କରୁଥିଲା । ଏହି କଥା ଶୁଣି ସୁଦାମ କହିଲା ମୋ ଭାବନା ତାହେଲେ ଠିକ୍ ହେଲା । ତୋତେ ଯେଉଁଦିନ ଫୋନ୍ ମାଗିଥିଲି ଥରେ ଘରକୁ

କଲ କରିବା ପାଇଁ ସେଦିନ ମୁଁ ରତୁ ନମ୍ବର ମାଗିଲା ବେଳେ ତାର ନମ୍ବର ତୋ ମୋବାଇଲରେ ସେଭ୍ ଥିଲ । କିନ୍ତୁ ତୋତେ କିଛି କହିନଥିଲି । ଆଉ ତୋ ବିଷୟରେ ପଚାରିବାରୁ ମୋତେ କହିଥିଲା ତୁ ତା'ର ଭାଇର ସାଂଗ । ଏହି କଥା ଶୁଣି ରୋହନ କହିଲା ଏ ସବୁ ମିଛ । ତୁ ଜାଣିନୁ ସେ ଗୋଟେ ବହୁତ ମାରାତ୍ମକ ଝିଅ । ସେ ବହୁତ ପୁଅଙ୍କ ସହିତ ଖେଳ ଖେଳିଛି । ସୁଦାମ ଏହା ଶୁଣି କହିଲା ଆରେ ସେତିକି ନୁହଁ ଆମ ସାଂଗ ଦେବବ୍ରତକୁ ବି ପ୍ରେମ ଜାଲରେ ଫସେଇ ଦେଇଛି । ରୋହନ କହିଲା ସତେ ନା କ'ଣ । ସଂଗେ ସଂଗେ ଦେବବତ୍ରକୁ ଫୋନ୍ କରି କହିଲେ ସବୁକଥା । ଆଉ ରୋହନ କହିଲା ତୁ ଜାଣିନୁ ସାଂଗ ସୁଦାମ । ସେ ରତୁ କଲେଜରେ ବି ବହୁତ ଧରମ ଭାଇ କରି ତାଙ୍କ ମାନଙ୍କ ସହିତ ବୁଲେ । ଆଉ ଯାହାର କାମନା ଦରକାର ସେ ସଳା ପ୍ରେମର ମୂଲ୍ୟ କାହୁଁ ବୁଝିବ । ସେ ପରା ହଜାର ପ୍ରେମିକଙ୍କ ପ୍ରେମିକା । ଏହା ଶୁଣି ସୁଦାମ କହିଲା ତୁ ସାଂଗ ଠିକ୍ କହିଲୁ । ସେ ହଜାର ପ୍ରେମିକଙ୍କ ପ୍ରେମିକା ।

ବାଲିଝରୀ, ନରସିଂହପୁର ।




# ଗଳ୍ପ ମାଟି ଝୁରେ

- ଦୁଷ୍ମନ୍ତ ବେହେରା

ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି । ସେଇ ଗ୍ରାମରେ ବଟକୃଷ୍ଣ ଦଳେଇଙ୍କ ପରିବାର ବାସ କରନ୍ତି । ପରିବାର କହିଲେ ସ୍ତ୍ରୀ ରାଧାଦେଇ ପୁଅ ମୁନା ଦଳେଇ । ହସ ଖୁସିରେ ଚଳି ଆସୁଥିଲା ବଟକୃଷ୍ଣଙ୍କ ପରିବାର । ସତେ ଯେମିତି ବଟକୃଷ୍ଣଙ୍କ ଚାଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା । ଦିନ ଗୁଡ଼ାକ ବେଳ ସରି ସରି ଯାଉଥିଲା ।

ହଠାତ୍ ପିରବାରରେ ବିପଦ ମାଡ଼ି ଆସିଲା । ବଟକୃଷ୍ଣଙ୍କ ଦେହ ଜ୍ୱରରେ ଖଇ ଫୁଟୁଥିଲା ଭାଗ୍ୟର ଖେଳ ଦାଉ ସାଜିଗଲା ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା । ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ ।

ପରିବାର ଉପରେ ବୋଝଉପରେ ଲଳିତା ବିଡ଼ା ପଡ଼ିଲା ପରି ପଡ଼ିଲା । ସେପାଖେ ପୁଅ ମୁନା ପାଠ ପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସରେ ସେବା କ'ଣ କରି ପାରିବ । କିଛି ଉପାୟ ନପାଇ ରାଧାଦେଇ ସିଲେଇ ମେସିନ୍ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟରେ ଚଳି ଯାଆନ୍ତି ।

ମୁନା ଏପରି ବଦମାସ ହେଉଥିଲା କି ଗାଁ କଳି ଘରକୁ ଆଣୁଥିଲା । ଗାଁ ର ଲୋକେ କିଛି ମୁନା ବିରୋଧରେ ପଚାରି ଆସନ୍ତି । ଛୋଟରୁ ବଡ଼ ପର୍ଯ୍ୟନ୍ତ କିଛି ନା କିଛି ବଦମାସୀ କରେ । ଗରିବ କୁଡ଼ିଆର ମୁନା ଏତେ ବଦମାସ ତଥାପି ଗାଁଲୋକେ ତାକୁ ଭଲ ପାଉଥାନ୍ତି । ଅତି ଶ୍ରଦ୍ଧାରେ ଡାକନ୍ତି ମୁନାରେ.... ।

ଘରର ଦୁଃଖଗୁଡ଼ାକ ଆଖି ଆଗରେ ନାଚି ଉଠୁଥିଲା, ହୃଦୟ ଅନେକ କଥା କହିଦେଉଥିଲା ଏହି ମାଟି ପାଇଁ କିଛି କରିବି । ରାଧାଦେଇଙ୍କ ହାତରେ ଫର୍ମଟିକୁ ଧରି ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କିଛି ଗୋଟେ କରିବି । ଦେଶ ଜାତିର ଟେକ ରଖିବି । ରାଧାଦେଇଙ୍କ ହାତରେ ଥିବା ଫର୍ମ ମୁନା ଆଡ଼କୁ ବଢ଼ାଇଦେଇ କହିଲେ ଏଇ ନେ ସମୟ ଆସିଛି ଚାକିରି ପାଇଁ ଦରଖାସ୍ତ କର ।

କିଛିଦିନ ଗଲାପରେ ଚାକିରିର ଇଣ୍ଟରଭ୍ୟୁର ତାରିଖ ବାହାରିଲା । ମୁନା ଇଣ୍ଟରଭ୍ୟୁ ଦେବା ପାଇଁ ବାହାରିଗଲେ । ଏଇ ବାହାରିବା ବାଟରେ ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ମାଟି ଉପରେ ପଡ଼ି କହୁଥିଲା ତୁ ଯା ଲଂଘିଯା ମୁଁ ତୋ ସାଥିରେ ଅଛି ।

କିଛିମାସ ଗଲାପରେ ଚାକିରି ଚିଠିଟିଏ ଆସି ପହଞ୍ଚିଲା ରାଧାଦେଇଙ୍କ ପାଖରେ । ଚିଠିଟିକୁ ଧରି ଗରିବ କୁଡ଼ିଆରେ ସେ ହସଫୁଟିବ । ଏ ଦୁନିଆ ଦେଖିବ । ଏ ମାଟି କହିବ ତୁ ମୋର ସନ୍ତାନ । ପୁଅ ମୋର ଆଜି ଭାରତର ସୈନିକରେ ଚାକିରି ପାଇଛି ।

ଗ୍ରାମର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ କଥାଟି ଚାରିଆଡ଼େ ଖେଳିଗଲା । ମୁନା କହି ବୁଲିଲା ମୁଁ ଚାକିରି ପାଇଛି । ତୋ ପାଇଁ ଲଢ଼ିବି ଏ ମାଟିର ନାଁ ରଖିବି । ଆଜି ଯିଏ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା । ଭାରତର ସୈନିକରେ ଯୋଗଦେବା ପାଇଁ ଓ ଗାଁର ସମସ୍ତ ଲୋକମାନେ ରେଳ ଷ୍ଟେସନକୁ ଛାଡ଼ି ଆସିଲେ । ଆସିବା ବାଟରେ ଅନେକ କଥା ଗୁଡ଼ିଏ ମନେ ପଡ଼ି ଯାଉଥିଲା । ବଦମାସ ପିଲାଟି ଆଉ କ'ଣ ବଦମାସ ହେବ । କିଏ ଲାଗିବ ଯେ ଆମ ସହିତ କାହା ପାଖକୁ ଯାଇ ଗୁହାରୀ କରିବା । ଏହି କଥା ଭାବୁ ଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ । ମୁନା କହିଲା ମୋ ଗାଁର ବଣ ପାହାଡ଼ ଗଛଲତା ଝରଣା ଓ ଲୋକମାନଙ୍କୁ କହିଦେଇ ଯାଇଛି ସମସ୍ତେ ଭଲରେ ରହିବ ।

ଦୁଇବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚିଠି ଆସି ପହଞ୍ଚିଲା । ରାଧାଦେଇ ଚିଠିକୁ ଖୋଲି ପଢ଼ିଲେ... ।

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ

“ଜୀବନ ଦେଇଛି” । ମୁନା.... ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ ପଶି ଆସୁଥିଲେ । ଶତ୍ରୁ ମାନଙ୍କୁ ପଶାଇ ନଦେବା ପାଇଁ ଦୃଢ଼ ଜବାବ୍ ଦେଇ ସହୀଦ ହୋଇଛି ।

ଜୟହିନ୍ଦ୍ । ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ବୋହି ଆସିଲା । ପାଟିରୁ ଧୀର ସ୍ୱରରେ ବାହାରିଲା ମୁନା...

ଜନ୍ମଭୂମିର ମାଟି ପାଇଁ
ରକ୍ତ ଠୋପା ଦେଇଛୁ
ଏ ମାଟି ତୁମକୁ ଧାରି
ଗର୍ବ କରୁଥିବ ଫୁଲେଇ ହୋଇ ।
ଗାଉଥିବ ଗାଥା ତୁମର
ସ୍ୱର ଶୁଭିବ ଚଉଦିଗେ
ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣେ
ଜନନୀର ଟେକ ଶୁଭୁଥିବ ଭବନେ ।
କ'ଣ କହିବି ଭାରତ ମାଆଲୋ
ଜୀବନ ରକ୍ତ ଦେଇ ତୋ
ଚରଣ ଧୋଇଛି ମୋ ପୁଅ
ମହିମା ତୋହର କୋଟି ମହାନତା
ମୃତ୍ୟୁ କୁ କୋଳେ ଧରି
ମୃତ୍ୟୁକୁ କୋଳେ ଧରି ....

ଭାରତ ମାତାକି ଜୟ ଏତିକି କହି ରାଧାଦେଇଙ୍କ ଆଖିରୁ ଲୁହ ଠୋପେ ଚିଠି ଉପରେ ପଡ଼ି ମାଟିରେ ପଡ଼ିଲା । ଏ ଗାଁ ମାଟି ଏ ବଣ ପର୍ବତ ବୀର ପୁତ୍ରର ସ୍ୱର ଶୁଭୁଥିଲା “ମୁନା” ସେଇଠି ରାଧାଦେଇ ଟଳି ପଡ଼ିଲେ ସବୁଦିନ ପାଇଁ.... ।

ରାସୋଳ, ମୁଣ୍ଡିଆପଷି, ଢ଼େଙ୍କାନାଳ ।




# ଜିତା ନାନୀର କାହାଣୀ

- ରଶ୍ମି ସାମଲ

କ୍ଲାସ ସାରି ଅଫିସରେ ବସିଥିବା ସମୟରେ ପିଅନ ଆସି କହିଲା ଇତୁ ମାଡ଼ାମ ଆପଣଙ୍କ ଆଜି ଡାକରେ ଗୋଟିଏ ନିମନ୍ତ୍ରଣ କାର୍ଡ଼ ଆସିଛି । କାହା କାର୍ଡ଼ ଭାବି ଖୋଲି ଦେଖିଲି । ଜିତା ନାନୀଙ୍କ ପୁଅ ବାହାଘରର କାର୍ଡ଼ ଥିଲା । ହଁ ମଝିରେ ସେ ଫୋନ୍‌ରେ କହିଥିଲେ । ପୁଅର ବାହାଘର ଖୋଜା ଚାଲିଛି । ସନ୍ଧ୍ୟାରେ ପୁଣି ଫୋନ୍ କଲେ ତୁ ସମସ୍ତଙ୍କୁ ଆଣି ଆସି ପହଞ୍ଚିବୁ ।

ହଁ ନିଶ୍ଚିନ୍ତ ଯାଇ ପହଞ୍ଚିବି । ହଁ ନିଶ୍ଚିତ ଯାଇ ପହଁଚିବି କହି ଫୋନ୍ ରଖିଲେ । ମନେ ପଡୁଥିଲା ସେହି ଅଢ଼େଇଶ ବର୍ଷ ତଳର କଥା । ଏମ.ଏ ପାସ ପରେ ଘର ପାଖରୁ ୩୦କିଲୋମିଟର ଦୂର ଗୋଟେ ପ୍ରାଇଭେଟ କଲେଜରେ ନୂଆକରି ଜଏନ କରିଥାଏ । ଚାକିରି ପାଇଁ ବହୁତ ଇଚ୍ଛା ଥିଲା ଦରମା ପ୍ରତି ଧ୍ୟାନ ନଥିଲା । ସେଦିନ ଯାଏ ନକହି ସାରିବା ପରେ ରହିବା ବ୍ୟବସ୍ଥା କିଛି କରିଛ ବୋଲି ଜଣେ ସିନିୟର ସାର ମୋତେ ପଚାରିଥିଲେ । ନାହିଁ ସାର କିଛି ବ୍ୟବସ୍ଥା କରିନାହିଁ । ରହିବା ସୁବିଧା ନହେଲେ ଆଜି ଭାବୁଛି ଘରକୁ ଫେରିଯିବି । ପିଅନକୁ କହି ଆଉ ଜଣେ ମାଡ଼ାମଙ୍କ ସହ ମୋର ରହିବା ବ୍ୟବସ୍ଥା ସାର କରାଇଥିଲେ । ପ୍ରଥମ ଦେଖାରେ ମୋତେ ସେ ମାଡ଼ାମ ଭାରି ଆପଣାର ଲାଗିଲେ ।

ଦେଖିବାପାଇଁ ଯେତିକି ସୁନ୍ଦର ସେତିକି ସରଳ ମଧ୍ୟ ଜଣାପଡୁଥିଲେ । ଯାହା ହଉ ଟିକେ ଆଶ୍ୱସ୍ତି ଲାଗିଲା । ଭାବିଲି ଯାହା ହେଉ ରହିବା ସମସ୍ୟା ମୋର ସମାଧାନ ହୋଇଗଲା । ଘରକୁ ଖବର ଦେଇ ଜିନିଷପତ୍ର ନେଇ ମାଡାମଙ୍କ ରୁମରେ ରହିଲି । ରାତିରେ ବହୁତ କଥା ହେଲୁ ମାଡ଼ାମଙ୍କ ନାଁ ଜ୍ୟୋତିରେଖା ଥିବାରୁ ମୁଁ ତାଙ୍କୁ ଜିତାନାନୀ ବୋଲି ସମ୍ବୋର୍ଦ୍ଧନା କରୁଥିଲି । ମୋଠାରୁ ତିନିବର୍ଷ ସିନିୟର ଥିଲେ । ମୋ ନାଁ ଇତିଶ୍ରୀ ନ ଡାକି ମୋତେ ଇତୁ ବୋଲି ଡାକୁଥିଲେ । ମୁଁ ବହୁତ ଖୁସି ହେଲି । ଜିତା ନାନୀ ତାଙ୍କର ବାପାମା'ଙ୍କର ଗୋଟିଏ ବୋଲି ଝିଅ ଥିଲେ । ବାପା ଓଏସ ଅଫିସର ଥିଲେ । ଏତେ ବଡ଼ ଘରର ଝିଅ ହୋଇ ଚଳଣି ବହୁତ ସରଳ ଥିଲା । ଅଂହକାରୀ ନଥିଲେ । ଆମେ ଦୁଇ ଭଉଣୀ ଭଳି ଚଳୁଥିଲୁ । ସେ ମୋ ବଡ଼ ଭଉଣୀ ଭଳି ମୋତେ ଲାଗିଲେ । ଦିନେ ଏମିତି ବସି କଥା ହେଉ ହେଉ କହିଲେ ଇତୁ ଆମ କଲେଜର ପଲଟିକାଲ ସାଇନସି ସାର ତତେ କେମିତି ଲାଗନ୍ତି ? ଜିତାନାନୀଙ୍କ କଥାରୁ ସ୍ପଷ୍ଟ ବାରି ହୋଇପଡୁଥାଏ ତାଙ୍କ ଦୁର୍ବଳତା ।

ମନେ ମନେ ଭାବିଲି ସେ ସାର ଜଣକ ବହୁତ ଅଂହକାରୀ ଲାଗନ୍ତି । ଜିତାନାନୀ ତାଙ୍କୁ ଯେ ଏତେ ପସନ୍ଦ କରୁଥିଲେ ମୋତେ କାହିଁ ମନେ ହେଉନଥିଲା । ହେଲେ ଜିତାନାନୀ ତାଙ୍କ ପାଇଁ ପାଗଳ କାହିଁକି ? କିଛିସମୟ ଚୁପ ରହିବାପରେ କଥା ପ୍ରସଙ୍ଗରେ କହିଲେ ତୁମ ବାପା ବଡ଼ ଘର ଜ୍ୱାଇଁ ଖୋଜୁଥିବେ । ସେ ସାରଙ୍କର କ'ଣ ଅଛି ଯେ ଚାକିରି ପରମାନେଟ ହୋଇନି । ନାଁ ତାଙ୍କର ଟିକେ ଭଲ ବ୍ୟବହାର । ସେଭଳି ଅଂହକାରୀ ଲୋକଙ୍କ ପାଖରେ କେମିତି ରହିପାରିବ ବୋଲି ଚିନ୍ତା କରୁଛ ? ନାଇଁରେ ଇତୁ ତାଙ୍କୁ କେମିତି ବେଳାରେ ଦେଖିଲି ଯେ ଚାହିଁଲେ ବି ଦୂରେଇ ପାରୁନି । ତୁମେ କ'ଣ ସତରେ ତାଙ୍କୁ ବାହାହେବ ? ଏତିକି କହିବା ପରେ ମୁଁ ଚୁପ ରହିଲି ଆଉ ଦେଖିଲି ତାଙ୍କ ଆଖିରେ ଆଖିଏ ଲୁହ । ମୁଁ ଠିକ୍ ବୁଝିଗଲି ମୁଁ ଭାବୁଥାଏ ଯିଏ ସମ୍ମାନ ଟିକେ ଦେଉନାହାନ୍ତି ସେ ତୁମକୁ ଭଲ ପାଇବେ କେମିତି ? ଦିନେ ଦିନେ ସାରଙ୍କ କଥାରେ ରୁମରେ ଆସି କାନ୍ଦନ୍ତି । ପର ମୁହୂର୍ତ୍ତରେ ସେ ଭୁଲିଯାଆନ୍ତି । ମୁଁ ଭାବେ କେତେ ସରଳ ଜିତାନାନୀ । ଖୁବ ଗେହ୍ଲାରେ ବଢ଼ିଛନ୍ତି । ସେ ଜିତାନାନୀଙ୍କ ପ୍ରତ୍ୟେକ କଥା ଓ କାମକୁ ନାପସନ୍ଦ କରିନ୍ତି ଆଉ ସେ କିଛି ନକହି ହସିଦିଅନ୍ତି । ମୋର ଶନିବାର ଘରକୁ ଯିବାର ଥାଏ । ମୋତେ କହିଲେ ଇତୁ ଏଇ ଶନିବାର ଘରକୁ ଯାଆନି । ରହି ମଜ୍ଜା କରିବା । ମୁଁ ବି ତାଙ୍କ କଥା ଭାଂଗି ନପାରି ହଁ ମାରିଲି ଆଉ ରହିଲି ମଧ୍ୟ ।

ହେଲେ ସେଦିନ ଜିତାନାନୀ ଟିକେ ଟେନସନ


ରହୁଥାନ୍ତି । ରାତି ଆଠଟାବେଳକୁ ଆମ ରୁମ ପାଖରେ ଗୋଟେ ଗାଡ଼ି ଲାଗିଲା, ମୁଁ ବାହାରେ ଯାଇ ଦେଖେ ତ ଜିତାନାନିଙ୍କ ବାପା ଆଉ ତାଙ୍କ ଡ୍ରାଇଭର । ମଉସାଙ୍କୁ ନମସ୍କାର କଲି ହେଲେ କିଛି ପ୍ରତି ନମସ୍କାର ନ ଜଣାଇ ରୁକ୍ଷକଣ୍ଠରେ କହିଲେ ଜିତା କାହିଁ ଡାକ ତାକୁ ମୁ ଘର ଭିତରେ ଦେଖେ ତ ଜିତାନାନୀ ଥରୁଛନ୍ତି । ଦାଣ୍ଡ ପଟେ ତାଙ୍କ ବାପା ଗର୍ଜନ କରୁଥାନ୍ତି । ଥରିଥରି ବାପାଙ୍କ ପାଖକୁ ଆସିଲେ । ତୋର କ'ଣ ମୋତେ ଲୋକ ହସା କରିବାର ଥିଲା । ମୁଁ ଭଦ୍ରଲୋକଙ୍କ ପାଖରେ ଅପମାନିତ ହେଲି । ଥରେ ଚିନ୍ତା କଲୁନି ତୋ ବାପାର ସମ୍ମାନ କଥା । ଆଉ ତୁ ଯାହାକୁ ବାହାହବାକୁ ଭାବିଛୁ ତାର ମାସକର ଦରମା ତୋର ଶାଢ଼ୀ ଖଣ୍ଡର ମୂଲ୍ୟ ହେବନାହିଁ । ତୋର ଆଉ ଚାକିରି ଦରକାର ନାହିଁ । ଆଜିଠୁ ଘରକୁ ଚାଲ । ଏକଥା କହି ରାଗ ତମତମ ହୋଇ ଫେରିଲେ । ପରେ ଜିତାନାନୀଙ୍କ ଠୁ ସବୁ ଶୁଣିଲି । କହିଲି ମଉସା ଯଦି ବ୍ୟାଙ୍କ ଅଫିସର ପ୍ରସ୍ତାବ ଠିକ୍ କରିଛନ୍ତି ତୁମେ ରାଜି ହେଲନି କ'ଣ ପାଇଁ ?

ଆଜି ନିର୍ବନ୍ଧ ଥିଲା ଘରକୁ କ'ଣ ପାଇଁ ଗଲନି । ସେମାନେ ନିର୍ବନ୍ଧ ପାଇଁ ଆସି ଶିଶୁପାଳ ହୋଇ ଫେରିଛନ୍ତି । ମୋତେ ଏହି ବିଷୟରେ ବିନ୍ଦୁବିସର୍ଗ ବି ଜଣାଇନ । ମନେ ମନେ ବିରକ୍ତ ହୋଇ କହିଲି ଏତେ ବଡ଼ କଥା କେମିତି ଲୁଚାଇଥିଲ । ପରଦିନ ଜିତାନାନୀ କାନ୍ଦି କାନ୍ଦି ଘରକୁ ପଳାଇଗଲେ । ଯିବା ପରେ ମୋତେ ବି ବହୁତ ଖରାପ ଲାଗିଲା । ତା' ପରଦିନ କଲେଜରେ ପହଁଞ୍ଚି ସବୁକଥା ସେ ସାରଙ୍କୁ କହିଲି । କିଛି ବି ଉତ୍ତର ଦେଇନଥିଲେ । ମୁଁ ଭାବିଲି ଏଭଳି ଅହଂକାରୀ ଲୋକଟା ଜିତାନାନୀର ସରଳତାକୁ ବେଶ ମାପି ନେଇଛି । ସେ ଜାଣିଥିଲେ ସେ ଯାହା ବି କଲେ ଜିତାନାନୀ ଆଉ କୁଆଡ଼େ ଯିବେନି । କୋଡ଼ିଏ ଦିନ ପରେ ସତରେ ଜିତାନାନୀ ଆସିଲେ । ସେଦିନ ରୁମକୁ ଡାକି କହିଲେ ମୁଁ ଘର ସହିତ ସବୁ ସମ୍ପର୍କ ଛିଡ଼ାଇ ଆସିଛି । ମୋର ଘରକୁ ଫେରିବାର ଆଉ ବାଟ ନାହିଁ । ମୁଁ ବି ସବୁ ଶୁଣୁଥାଏ । ଆଶ୍ଚର୍ଯ୍ୟ ହୋଇଗଲି ଜିତାନାନୀର ଏହି ପଦକ୍ଷେପକୁ ନେଇ କେଉଁ ସାହସରେ ଘର ଛାଡ଼ି ଆସିଲେ । ଉଭୟଙ୍କ ଚାକିରିର ଉତ୍ତର ନାହିଁ । ଏ ଲୋକର ଯେଉଁ ବ୍ୟବହାର । ମୋତେ ବିଲକୁଲ ଠିକ ଲାଗିଲାନି । ଯାହା ହେଉ ତାପରେ କିଛି ସାଂଗମାନଙ୍କ ଉପସ୍ଥିତିରେ ପାଖ ମନ୍ଦିରରେ ବାହାଘର ହୋଇଗଲା ।

ମୁଁ ବି ସେ କଲେଜଛାଡ଼ି ଚାଲି ଆସିଲି । ପରେ ଆଉ ଏକ କଲେଜରେ ଚାକିରି କଲି । ମଝିରେ ମଝିରେ ଚିଠି ଖଣ୍ଡେ ଖଣ୍ଡେ ଦିଅନ୍ତି । ସେଥିରୁ ମୁଁ ଯାହା ଜାଣେ ତାଙ୍କ ସାଂସାରିକ ଜୀବନ ଏତେ ମଧୁର ନଥିଲା । ଦୁଇବର୍ଷପରେ ପୁଅଟିଏ ହୋଇଥିଲା । ମୁଁ ବି ଆଉ ମୋ ଜଞ୍ଜାଳମୟ ସଂସାର ମଧ୍ୟରେ ଆଉ ସମ୍ପର୍କ ରଖି ପାରିନଥିଲି । ଦୀର୍ଘବର୍ଷ ପରେ ଜଣେ ସାଙ୍ଗର ପୁଅ ବାହାଘରରେ ଜିତାନାନୀ ସହ ମୋର ସାକ୍ଷାତ ହୋଇଥିଲା । ଏହା ଭିତରେ ପୁଅ ବଡ଼ ହୋଇଯାଇଛି । ଗୋଟେ ଭଲ କମ୍ପାନୀରେ ଇଂଜିନିୟର ଅଛି । ଜିତାନାନୀ ଘରକୁ ଯିବା ଆସିବା କରୁଛନ୍ତି ବୋଲି କହିଲେ । କିନ୍ତୁ ସବୁ ଭିତରେ ସାରଙ୍କ ବ୍ୟବହାର ପରିବର୍ତ୍ତନ ହେଲାଣି କି ନାହିଁ ପଚାରି ପାରିନଥିଲି । କାର୍ଡ଼ଟି ପାଇ ଚିନ୍ତା କଲି ନାନୀଙ୍କ ପୁଅ ବାହାଘରକୁ ନିଶ୍ଚୟ ଯିବି । ବାହାଘର ଦିନ ସକାଳୁ ପୁଅକୁ ଧରି ବାହାରିଲି । ପଂହଚି ଦେଖିଲି ବହୁତ କୁଣିଆ । ମୋତେ ଦେଖି ସାର ଆଉ ନାନୀ ବହୁତ ଖୁସି ହେଲେ । ପୁଅ ବୋହୂଙ୍କୁ ପରିଚୟ କରାଇଦେଲେ । ଏଇ ମୋ ସାନ ଭଉଣୀ । ବହୁତ ଖୁସି ଲାଗିଲା । ଚାରିଟା ବେଳକୁ ଆରମ୍ଭ ହେଲା ହୋଟେଲ ଯିବା ପ୍ରସ୍ତୁତି ପର୍ବ । ଜିତାନାନୀ ଶାଢ଼ି ପିନ୍ଧି ରେଡ଼ି ହୁଅ ବୋଲି ମୁଁ କହିଲି । ସେ କହିଲେ ଇତୁ କାମ ଭିତରେ ସବୁ ମୁଁ ଭୁଲିଯାଇଛି । ଆମ ଦୁଇଜଣଙ୍କ କଥା ଶୁଣି ସାର ରାଗରେ ଫାଟିପଡ଼ିଲେ । ଗର୍ଜନ କରି କହିଲେ ଏତେ ଅଯୋଗ୍ୟ ସ୍ତ୍ରୀଲୋକର ହାତ ଧରି ଜୀବନ ମୋର ନଷ୍ଟ ହୋଇଗଲା । ।ଜୀବନରେ ଶୃଙ୍ଖଳିତ ହୋଇପାରିଲାନି । ତାପରେ ଅନର୍ଗଳ ଗାଳିକଲେ । ମୁଁ ଶୁଣି ନପାରି ସେଠାରୁ ଚାଲିଆସିଲି । ଏତେ ଲୋକଙ୍କ ଆଗରେ ଗାଳି ଶୁଣି ଜିତାନାନୀଙ୍କ ଆଖିରେ ଲୁହ ଜକେଇ ଆସୁଥାଏ । ତଥାପି ସେ ଚୁପ ରହିଲେ । ଖାଇସାରି ପୁଅକୁ ଧରି ଘରକୁ ଫେରିବା ବାଟରେ ଭାବୁଥାଏ । ଲୋକଙ୍କ ସାମ୍ନାରେ ଜିତାନାନୀକୁ ଅପମାନିତ କରିବା କ'ଣ ଠିକ୍ ଥିଲା । ପ୍ରକୃତରେ ଜିତାନାନୀଙ୍କ ଶୃଙ୍ଖଳିତ

ବ୍ୟବହାର ଏତେ ଭଲ ଥିଲା ଯେ କାହା ସହ ତୁଳନା କରାଯାଇପାରିବନି । ସାରା ଜୀବନ ପାଇଁ ସେ ଯାହା ପାଇଁ ଏତେ ତ୍ୟାଗ କଲେ ସେ ତ୍ୟାଗର କ'ଣ କୌଣସି ମୂଲ୍ୟ ନାହିଁ । ସ୍ତ୍ରୀକୁ ଅପମାନିତ କରି ବୋଧେ ତାଙ୍କ ସାବାସୀପଣିଆ, ଆଉ ମୁଁ ଜାଣିପାରୁଥିଲି ତାଙ୍କର ଦାମ୍ପତ୍ୟ ଜୀବନ କେତେ ସୁଖମୟ । ଯେତେ ଶିକ୍ଷିତ ହେଲେ ବି ଜାଣି ରଖିବା ଉଚିତ ସ୍ତ୍ରୀବିନା ପରିବାର ଅଧୁରା । ସେଦିନ ମନ ଦୁଃଖରେ ଘରକୁ ଫେରିଆସିଲି ଆଉ ଭାବୁଥାଏ କେବେ କ'ଣ ଜିତାନନୀ ସମ୍ମାନ ଟିକେ ପାଇବେନି ।

ଡେଲଟା କଲୋନୀ, ଭୁବନେଶ୍ୱର ।

# ବଜରଙ୍ଗୀ ପ୍ରସାଦ

- ଡ. କିଶୋର ମହାନ୍ତ

କେତେ ଖୁସିଦିନ ଥିଲା ଯେବେ ବଜରଙ୍ଗୀ ପ୍ରସାଦ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ । ମୁଁ ମୋ ନିଜ ଖବର କାଗଜରେ ଗୋଟିଏ ବିଶେଷ ସ୍ତମ୍ଭ କାଢ଼ିଥିଲି ଦଳିତ ସମାଜର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେଲେ । ଏକଥା ବଡ଼ ନୁହେଁ ଯେ ଦଳିତ ଗୋଷ୍ଠୀରୁ ଜଣେ ଏତେବଡ଼ ପଦପଦବୀ ପାଇଗଲେ ବଡ଼ ହେଉଛି କି ସେ ନିମ୍ନବର୍ଗର ଲୋକମାନଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ସହଭାଗୀ ହେବେ ତ ସହଜରେ, ସେମାନଙ୍କର ସମସ୍ୟା ଦୂର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ସେ ସତ୍ତା ଜରିଆରେ ବହୁତ କିଛି ତାଙ୍କ ଦଳିତ ଜାତି ଗରିବ ଖଟିଖିଆଙ୍କ ପାଇଁ କରିପାରିବେ । ବଜରଂଗୀ ପ୍ରସାଦଙ୍କ ମୁଖ୍ୟମନ୍ତ୍ରୀ ପଦପ୍ରାପ୍ତି ନିମ୍ନବର୍ଗର ବ୍ୟକ୍ତିମାନଙ୍କ ପାଇଁ ଏକ ସୁଖର ବିଷୟ ଥିଲା କାରଣ ବଜରଙ୍ଗୀ ପ୍ରସାଦ ନିର୍ବାଚନରେ ଏକଲା ଜିଣି ଆସିନଥିଲେ । ତାଙ୍କ ସହ ତାଙ୍କ ଦଳ ଓ ତାଙ୍କ ଜାତିର ଅନେକ ପ୍ରାର୍ଥୀ ବହୁ ଭୋଟରେ ଜିଣି ବିଧାୟକ ହୋଇପାରିଥିଲେ ଓ ପ୍ରଗତିଶୀଳ ମନୋଭାବ ଥିବା କିଛି ଅନ୍ୟ ଦଳର ରାଜନୈତିକ ବ୍ୟକ୍ତି ମଧ୍ୟ ଏମାନଙ୍କ ସାଥିରେ ଥିଲେ । ଏଥିରୁ ସ୍ପଷ୍ଟ ଚିତ୍ର ମିଳୁଥିଲା ଯେ, ଏମାନେ ଯାହା ଚାହିଁବେ ତାହା ଅନାୟାସରେ କରିପାରିବେ ଏପରିକି ପ୍ରତିପକ୍ଷଦଳ ତଥା ଉଚ୍ଚବର୍ଗର ବ୍ୟକ୍ତିଙ୍କ ବିରୋଧ ସତ୍ତ୍ୱେ ଏମାନେ ନିଶ୍ଚିତ ଭାବରେ ନେତାଙ୍କ ଚରିତ୍ରରେ ସୁଧାର ଆଣିପାରିବେ ।

ବଜରଂଗୀ ପ୍ରସାଦ ଏମିତିରେ ବି.ଏ ପାସ୍ କରିଛନ୍ତି । କିନ୍ତୁ ତାଙ୍କର ବ୍ୟକ୍ତିତ୍ୱ ଓ ଚଳଣୀ ହିଁ କେବଳ ଗାଁରେ ବିତି ଯାଇଛି । କିନ୍ତୁ ଗୋଟିଏ କଥା ସତ୍ୟ ତାଙ୍କ ମନୋଭାବରେ ସ୍ୱଦେଶୀ ସ୍ୱାଭିମାନ ଭରି ରହିଛି । ଏହି ସ୍ୱଦେଶୀ ଭାବର ଅନ୍ୟଏକ ଲକ୍ଷଣ ହେଉଛି ନିଜ ଭାଷାକୁ ସେ ଶରୀରଠୁଁ ଅଧିକ ଭାବରେ ଭଲ ପାଉଥିଲେ । ବଜରଙ୍ଗୀ ପ୍ରସାଦ ଏଥିପାଇଁ ହୁଏତ ଲୋକଙ୍କର ଏତେ ପାଖାପାଖି ହୋଇ ପାରିଥିଲେ ଏବଂ ଖୁବ୍ ସୁନ୍ଦର ବ୍ୟକ୍ତିତ୍ୱ ତାଙ୍କର ଥିଲା ।

ସେ ଅତି ଗର୍ବର ସହ ହିନ୍ଦୀ ଭାଷାରେ ରାଜନୀତି ସମ୍ପର୍କରେ ଓଜସ୍ୱିନୀ ଭାଷଣ ପ୍ରଦାନ କରିବାରେ ଧୂରୀଣ ଥିଲେ । ରାଜକାର୍ଯ୍ୟ, ପରିଚାଳନା କରିବାର ଶ୍ରୀ ଗଣେଶ ସେତିକି ବେଳଠୁ ଆରମ୍ଭ କରିଦେଇଥିଲେ ବଜରଂଗୀ ପ୍ରସାଦ । ତାଙ୍କର ସେଇ ଗାଉଁଲୀ ବେଶଭୂଷା ଆଉ ବ୍ୟବହାରରେ ଇଂରେଜ ଭାବଧାରା ପ୍ରତି ଚଟୁଳ ବ୍ୟଙ୍ଗୋକ୍ତି ତାଙ୍କୁ ଜଣେ ସଚ୍ଚା ରାଜନୈତିକ ଦେଶ ଭକ୍ତ ଭାବରେ ପ୍ରତିଷ୍ଠା କରିପାରିଥିଲା । ଏମିତି ପ୍ରତୀୟମାନ ହେଉଥିଲା କି ରାଜ୍ୟର ସବୁ ଲୋକ ତାଙ୍କୁ ହିଁ ଅଧିକ ଆଦର କରୁଥିଲେ ଓ ଦେଶସାରା ଜଣେ ନିଆରା ରାଜନୀତିଜ୍ଞ ଭାବରେ ସେ ପରିଚିତ ହୋଇଯାଇଥିଲେ । ଏଥିରୁ ଜଣାଯାଉଥିଲା କି ସ୍ୱଦେଶ ବତ୍ସଳତା ଓ ଗ୍ରାମ୍ୟ ପରମ୍ପରାର ସେ ଜଣେ ଚିହ୍ନରା ଗ୍ରାହକ ତଥା ଏକନିଷ୍ଠ ପୂଜାରୀ ଭାବରେ ସାରା ଦେଶରେ ପରିଚିତ ହୋଇଯିବେ । ସେମିତି ଏକ ଗ୍ରାମୀଣ ବାତାବରଣ ସୃଷ୍ଟି କରିବା ପାଇଁ ସେ ତାଙ୍କର ଉଦଯୋଗ ବଳବତ୍ତର ରଖିଥିଲେ ।

ବଜରଂଗୀ ପ୍ରସାଦଙ୍କ ଶାସନ କାଳରେ ରାଜ୍ୟରେ ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ପାଇଁ ଆସିଥିବା ସାହାଯ୍ୟ ରାଶି ସରକାରୀ ଓ ବେସରକାରୀ ସ୍ତରରେ ଗୋଟାଏ ମସ୍ତବଡ଼ ଘୋଟାଲା ହେଇଗଲା ଏବଂ ମାମଲା ବଡ଼ ଗମ୍ଭୀର ରୂପ ଧାରଣ କଲା । ବିରୋଧୀଦଳ ହରତାଳ ଧର୍ମଘଟ, ପାଟିତୁଣ୍ଡ କଲେ । ଖବର କାଗଜ ବାଲା ଖୋଲା ଖୋଲି ଭାବରେ ଆଙ୍ଗୁଳି ନିର୍ଦ୍ଦେଶ କରି କହିଲେ ଯେ ବଜରଂଗୀ ପ୍ରସାଦ ଜନତାଙ୍କର ଅର୍ଥ ହିରିଲୁଟ କରିଛନ୍ତି କିନ୍ତୁ ଏସବୁ ଡାହା ମିଛ । ଏଥିପାଇଁ ବୋଧେ ସଂପ୍ରଦାୟବାଦୀ ଓ ପୁଞ୍ଜିବାଦୀ ଶକ୍ତି ରାଜନୈତିକ ଖେଳ ଖେଳୁଛନ୍ତି । ସର୍ବସାଧାରଣ ମୋ ସପକ୍ଷରେ, ଏ ଲୋକମାନେ ମୋର କିଛି କରିପାରିବେନି ।

ଏହା ଭିତରେ ଉପନିର୍ବାଚନ ଆସିଯାଇଥିଲା । ଦଳ ଭିତରେ ଉଷ୍ମତା ବେଶ୍ ବଢ଼ି ଯାଇଥିଲା । ମୁଁ ନିଜର ସାଂବାଦିକ

ବଂଧୁମାନଙ୍କ ସହ ଉପନିର୍ବାଚନର ସମୀକ୍ଷା ପାଇଁ ବଜରଂଗୀ ପ୍ରସାଦଙ୍କ ରାଜ୍ୟର ରାଜଧାନୀରେ ପହଞ୍ଚି ଯାଇଥିଲୁ ଏବଂ ତାଙ୍କ ସହ ସାକ୍ଷାତରେ ତାଙ୍କର ରାଜନୈତିକ ଦଳ ଓ ରାଜ୍ୟର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲୁ । ବଜରଂଗୀ ପ୍ରସାଦ କହିଲେ ଏଠି କ'ଣ ଅଛି ? ଚାଲନା ସମସ୍ତେ ମୋ ନିର୍ବାଚନ ମଣ୍ଡଳୀକୁ । ସେଇଠି ଆପଣମାନେ ଦେଖିଦେବେ ମୁଁ ପ୍ରକୃତରେ କ'ଣ ?

ବଜରଂଗୀ ପ୍ରସାଦଙ୍କ ଗାଡ଼ି ସହିତ ଆମେ ସାଥି ହୋଇଗଲୁ । କିଛି ଘଣ୍ଟା ପରେ ଆମେ ପହଞ୍ଚିଗଲୁ ଏକ ନିପଟ ମଫସଲରେ । ସୁଦୁ ଗୋଟାଏ ଗରୀବ ଗାଁ । ବଜରଂଗୀ ପ୍ରସାଦ ନିଜର ମଟର ଗାଡ଼ିଟିକୁ ଗାଁର ଅନତି ଦୂରରେ ରଖିଦେଲେ ତାହା ତାଙ୍କର ଏକ ବଗିଚା ଥିଲା, ଆମେମାନେ ସମସ୍ତେ ଚାଲି ଚାଲି ଗାଁ ଭିତରକୁ ଗଲୁ । ବଜରଂଗୀକୁ ଆଗରୁ ଦେଖି ଦେଇ ଗାଁ ଲୋକମାନେ ଏକାଠି ହେଇଗଲେ, ସ୍ଲୋଗାନ ଦେଲେ । ଧୂଳି ମଳିରେ ଗାଁ ଦାଣ୍ଡରେ କବାଡ଼ି, ଗିଲିଦଣ୍ଡା, ଗୁଲି ଖେଳୁଥିବା ଛୋଟ ଛୋଟ ପିଲାମାନେ, ଯାହାଙ୍କ ଦେହରେ ପେଣ୍ଟସାର୍ଟ ନଥିଲା, ସମ୍ପୂର୍ଣ୍ଣ ଲଙ୍ଗଳା କିମ୍ବା ଚିରାଫଟା ପିନ୍ଧି ଥିବା ପିଲାଦଳ । ସେମାନଙ୍କ ଭିତରୁ କାହାର କାହାରି ବଡ଼ବଡ଼ ପେଟ ଥିଲା ତ କାହାରି କାହାରି ନାକରୁ ସିଂଘାଣୀର ମୋଟା ଘଳିଆ ବୋହି ଯାଉଥିଲା । ସେମାନଙ୍କ ଭିତରୁ ଜଣକୁ ବଜରଙ୍ଗୀ ପ୍ରସାଦ କୋଳେଇ ନେଲେ ଏବଂ ପକେଟରୁ ଗୋଟିଏ ସୁବାସିତ ରୁମାଲରେ ସେଇ ବାଳକଟିର ନାକରୁ ସିଂଘାଣୀ ପୋଛିଦେଲେ । ଶ୍ରଦ୍ଧା କଲେ ଏବଂ ତାକୁ ତଳକୁ ଓହ୍ଲେଇଦେଲେ । ପୁଣି ଆଉ ଗୋଟିଏ ପିଲାକୁ ସେଇପରି କଲେ । ନାଟକୀୟ ଭଂଗୀରେ ପିଲାର ମାକୁ ଗାଳି କଲେ ପିଲାଙ୍କର ଏମିତି ଯତ୍ନ ନେଉଛ ? ଆରେ ଏ ପିଲା ଆମ ଦେଶର ଭବିଷ୍ୟତ । ଆଉ କାହାକୁ ପଚାରି ବସିଲେ ପିଲାକୁ ସ୍କୁଲକୁ ପଠଉଛ ନା ନାହିଁ । ସେ ନା କହିଲାରୁ ସେ ତାକୁ ବହୁତ ଜୋରରେ ଗାଳି କରିବାରେ ଲାଗିଲେ । ସତେ ଯେମିତି ସେ ତା ଉପରେ ମୁରବୀ । ସରକାର ପିଲାମାନଙ୍କ ପାଠପଢ଼ାରେ ଏତେ ଖର୍ଚ୍ଚ କରୁଛି ଅଥଚ ତମେମାନେ ଏତେ ବୋକା ତାର ଭାଗିଦାର ହେଉନାହଁ । ସରକାର ତୁମକୁ ଆଉ କେମିତି ସାହାଯ୍ୟ କରିବ ?

ଏମାନେ ପାଠସାଠ ପଢ଼ି ଦେଶର ଶାସନ ସମ୍ଭାଳିବେ ନା । ଉଚ୍ଚ ବର୍ଗର ଲୋକମାନେ ତୁମକୁ ଏମିତି ବ୍ୟବହାର କରୁଥିବେ ଆଉ ତମ ରକ୍ତ ଶୋଷି ଚାଲୁଥିବେ । ତୁମେ ଏସବୁ ସହିପାରିବ । କ'ଣ ତୁମେ ଭାବୁଚ ତୁମ ଭଳି ତୁମ ପିଲାମାନେ ଏଇଠି ଏମିତି ନାରକୀୟ ଜୀବନ ବିତାନ୍ତୁ ।

ଲୋକମାନେ ଏସବୁକୁ ଏ କାନରେ ପୁରାଇ ସେ କାନରେ ବାହାର କରିଦେଉଥିଲେ ଅନ୍ୟକଥା ଶୁଣିବାରେ ଲାଗିଲେ । ସମବେତ ଜନତାଙ୍କ ଭିତରୁ କାହାରି କାହାରି ପିଠି ଥାପୋଡ଼େଇ ଦେଉଥିଲେ ତ ପୁଣି ଅନ୍ୟ କାହାର । ସେ ସେମାନଙ୍କୁ କହୁଥିଲେ ଆରେ ଭାଇ ଆମେ ଏତେ ବାଟରୁ ଆସିଛୁ କିଛି ଖାଇବା ପିଇବାର ବ୍ୟବସ୍ଥା କରିବ ନା ନାହିଁ । ଆରେ ତୁମମାନଙ୍କୁ ଜଣାନାହିଁ ତୁମମାନଙ୍କର ଅବସ୍ଥା ଦେଖିବାପାଇଁ ଦିଲ୍ଲୀରୁ ଏ ସବୁ ବାବୁମାନେ ଏଠାକୁ ଆସିଛନ୍ତି ।

ଲୋକେ ନିଜ ଭିତରେ ମୁହଁ ଚାହାଁଚାହିଁ ହେଲେ ଏବଂ ଭାବିଲେ ଆମେ ଗରିବ ଲୋକ ବାବୁ ଭୂୟାଁଙ୍କୁ କ'ଣ ବା ଖାଇବାକୁ ପିଇବାକୁ ଦେବୁ । ସେତେବେଳେ ବଜରଙ୍ଗୀ ପ୍ରସାଦ ଗୋଟିଏ ଛୋଟିଆ ଚାଷଜମି ପାଖରେ ପହଞ୍ଚିଗଲେ ସେଥିରେ କିଛି ବିଲାତି ବାଇଗଣ ଚାଷ ହୋଇଥିଲା । ସେଠାରୁ ସେ ପାଞ୍ଚ ଛଅଟା ପରି ବଡ଼ ବଡ଼ ପାଚିଲା ଲାଲ ଟହଟହ ବିଲାତି ବାଇଗଣ ତୋଳିଲେ । କିଛି ଆମମାନଙ୍କୁ ଦେଲେ ଆଉ ଅବଶିଷ୍ଟ ନିଜେ ଖାଇବାକୁ ଲାଗିଲେ । ଆମେ ବିଲାତି ବାଇଗଣ ଧରି ଛିଡ଼ା ହୋଇଥିଲୁ ଏବଂ ସେହି ସମୟରେ ବଜରଂଗୀ ପ୍ରସାଦ କହିଲେ ଆହେ ସାମ୍ବାଦିକ ଭାଇମାନେ ଆପଣ ଦେଖନ୍ତୁ ସହରୀ ହାବଭାବ ସବୁଦିନ ଚଳିବନି । ଗାଁ କଥା ଛାଡ଼ । ଆରେ ଏମାନଙ୍କ ଉପରେ ଉଚ୍ଚବର୍ଗର ଲୋକଙ୍କର ହୁକୁମତି ଜାହିରି ହେଉଛି ଏଥିପାଇଁ ଏମାନଙ୍କର ସରଳତା ହିଁ ଦାୟୀ ।

ଆମେମାନେ ହସିବାକୁ ଲାଗିଲୁ । ଏହା ବ୍ୟତୀତ ଆମେ କିଛି କରିପାରିନଥିଲୁ । ଗାଁ ଲୋକମାନେ ନିଜ ନେତାଙ୍କର ସୌହାର୍ଦ୍ଦ୍ୟରେ ବେଶ ବିମୋହିତ ହୋଇଯାଉଥିଲେ । କିଛି ସମୟ ଧରି ଏପଟ ସେପଟ ହେବା ପରେ ବଜରଙ୍ଗୀ ପ୍ରସାଦ ଆମମାନଙ୍କ

ସହ ଫେରିଆସିଲେ ଘଣ୍ଟାକ ପରେ । ନିଜ ସହରରେ ପହଞ୍ଚିଯାଇଥିଲୁ । ସଂଗେ ସଂଗେ ଗୋଟିଏ ପଞ୍ଚତାରକା ହୋଟେଲରେ ଆସି ପହଞ୍ଚିଗଲୁ । ବଜରଂଗୀ ପ୍ରସାଦ ପୁନରାୟ ତାଙ୍କର କାରକୁ ସେମିତି ଦୂରରେ ରଖିଦେଇ ଚାଲିଚାଲି ଆସିଲେ ଏବଂ ଆମ ସାଥିରେ ସେଇ ହୋଟେଲରେ ପ୍ରବେଶ କଲେ ଏବଂ କହିଲେ ଏଇଠି ଆପଣ ସବୁଠୁ ଦାମିକା ବଢ଼ିଆ ମଦ ପିଇପାରିବେ । ସବୁଠୁ ସୁସ୍ୱାଦୁ ବିଭିନ୍ନ ପ୍ରକାରର ଚାଇନିଜ୍, କଣ୍ଟିନେଟ ଆମୀଷ ସହ ନିରାମିଷ ଭୋଜନ ପେଟପୂରା ଖାଇପାରିବେ । ମୁଁ ତ ମୋଟା ସୋଟା ଦି'ପଟ ରୋଟି ଓ ଶାଗ ଭଜାରେ ଚଳାଇନେବି, ଆପଣଙ୍କ ସହ କିଛି ନେଇଯିବି । ଆପଣ ନିଜ ନିଜ ପସନ୍ଦର ଖାଦ୍ୟ ମଗାଇ ନିଅନ୍ତୁ ନା ।

ଆମେ ସମସ୍ତେ ଆଶ୍ଚର୍ଯ୍ୟ ହେଇଥିଲୁ । କୋଉଠି ବିଲାତି ବାଇଗଣ ଚାଷ ହେଉଥିବା ଗରୀବ ଗାଁ, କୋଉଠି ପୁଣି ଏ ପ୍ରକାର ସହରର ନାମୀଦାମୀ ପଞ୍ଚତାରକାହୋଟେଲ । ଶେଷରେ ବଜରଂଗୀ ପ୍ରସାଦ କେଉଁଠି ? ଆମେମାନେ ଖାଇ ପିଇସାରିଥିଲୁ ଏବଂ ବଜରଂଗୀ ପ୍ରସାଦଙ୍କୁ କିଛି ପ୍ରଶ୍ନ ପଚାରିଥିଲୁ । ସେ କହିଲେ ଦେଖନ୍ତୁ ମୋତେ ଅଧିକ କିଛି ପଚାରନ୍ତୁନି, ଆପଣ ଯାହା ଭାବୁଛନ୍ତି ଲେଖିଦିଅନ୍ତୁ ମୋ ପକ୍ଷ ନେଇ କିମ୍ୱା ବିପକ୍ଷରେ ଲେଖି ପାରନ୍ତି । କିନ୍ତୁ ମୋ ଉପରେ କିମ୍ୱା ମୋ ପାର୍ଟି ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ । କାହିଁକି ନା ମୁଁ ଯେଉଁ ଜନତାଙ୍କୁ ନେଇ ଆଗକୁ ବଢ଼ିଛି ସେମାନେ ଅକ୍ଷର ଶିଖି ନାହାଁନ୍ତି ଏବଂ ଖବର କାଗଜ ପଢ଼ିବା ତ ଦୂରର କଥା । ହଁ ମୁଁ ବର୍ତ୍ତମାନ ଚାଲିଲି ଆପଣ ବି ଯାନ୍ତୁ । ଅନ୍ୟ ପାର୍ଟି ଲୋକ ଆପଣଙ୍କୁ ଅପେକ୍ଷା କରିଥିବେ । ସେ ତତକ୍ଷଣାତ ଉଠିଲେ ଓ ପଳେଇ ଗଲେ । ଆମେ ଆଶ୍ଚର୍ଯ୍ୟ ହୋଇ ଉଭୟେ ଉଭୟଙ୍କୁ ଚାହିଁ ରହିଥିଲୁ ଆଉ ମୋ ଟିପ୍ପଣୀ ମୋତେ ପଚାରୁଥିଲା - କ'ଣ ସାମ୍ୱାଦିକ ଭାଇ । ବଜରଂଗୀ ପ୍ରସାଦ ନେତାର ଚରିତ୍ରକୁ ବଦଳେଇଛନ୍ତି ନା ନେତା ତାଙ୍କର ଚରିତ୍ରକୁ ବଦଳେଇ ଦେଇଛି ? ଆଉ ମତେ ଲାଗୁଥିଲା କି ବଜରଂଗୀ ପ୍ରସାଦଙ୍କ ସ୍ୱଦେଶୀ ସ୍ୱାଭାବୀମାନ ଗୋଟିଏ କେବଳ ମୁଖାଭଳି ନିଜ ଉପରେ ପରିହାସ କରୁଥିଲା ।

ସିଡ଼ିଏ, କଟକ - ୪

# ମହାମାରୀ ସଂକଟ ଓ ଗାନ୍ଧୀ ଦର୍ଶନରେ ସମାଧାନ

- ଦେବାଶିଷ ମିଶ

ଆମ ରାଜ୍ୟ ଅଭୂତପୂର୍ବ ଏକ ଭୟଙ୍କର ସଂକଟ ସମୟ ଦେଇ ଗତି କରୁଛି । ପୃଥିବୀ ର ଲକ୍ଷ ଲକ୍ଷ ଲୋକ ଏବେ କରୋନା ମହାମାରୀକୁ ସାମ୍ନା କରୁଛନ୍ତି । ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧର ପରିସ୍ଥିତି ଭଳି ଲଢ଼େଇ କରୁଛି । ପ୍ରତ୍ୟେକଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ଅସମୟରେ ଗାନ୍ଧୀଜୀଙ୍କର କଥା ମନେ ପଡୁଛି । ଉଭୟ ସନ୍ଥ ଓ ରାଜନେତା ଭାବେ ଏକ ଉଦାହରଣ । ସାମାଜିକ ଅସ୍ଥିରତା, ଆର୍ଥିକ ସମସ୍ୟା, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟା ଦ୍ୱାରା ଜର୍ଜରିତ ହୋଇପଡ଼ିଥିବା ସମଗ୍ର ବିଶ୍ୱ ଏଥିରୁ ପରିତ୍ରାଣ ପାଇବା ପାଇଁ ଗାନ୍ଧୀଜୀଙ୍କ ଦର୍ଶନ ଓ ଶିକ୍ଷାରୁ ବାଟ ଖୋଜୁଛି । ସ୍ୱଚ୍ଛତା ଓ ଗ୍ରାମ ପରିମଳ ଗାନ୍ଧୀ ଦର୍ଶନର ମୂଳ ମନ୍ତ୍ର ଥିଲା ।

ଗାନ୍ଧୀଜୀ ଲେଖିଥିଲେ ଯେ ମୋର ଶେଷ ନିଶ୍ୱାସ ଥିବା ଯାଏ ମୁଁ ସାରା ପୃଥିବୀକୁ ଅଶିକ୍ଷା ଓ ଅସ୍ପୃଶ୍ୟତାର ସର୍ବନାଶରୁରକ୍ଷା କରିବାକୁ ଚେଷ୍ଟା କରିବି । ଆଦର୍ଶ ଗ୍ରାମର ଲୋକେ, ଅନ୍ଧାର ଓ ଆବର୍ଜନାରେ ରହିବେ ନାହିଁ । ହଇଜା, ବସନ୍ତ ମହାମାରୀ ରହିବ ନାହିଁ । କେହି ଆଳସ୍ୟରେ ରହିବେ ନାହିଁ କି କେହି ବିଳାସରେ ବୁଡ଼ିବେ ନାହିଁ ।


ଗାନ୍ଧିଜୀଙ୍କ ଦୂରଦୃଷ୍ଟି ଗ୍ରହଣୀୟ । ମହାମାରୀ ଦ୍ୱାରା ଗରିବ ଓ ଦିନ ମଜୁରିଆ ଅଧିକ ପ୍ରଭାବିତ ହୋଇଛନ୍ତି । ସଂକଟର ଏହି କ୍ଷଣରେ ସେମାନଙ୍କୁ ସାହାଯ୍ୟ ଓ ସମର୍ଥନ କରିବା ଦରକାର । ଗାନ୍ଧିଜୀ ଲୋଭନୀୟ ରୋଜଗାରର ବାରିଷ୍ଟରି ଛାଡ଼ି ଦେଇଥିଲେ । ଏପରି କି ପତ୍ନୀ କସ୍ତୁରବାଙ୍କ ଦୁର୍ମୂଲ୍ୟ ହୀରା ହାର ସହିତ ସମସ୍ତ ଅଳଙ୍କାର ସ୍ୱରାଜପାଣ୍ଠିକୁ ସମର୍ପି ଦେଲେ ଦେଶ ତଥା ଗରୀବ ଲୋକଙ୍କ ସାହାଯ୍ୟ କରିବା ପାଇଁ । ତାଙ୍କରି ସେଇ ଆଦଶରେ ଅନୁପ୍ରାଣିତ ହୋଇ ଆମ୍ଭମାନଙ୍କୁ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜ ସଂପତ୍ତିରୁ ଯଥା ସମ୍ଭବ ଗରୀବମାନଙ୍କୁ ସାହାଯ୍ୟ କରିବା ଦରକାର । କାରଣ ବର୍ତ୍ତମାନ ସେମାନଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ହେବା ସାଂଗକୁ ରୋଜଗାରର ପନ୍ଥା ମଧ୍ୟ କେତେକ ସ୍ଥାନରେ ବନ୍ଦ ହୋଇଯାଇଛି ।

ସେ କହିଥିଲେ ଭାରତର ଆତ୍ମା ଗାଁରେ । ଗାଁକୁ ସ୍ୱାବଲମ୍ବୀ କଲେ ସ୍ୱାଧୀନ ଭାରତ ବିଶ୍ୱର ସର୍ବଶ୍ରେଷ୍ଠ ଦେଶ ହୋଇ ଦୁନିଆକୁ ବାଟ ଦେଖାଇବ । ଖାଦ୍ୟବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗାଁ ଅନ୍ତତଃ ସ୍ୱାବଲମ୍ବୀ ହେଲେ ଆଜି ଭଳି ଜୀବନସଂକଟକୁ ଏଡାଇହେବ । ଗାନ୍ଧିଜୀ କେବଳ ଭାରତ କି ଏସିଆ ଆଫ୍ରିକା ପାଇଁ ମୁକ୍ତି ଓ ଶାନ୍ତି ଚାହୁଁ ନଥିଲେ । ସାରା ଦୁନିଆର ମାନବସମାଜ ସୁଖ ଶାନ୍ତି ପାଇଁ ସେ ଚିନ୍ତିତ ଥିଲେ । ଅମେ ପୂର୍ବରୁ ଯେଉଁ ପୃଥିବୀରେ ବଞ୍ଚୁଥିଲୁ ତାହାକୁ ଏହି ମହାମାରୀ ବଦଳାଇ ଦେଇଛି । ଏହାର ସଂକ୍ରମଣ ଯୋଗୁଁ ସମସ୍ତ ପ୍ରକାରର କାର୍ଯ୍ୟ ବ୍ୟାହତ ହୋଇଛି ଏବଂ ବହୁ ଲୋକ ପ୍ରାଣ ହରାଇଛନ୍ତି । ଆମେ ନିଜ ପାଇଁ କେବଳ ବଞ୍ଚିବାରେ ବିଶ୍ୱାସ କରୁନା, ସମଗ୍ର ବିଶ୍ୱର କଲ୍ୟାଣ କଥା ମଧ୍ୟ ଚିନ୍ତା କରୁ । ଏହା ଭାରତର ଏକ ପରମ୍ପରା କରୋନା ବିରୋଧି ଲଢ଼େଇରେ ଉଭୟ ଜୀବନ ଓ ଜୀବିକାର ସୁରକ୍ଷା ଅତ୍ୟାବଶ୍ୟକ ବୋଲି ମୁଁ ଚିନ୍ତାକରେ । ବସୁଧୈବକୁଟୁମ୍ବକମ୍ ବା ସମଗ୍ର ବିଶ୍ୱର ଏକ ପରିବାର ଭଳି ଯେଉଁକଥା ଆମ ମୁନିଋଷି ମାନେ କହିଥିଲେ ସମଗ୍ର ବିଶ୍ୱ ଏବେ ତାହା ବୁଝୁଛି । କରୋନା ସଂକ୍ରମଣ ମଣିଷ ସମାଜ ଦ୍ୱାରସ୍ଥ । ଏହା କୃତ୍ରିମ ବିଭାଜନକୁ ଚିହ୍ନେନା । ଏଥିରୁ ଆମର ଶିକ୍ଷା ହେଲା ଆମକୁ ସମସ୍ତ ମନୁଷ୍ୟ କୃତ ବିଭେଦ, ଧାରଣା, ପକ୍ଷପାତି ବିଚାର ଓ ପ୍ରତିବନ୍ଧକର ଉପରକୁ ଉଠିବାକୁ ପଡ଼ିବ । ତେବେ ଯାଇ ଆମେ ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ତିଆରି କରି ପାରିବା । ନୂଆ ଶିକ୍ଷା ନୀତିର ଦୀର୍ଘ ମିଆଦୀ ଲକ୍ଷ୍ୟ ଏବଂ ବ୍ୟାପକ ପ୍ରଭାବ ରହିଛି । ଏହା ଗାନ୍ଧୀ ଦର୍ଶନର ଏକ ଅଂଶ । ସେ ଚାହୁଁଥିଲେ ଶିକ୍ଷା କେବଳ ପୁସ୍ତକଗତ

ନହୋଇ ଛୋଟ ସମୟରୁ ବୈଷୟିକ ଶିକ୍ଷା ହେଉ । ଶିକ୍ଷା କ୍ଷେତ୍ରରେ ସମାବେଶୀ ସଂସ୍କୃତି, ନବ ସୃଜନ ଓ ଅନୁଷ୍ଠାନ ନିର୍ମାଣକୁ ଏହା ଦୃଢ଼ୀଭୂତ କରିବ । ମାତୃଭାଷାରେ ଶିକ୍ଷା ଦାନକୁ ଯେଉଁ ଗୁରୁତ୍ୱ ଦିଆଯାଇଛି, ତଦ୍ୱାରା କୋମଳମତି ଶିଶୁଙ୍କ ମସ୍ତିଷ୍କ ସ୍ୱଭାବିକ ଭାବେ ବିକଶିତ ହେବ । ଏହା ଗାନ୍ଧୀଜୀଙ୍କ ଶିକ୍ଷାଦର୍ଶନର ମୂଳମନ୍ତ୍ର । ଏହା ଦ୍ୱାରା ଭାରତୀୟ ଭାଷା ସମୂହ ମଧ୍ୟ ସଶକ୍ତ ହୋଇ ଦେଶର ଏକତାକୁ ଦୃଢ଼ୀଭୂତ କରିବେ । ଗାନ୍ଧୀ ବିଚାର ଶାଶ୍ୱତ ସନାତନ ଧର୍ମର ଉପରେ ପର୍ଯ୍ୟବେସିତ । ମୁଁ ସମସ୍ତଙ୍କର କଲ୍ୟାଣ କାମନା କରି ଏହି ପ୍ରାର୍ଥନା ଗାଉଛି ।

ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖ ଭାଗଭବେତ୍ ।

ଅବନକେଲୀ, ସୁନ୍ଦରଗଡ଼ ।



# ପ୍ରେମର ପରିଭାଷା

- ତାପ୍ତିମୟୀ ପଣ୍ଡା ମିଶ୍ର

ଜୀବନ, ଯୌବନ ନୁହେଁ ଚିରଦିନ ପଦ୍ମପତ୍ରେ ଯେହ୍ନେ ଜଳ। ଜୀବନଟା ସାଗରର ଉତ୍ତାଳ ତରଙ୍ଗର ଲହଡ଼ା ଭାଂଗିଲା ଭଳି ପ୍ରତ୍ୟେକ ମଣିଷ ଜୀବନର ଭାବନା ଆଉ ଆବେଗଟା ଦୋହଲୁଥାଏ ହୃଦୟର ସାଗର ତୀରେ । ସେଇଠି କେତେବେଳେ ଜୁଆର ଆସେ ତ କେତେବେଳେ ଭଟ୍ଟା । ଟିକିଏ ସାମାନ୍ୟ ଦୁର୍ଘଟଣାର ବଶବର୍ତ୍ତୀ ହୋଇ ଜୀବନ ନାଟକର ମୋଡ଼ ବଦଳିଯାଏ । ରାହୁ ଗ୍ରାସିଲା ଭଳି କେତେବେଳେ ଅମା ଅନ୍ଧକାରର ଘନ ଘଟା ଛାଇଯାଏ ତ ଆଉ କେତେବେଳେ ଶୀତଳ ମଧୁରୀମା ଭରା ପୂର୍ଣ୍ଣିମାର କୁଆଁରୀ ଜ୍ୟୋତ୍ସ୍ନା ମନ ଆଉ ଭାବନାରେ ଅପୂର୍ବ ପୂଲକ ଭରିଦିଏ ।

ଭାବନା ରାଇଜେ ଉଙ୍କି ମାରୁଥିବା ଜୀବନର ପ୍ରତ୍ୟେକ ସତ୍ୟାସତ୍ୟ ଘଟଣାବଳୀକୁ ଅବଲୋକନ କରି ତା ସହ ତାଳ ଦେଇ ଚାଲି ପାରିଲେ କିଛିଟା ଆଶ୍ୱସ୍ତ ଅନୁଭୂତ ହୁଏ । ଭାରାକ୍ରାନ୍ତ, ଚିନ୍ତାଗ୍ରସ୍ତ, ଭୀତତ୍ରସ୍ତ ମନଟା ହାଲୁକା ଲାଗେ ସେତେବେଳେ, ଯେତେବେଳେ ସେ ତାର ମନର ମଣିଷକୁ ପାଇଯାଏ । ସତରେ ମନର ମଣିଷ ଯେମିତି ବି ହେଉନା କାହିଁକି ତାର ସେହି ଇପ୍ସିତ ରାଜକୁମାର ଲାଗେ ଯେମିତି ସେ ଆକାଶରେ ଥିବା ଜାଜୁଲ୍ୟମାନ ତାରକା ସମ । ସଂନ୍ଧ୍ୟା ନିମିଷେକ ନୟନରେ ଚାହିଁ ରହିଛି ଆଲୋକକୁ । ଯିଏ କି ତା ଜୀବନର ଆଶାର ଆଷଲାଷ । ଯିଏ ତା ଜୀବନରେ ଅଜାଡ଼ି ଦେଇଛି ସୁଖ ଓ ଶାନ୍ତିର ପସରା । ଅଭିଶପ୍ତ ନାୟିକାଟିଏ ସେ । ହଠାତ୍ ସାଗର କୂଳରେ ଦେଖା ହୁଏ ଦୁହି ଜଣଙ୍କର । ଯଦିଓ ଜଣେ ଆର ଜଣକ ପାଇଁ ଅପରିଚିତ ଥିଲେ ତଥାପି କେଉଁ ଏକ ଅଜଣା ଆକର୍ଷଣ ଟାଣି ନିଏ ଦୁହିଁଙ୍କୁ ଏକାଠି କରିବା ପାଇଁ । ହଠାତ୍ ସଂଧ୍ୟାର ବୁଲିବୁଲି ପ୍ରକୃତି ପାଇଁ ଚାଲିଯାଏ ସେ ସମୁଦ୍ରର ଲହଡ଼ା ସାଥିରେ ସମୁଦ୍ର ଭିତରକୁ । ଆଲୋକର ନଜରରେ ପଡ଼ିଯାଏ ଏସବୁ । ସରଳ ଓ ନିଷ୍କପଟ ସନ୍ଧ୍ୟାର ବେପରୁଆ ପଣକୁ ଦେଖି ହଠାତ ସମୁଦ୍ର ଭିତରକୁ ପଶିଯାଇ ଉଦ୍ଧାରକରେ । କୂଳକୁ ଟାଣି ଆଣେ ସଂଧ୍ୟାକୁ ବେହୋସ ଅବସ୍ଥାରେ । ତାପରେ ତା ପିଠି ଓ ଛାତିରେ ପ୍ରେସର ଦେଇ ପାଣି ସବୁ କାଢ଼ି ଦିଏ । ଧୀରେ ଧୀରେ ତାର ହୋସ ଆସେ । ଆଖି ମେଲି ଚାହେଁ ଆଲୋକକୁ । କିଛି କ୍ଷଣ ପାଇଁ ସ୍ତବ୍ଧ ହୋଇଯାଏ । ସତେ ଯେମିତି ସେ କୌଣସି ଚାନ୍ଦକୁ ଦେଖୁନାହିଁ ତ ? ଆଖିରେ ଆଖିରେ ସମ୍ପର୍କ, ହୃଦୟର ଭାବର ଦିଆନିଆ ତାପରେ । ଆଉ ଫେରିବାକୁ ନାହିଁ । ହୃଦୟ ତଳେ ସାଇତା ଥିବା ସମସ୍ତ ଦୁଃଖ, ଦରଦକୁ ଭୁଲିଯାନ୍ତି ଦୁହେଁ ଏକ ଅଭୂଲା ମୁହୂର୍ତ୍ତର ଅପେକ୍ଷାରେ । ଛାତିରେ ମୁହୂର୍ତ୍ତକ ଲାଗି ଲୋଟିଯାଇ ଅନୁଭବ କରନ୍ତି ଦୁହେଁ ଦୁହିଁଙ୍କୁ । ଗପର ପସରା ମେଲି ହଜିଯାନ୍ତି ସ୍ୱପ୍ନର ସହରରେ ଆଉ ତୋଳି ବସନ୍ତି ଆଶା ଓ ସ୍ୱପ୍ନର ସୁନ୍ଦର ବସାଟିଏ ।

ଯେଉଁଠି ସଂଧ୍ୟା ରାଣୀ ହେଲେ ଆଲୋକ ହୁଏ ତାର ଇପ୍ସିତ ରାଜକୁମାର । କ୍ଷୀର, ନୀର ଭଳି ତାଙ୍କରି ସମ୍ପର୍କ । କେହି କାହାକୁ ଗୋଟିଏ ମୁହୂର୍ତ୍ତ ଛାଡ଼ି ବଞ୍ଚି ପାରିବେନି । ସଂଧ୍ୟା କାଳୀନ ଗୋଧୂଳିମୟ ଏକ ସୁନ୍ଦର ପରିବେଶ । ସୂର୍ଯ୍ୟଙ୍କର ଆଭା ସହ ଉଦୀୟମାନ ଚନ୍ଦ୍ରମାର ଜୋଛନା ଚାରିଆଡ଼େ ବିଛୁରିତ ହୋଇପଡ଼ିଛି । ଏକ ମନମତାଣିଆ ପାଗ ସାଥିକୁ ଶୀତଳ ବଳୟ ବହୁଛି । ଏକାନ୍ତ ପୁଷ୍ପବାଟିକାରେ ବସିଛନ୍ତି ଦୁହେଁ । ରଜନୀଗନ୍ଧାର ବାସ୍ନାରେ ଚଉଦିଗ ଚହଟି ଉଠୁଛି । ବଉଳ ଫୁଲର ବାସ୍ନା ବି ଖୁବ୍ ନିଆରା । ଧିରେ ଧୀରେ ଆଲୋକ ଡାକେ ସଂଧ୍ୟା ... । ଉଁ .. । କ'ଣ ଭାବୁଛ ? ନା କିଛି ନାହିଁ । ଯେଉଁଠି ତମେ ମୋ ପାଖରେ ଅଛ ସେଇଠି ମୋ ଭାବନା ସରିଯାଏ । ଉତ୍ତର ଦିଏ ସଂଧ୍ୟା । ଫିକ୍ କିନା ହସିଦିଏ ଆଲୋକ । ତା' ହସରେ ଭରି ରହିଥାଏ ଅନାବିଳ ପ୍ରେମ । କଥା ଛଳରେ ଆଲୋକ ପଚାରିଦିଏ ସଂଧ୍ୟା, ତମେ ସବୁଦିନ ପାଇଁ ଆଲୋକକୁ ମନେ ରଖିବ ତ? ଆଲୋକର

ପିଲାଳିଆମୀ ପ୍ରଶ୍ନରେ ଖୁବ୍ ହସେ ସଂଧ୍ୟା ଆଉ କେହି ଆରେ ବୋକା ଆଲୋକ ବିନା ପରା ସଂଧ୍ୟାର ଜୀବନ ଅନ୍ଧାର । ଶୁଣି ଖୁସି ହୁଏ ଆଲୋକ ସିନା ହେଲେ ମନେ ମନେ ଭାବେ ସଂଧ୍ୟା ଯଦି ସତରେ ବଦଳିଯାଏ ତେବେ... ସେ ତ ପୁରା ଭାଂଗି ପଡ଼ିବ । ସଂଧ୍ୟା ଯେ ତା'ର ଜୀବନ, ତା' ହୃଦୟର ସ୍ପନ୍ଦନ । ହୃଦୟର ସ୍ପନ୍ଦନ ବିନା କ'ଣ ଶରୀରର ମୂଲ୍ୟ ରହିବ ? ଅସୁମାରୀ ପ୍ରଶ୍ନ ଉଙ୍କିମାରେ ତା ମନ ମଧ୍ୟରେ .. ତାହେଲେ ସେ ବଞ୍ଚିବ କେମିତି ? ସଂଧ୍ୟା ହସିଦେଇ କହେ ଆରେ ପାଗଳ ମୋର ପ୍ରେମିକ ହେବା ପୂର୍ବରୁ ତୁମେ ଯେ ଜଣେ ମୋର ଖୁବ୍ ଅନ୍ତରଂଗ ବନ୍ଧୁ । ବନ୍ଧୁତାର ଖାତିର ମୁଁ ତୁମକୁ କେବେ ଭୁଲି ପାରିବିନି । ଆମ ଭିତରେ କିଛି ବି ସ୍ୱାର୍ଥ ନାହିଁ କି ତା ବଦଳରେ କିଛି ଆଶା ବି ନାହିଁ । ତେଣୁ ତୁମେ ଚିନ୍ତା କରନି ଆମ ବନ୍ଧୁତାରେ କାହାର ଅମଙ୍ଗଳ ନଜର ପଡ଼ିବନି । ଆଉ ବେଶୀ କିଛି ଭାବନି ଚାଲ ଘରକୁ ଯିବା । ସମୟ ସୁଅରେ ଭାସି ଚାଲେ ଦୁହିଁଙ୍କ ଶାଶ୍ୱତ ନିଃସ୍ୱାର୍ଥ ଭରା ପ୍ରେମ ସମ୍ପର୍କ । "ପ୍ରେମର ଅର୍ଥ ଆବିଳତା ନୁହେଁ କି ଦେହର ସମ୍ପର୍କ ନୁହେଁ, ଏକଥା ସେମାନେ ଭଲ ଭାବେ ବୁଝି ପାରିଛନ୍ତି । ପ୍ରେମ ହେଉଛି ଶାଶ୍ୱତ ଚିରନ୍ତନ । ଦେହରେ ନୁହେଁ ମନ ଓ ହୃଦୟରେ ତାକୁ ଚିନ୍ତନ ଓ ଅନୁଭବ କରିବା ହେଉଛି ପ୍ରକୃତ ପ୍ରେମ । ପ୍ରେମ ଦୁଇ ମନ, ଦୁଇ ହୃଦୟ ଏବଂ ଦୁଇ ଆତ୍ମାକୁ ଯୋଡ଼ି ରଖିଥାଏ । ଯିଏ ଯେତେ ଦୂରେ ଥିଲେ ବି ଜଣେ ଆର ଜଣକୁ ନିଜ ହୃଦୟ ଭିତରେ ଅନୁଭବ କରିପାରେ । ଜଣକ ଦୁଃଖରେ ଆନ ଜଣକର ଆଖିରୁ ଲୁହ ଝରିଥାଏ । ଜଣେ କଣ୍ଟା ମାଡ଼ିଦେଲେ ଆର ଜଣକୁ କଷ୍ଟ ହୁଏ । ଯେତେ ଦୂରେ ଥିଲେ ବି ପବନର ସୁମଧୁର ଛୁଆଁ ଛୁଇଁଯାଏ ଦୁହିଁଙ୍କ ହୃଦୟକୁ । ଅନୁଭବ କରନ୍ତି ଦୁହେଁ ଦୁହିଁଙ୍କୁ ହୃଦୟ ଏବଂ ଆତ୍ମା ଭିତରେ ତେଣୁ ଦୂରତ୍ୱର ପ୍ରଶ୍ନ ଉଠୁନି । ପ୍ରେମର ଅନ୍ୟ ନାମ ପରା ତ୍ୟାଗ । ଆଉ ତ୍ୟାଗ ହିଁ ପ୍ରେମକୁ ଅମରତ୍ୱ ପ୍ରଦାନ କରିଥାଏ । ସକାଳ ପାହିଲେ ସଂଧ୍ୟାର ଜନ୍ମଦିନ । ସରପ୍ରାଇଜ୍ ଦେବ ବୋଲି ରାତି ୧୨ଟା ବାଜିବାକୁ ଚାତକ ପରି ଅପେକ୍ଷା କରିଛି ଅପଲକ ନୟନରେ ଆଲୋକ । ହୃଦୟର ସ୍ପନ୍ଦନ ବଢ଼ି ଯାଉଛଇ । ତା' ପ୍ରାଣ ପ୍ରିୟାକୁ ଆଗ ସେ ଜନ୍ମ ଦିନର ବଧେଇ ଜଣାଇବ, କେହି ଯେମିତି ତା ଆଗରୁ କହି ନ ଦିଅନ୍ତି ସେଥିପାଇଁ.. । କ୍ରିଙ୍ଗ୍ ...କ୍ରିଙ୍ଗ....କ୍ରିଙ୍ଗ୍.. ଇସ୍ ଏତେ ରାତିରେ କାହା କଲ୍ ଆସିଲା ଯେ ? ଆଖି ମଳି ମଳି ସଂଧ୍ୟା ଫୋନଟାକୁ ରିସିଭ କରେ । ଏକ ମଧୁର ସୁନ୍ଦର ଗୁଞ୍ଜରଣରେ ତାର ନିଦ ସମ୍ପୂର୍ଣ୍ଣ ଭାଂଗିଯାଏ । ହାପି ବାର୍ଥଡେ ଟୁ ୟୁ । ହାପି ବାର୍ଥ ଡେ ଟୁ ୟୁ । ଆରେ ବାଃ ତମେ.. ଏ ଯାଏ ଶୋଇନ ? ମୋ ଜନ୍ମ ଦିନ ତୁମର ମନେ ଅଛି ଆଲୋକ । ଖୁସି ଗଦଗଦ ହୋଇଯାଏ ସଂଧ୍ୟା ସତେ ଯେମିତି ସେ ଦୁନିଆଁର ସମସ୍ତ ସୁଖକୁ ତା ପଣତରେ ବାନ୍ଧି ଦେଇଛି । ଆନନ୍ଦିତ ହୋଇ କହି ଉଠେ ତୁମେ ହିଁ ମୋର ପ୍ରକୃତ ବନ୍ଧୁ ଆଲୋକ । ହଉ ହେଲା । ଆଗେ କୁହ ତୁମେ କ'ଣ ଗିଫ୍ଟ ନେବ ? ଆଜି ଯାହା ମାଗିବ ମୁଁ ଦେବି । କ'ଣ ନେବ କହିଲ ? ସଂଧ୍ୟା, ହସିଦିଏ ଆଉ କହେ – ତୁମେ ହିଁ ତମୋର ସବୁଠୁଁ ବଡ଼ ଗିଫ୍ଟ ଆଲୋକ, ମତେ ଆଉ କ'ଣ ଦରକାର ଯେ.. । ହଁ ଯେ ସଂଧ୍ୟା, ମୁଁ ତ ତମର କେବେଠୁଁ ହୋଇସାରିଛି ହେଲେ ମୁଁ ଆଜି ତୁମକୁ କିଛି ଦେବାକୁ ଚାହେଁ, ତୁମ ମନ ପସନ୍ଦର । ପ୍ଲିଜ କୁହନା । ହସିଦିଏ ସଂଧ୍ୟା ଆଉ କହେ ହଉ ବାବା ଠିକ୍ ଅଛି ତୁମେ ମୋତେ କିଛି ଦେବାକୁ ଚାହୁଁଛ ନା ? ହଁ ..ତ । ତେବେ ଠିକ୍ ଅଛି ତୁମର ସୁମଧୁର କଣ୍ଠରୁ ଗୋଟିଏ ଗୀତ ଗାଇ ମୋତେ ଶୁଆଇ ଦିଅ, ସେଇଟା ହିଁ ହେବ ମୋର ଉପ୍ସିତ ଗିଫ୍ଟ । ପାଗଳି କହି ଆଲୋକ ଗାଇ ଉଠେ । ସଂଗୀତର ତାଳେ ତାଳେ ହଜିଯାଏ ଦୁଇ ଆତ୍ମା, ଏକ ହୋଇ ପବିତ୍ର ବନ୍ଧନରେ ବାନ୍ଧି ହୋଇ ଚିରଦିନ ପାଇଁ । ଜୀବନର ବାକି ସମୟକୁ ଅପେକ୍ଷା କରି.. ।

ମେଲଛାମୁଣ୍ଡା, ବରଗଡ଼ ।

# ପାଗିଳୀ

- ସୁଭଦ୍ରା ରାଉତ

ନିଜ ପରିବାର ସହିତ ପୂଜାଛୁଟି କଟେଇବା ପାଇଁ ହଷ୍ଟେଲରୁ ତିନିଚାରି ଦିନ ଛୁଟି ନେଇ ଘରକୁ ଫେରୁଥାଏ ମୁଁ । ସମୟ ସେତେବେଳକୁ ରାତି ଆଠଟା । ନୂଆକରି ଏକୁଟିଆ ମୁଁ ଘରକୁ ଫେରୁଥିଲି । ସେଥିପାଇଁ ବସ୍‌ର ଯିବା ସମୟଟା ସେଦିନ ମୋ ହାତରୁ ଖସି ଯାଇଥିଲା । ରାତି ପାଇଁ ରାସ୍ତା ଖୁବ୍ ନିଛାଟିଆ ଆଉ ଶୂନଶାନ୍ ଲାଗୁଥିଲା । ନିଛାଟିଆ ରାସ୍ତାରେ ମୁଁ ଏକୁଟିଆ ଝିଅ ପିଲାଟା ତେଣୁ ଛାତିରେ ଅସରାଏ ଛନକା ଧସିହୋଇ ପଶିଆସି ମତେ ବ୍ୟତିବ୍ୟସ୍ତ କରିପକାଉଥାଏ । ମନେ ମନେ ମୁଁ ଖାଲି ଭଗବାନଙ୍କୁ ସ୍ମରଣ କରୁଥିଲା । କିଛିକ୍ଷଣ ଅତିବାହିତ ପରେ ଜଣେ ପଚାଶ ପଂଚାବନ ବର୍ଷ ବୟସର ଲୋକ ମୋ ପାଖ ଦେଇ ଯାଉଥିଲେ । ତାଙ୍କୁ ଦେଖି ମୁଁ ବସ୍‌ର ଆସିବା ସମୟଟା ପଚାରିଦେଲି । କିନ୍ତୁ ଯେହେତୁ ବସ୍‌ର ଆସିବା ସମୟ ଚାଲି ଯାଇଥିଲା ତଥାପି ଆଉ ଗୋଟିଏ ବସ୍ ଦେଢ଼ଘଣ୍ଟା ପରେ ସେଇବାଟ ଦେଇ ଯିବ ବୋଲି ସେ କହିଦେଇଗଲେ । ବସ୍ ପୁଣି ଆସିବ ବୋଲି ଜାଣି ମତେ ଯେତିକି ଖୁସି ଲାଗିଲା ସେତିକି ଦୁଃଖ ଲାଗିଲା ବସ୍‌ର ଫେରିବା ବିଳମ୍ବ ହେବ ଜାଣି । ତେବେ କରାଯିବ ବି ଆଉ କ'ଣ ? ସେଇଠି ସେମିତି ରାସ୍ତା କଡ଼ରେ କାଠଗଣ୍ଡିଟାଏ ପରି ଛିଡ଼ା ହୋଇ ରହିଲି ।

ବସନ୍ତ ଋତୁର ମୃଦ୍‌ମଳୟ ପବନ ବହି ଚାଲିଥିଲା । ଏକୁଟିଆ ଛିଡ଼ା ହେଇ ସେ ସବୁ ମୁଁ ବେଶ୍ ଉପଭୋଗ କରୁଥିଲି । ଅଚାନକ ପବନର ଗତିରେ ଦୂରରୁ ଭାସି ଆସିଲା ଗୋଟେ ଝିଅର କଇଁକଇଁ କାନ୍ଦ ଶବ୍ଦ । ଅନ୍ଧାର ରାତିରେ ପୁଣି ଜନଶୂନ୍ୟ ରାସ୍ତାରେ ଏଭଳି ଶବ୍ଦ ଶୁଣି ମତେ ଭୟ ଲାଗିଲା ସତ କିନ୍ତୁ ମନରେ ସାହସ ଜୁଟେଇ କାନ୍ଦ ଶବ୍ଦ ଶୁଭୁଥିବା ସ୍ଥାନକୁ ଧୀରେଧୀରେ ଆଗେଇ ଚାଲିଲି ।। କିଛିବାଟ ଅତିକ୍ରାନ୍ତ ପରେ ଶେଷରେ ମୁଁ ପହଞ୍ଚି ଯାଇଥିଲି ସେହି ଝିଅଟି ପାଖରେ, ଯାହାର କାନ୍ଦ ଶବ୍ଦକୁ କାନେଇ ମୁଁ ମୋ ସ୍ଥାନରୁ ଏତେ ବାଟ ଆଗେଇ ଆସିଥିଲି । ସେହି ଝିଅ ଗୋଟେ ବିରାଟ ଆମ୍ବ ଗଛ ତଳେ ଆଣ୍ଠୁ ଭିତରେ ମୁହଁ ଜାକି କଇଁକଇଁ ହୋଇ କାନ୍ଦୁଥିଲା । ବୟସ ପ୍ରାୟ ସତର କିମ୍ବା ଅଠର ହେବ । ଦେହରେ ଥିଲା ତାର ଗୋଟିଏ ନେଳିଆ ରଂଗର ଚିରା ଡ୍ରେସ । ସେ ପୋଷାକଟାରେ ପୁଣି ତାର ଅଧା ଶରୀର ଖୁବ୍ ସ୍ପଷ୍ଟ ହୋଇ ଦେଖାଯାଉଥିଲା । ତା ସାଂଗକୁ ମୁଣ୍ଡରେ ଥିଲା ତାର ଗହବା ଝୋଟ ଭଳି ନୁଖୁରା ବାଳ । ଆଉ ପାଖରେ ଥିଲା ଗୋଟେ ବଡ଼ ଛିଣ୍ଡା ମୁଣି ଆଉ ଥାଳି । ମୁଣିଟିକୁ ଦେଖିଲେ ଜଣାପଡୁନଥିଲା ସେଥିରେ କିଛି ମୂଲ୍ୟବାନ ଜିନିଷ ଥିଲା ଭଳି । କିନ୍ତୁ ଝିଅଟି ପାଇଁ ବୋଧହୁଏ ସେ ସବୁ ଖୁବ୍ ମୂଲ୍ୟବାନ ହେଇଥିବ । ତେବେ ଏତେ ରାତିରେ ଏକୁଟିଆ ଝିଅଟା ପୁଣି ତାର ଏପରି ବେଶରେ କଇଁକଇଁ ହୋଇ କାନ୍ଦିବାଟା ମୋ ମନରେ ଗୁଡ଼ାଏ ପ୍ରଶ୍ନ ସୃଷ୍ଟି କରିଥିଲା । ତାକୁ ଦେଖି ମୁଁ ପ୍ରଥମେ ଭାବିନେଲି ଯେ ସେ ପାଗିଳୀ ବୋଲି । ପୁଣି ଭାବିଲି ଯଦି ସେ ପାଗିଳୀ ତାହେଲେ ତାର ଏପରି ବସି କାନ୍ଦିବାରୁ ତ କାହିଁ ଜଣା ଯାଉନି । ତା ମାନେ କ'ଣ ସେ କାହାର ଘୃଣିତ ଚକ୍ଷୁର ଶିକାର ହୋଇଛି ନା ସେ କାହାର ବଳାତ୍କାରର ଶୀକାର ହୋଇଛି ? ମୋ ମନରେ ଜମାଟ ବାନ୍ଧି ଯାଉଥିବା ଏ ସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ମୁଁ ସେ ଝିଅଟି ପାଖକୁ ଗଲି ।

ଆଶ୍ଚର୍ଯ୍ୟ... । ଝିଅଟି ଅଚାନକ ମୋର ପାଦ ଶବ୍ଦ ଶୁଣି ସଂଗେସଂଗେ ପାଗିଳୀଙ୍କ ଭଳି ହସିବାକୁ ଲାଗିଲା, ପାଖରେ ପଡ଼ିଥିବା ଗୋଡ଼ିକୁ ସାଉଁଟି ଉପରକୁ ଫିଙ୍ଗି ଖେଳିବାକୁ ଲାଗିଲା । ମୁଁ କିନ୍ତୁ ତା'ର ଏଭଳି ପରିବର୍ତ୍ତନକୁ ଦେଖି ଠିକ୍ ବୁଝିପାରୁଥିଲି ଯେ ସେ ମୋ ଆଗରେ ନିଜକୁ ପାଗିଳୀ ବୋଲି ପରିଚିତ କରାଉଥିଲା । ଆଉ ତା'ର ସେ ହସ ଆଉ ଗୋଡ଼ିଖେଳ ବାସ୍ ଖାଲି ଗୋଟେ ବାହାନା ଥିଲା । କିନ୍ତୁ, ମୋ ମନରେ ତା ପାଇଁ ଯେଉଁ ସବୁ ପ୍ରଶ୍ନ ଉଙ୍କି ମାରିଥିଲା ସେ ସବୁର ଉତ୍ତର ଜାଣିବା

ପାଇଁ ମୁଁ ତା ପାଖରେ ଯାଇ ବସିଲି ଆଉ ତା'ର ସେଇ ଅଧାଫୁଙ୍ଗୁଳା ପିଠି ଉପରେ ହାତଟା ପକେଇଦେଲି । ମୋର ତା ପିଠି ଉପରେ ଏଭଳି ହଠାତ୍ ହାତ ପକେଇଦେବା ବୋଧହୁଏ ତାକୁ ଲାଗିଥିଲା ଯେପରି ମୁଁ ଜାଣିସାରିଛି ଯେ ପାଗିଳୀ ନୁହେଁ ବୋଲି । ସେଥିପାଇଁ ସେ ତାର ପାଗିଳୀ ଭଳି ଅଭିନୟ ଅଧିକା କରିଦେଲା । ମୁଁ କିଛି ସମୟ ନିରବ ରହି ସେ ସବୁ ଦେଖିଚାଲିଲି । ପରିଣତିରେ ମୁଁ ଯେହେତୁ ମୋର ସବୁ ପ୍ରଶ୍ନର ଉତ୍ତର ତା ଠୁଁ ପାଇବାର ଥିଲା ତେଣୁ ମୁଁ ଆଉ ବେଶୀ ସମୟ ନିରବ ନରହି ତାକୁ ଆଶ୍ୱାସନା ଭରା କଥା ପଦିଏ କହିଲି, ଏ ଝିଅ ତୁ ଡରନି, ମୁଁ ତୋର କିଛି କ୍ଷତି କରିବିନି । ମୁଁ ପରା ତୋ ଭଳି ଗୋଟେ ଝିଅ ମୁଁ କେମିତି ତୋର କିଛି କ୍ଷତି କରିବି । ଆଉ ମୁଁ ଜାଣିସାରିଛି ଯେ ତୁ ପାଗିଳୀ ନୁହେଁ ବୋଲି । ଏତେ ରାତିରେ ତୁ ଏମିତି ଏଠି ଏକୁଟିଆ କ'ଣ ପାଇଁ ଆଉ ତୋର ପରିଚୟ କ'ଣ ? ମୋର ଏତେ ସମୟ ଧରି ତା ପାଇଁ ଥିବା ଏ ସବୁ କଥା ତା ଉପରେ କିଛି ଫରକ୍ ପଡୁନଥିଲା । ଶେଷରେ ମୁଁ ଯେତେବେଳେ ତାକୁ ତାର ପରିଚୟଟା ପଚାରିଦେଲି ସେତେବେଳେ ତାର ସେ ସବୁ ଅଭିନୟ ବନ୍ଦ ହୋଇଗଲା ଆଉ ତାର ସେ ନିରୀହ ଆଖି ଯୋଡ଼ିକରୁ କେଇଧାର ଲୁହ ଖସି ପଡ଼ିଥିଲା । ସେ ତାର ସେଇ ଲୁହ ଛଳ ଛଳ ଆଖି ଯୋଡ଼ିକରେ ମତେ ଚାହିଁ କହି ଚାଲିଲା - ମୋର ଏଇ ଦୁନିଆରେ ପରିଚୟ କେବଳ ପାଗିଳୀ । ଆଉ ଏ ପରିଚୟ କେବଳ ମୁଁ ହିଁ ତିଆରି କରିଛି । ପାଗିଳୀ ଭଳି ଚିରା ପୋଷାକରେ ନିଜ ଶରୀରକୁ ଅଧାଫୁଙ୍ଗୁଳା କରି ମଇଳା ଦେହରେ ଯଦି ମୋର ଏ ଭିକଥାଳି ଆଉ ଛିଣ୍ଡାମୁଣି ଧରି ନ ବୁଲିବି ତାହେଲେ ମୁଁ ଅନାଥିନି କେଇଟା ଦିନରେ ଭୋକ ଉପାସରେ ମରିଯିବି ।

କିଛି ସମୟ ନିରବ ରହି କୋହଭରା କଣ୍ଠରେ ସେ ପୁଣି କହିଲା - ଆଉ ଏ ଚିରା ପୋଷାକ କେବଳ ମୋ ସୁରକ୍ଷା ପାଇଁ । ଏ ଚିରା ପୋଷାକ ପାଇଁ ହୁଏତ ସମାଜର କେତେକ ଲମ୍ପଟ ପୁରୁଷ ମତେ ପାଗିଳୀ ଭାବି ଦୟା ଦେଖେଇ ଛାଡ଼ିଦେଇ ପାରନ୍ତି କିନ୍ତୁ ତଥାପି ବି ମୁଁ ବେଳେବେଳେ ସେମାନଙ୍କ କବଳରୁ ମୁକୁଳି ପାରେନି । ଏତେ ସବୁ କଥା କହି ସାରି ସେ କେବଳ ଶୂନ୍ୟ କଳାଅନ୍ଧାର ଆକାଶକୁ ଚାହିଁ ଭୂଇଁରେ ହାତ ପିଟି କାନ୍ଦିବାକୁ ଲାଗିଲା । ଆଉ ତାର ଏ ସବୁ କଥା ଶୁଣି ମୋ ଆଖିରୁ ଦୁଇଧାର ଲୁହ ଝରିଆସିଥିଲା । ମାନବିକତା ଦୃଷ୍ଟିରୁ ମୋ ପାଖରେ ଥିବା ବିସ୍କୁଟ ପ୍ୟାକେଟିକୁ ତା ହାତକୁ ବଢ଼େଇ ଦେଇଥିଲି । ହଠାତ୍ ବସ୍ ଆସିବାର ଶବ୍ଦ ହେଲା । ଝିଅଟିର ସାହା ହେବା ପାଇଁ ମୋ ବିବେକ ମତେ କହୁଥିଲେ ବି ମୁଁ ଥିଲି ନିରୁପାୟ । ବସ୍‌ରେ ବସି ବାଟସାରା କେବଳ ମୁଁ ତାର ସୁରକ୍ଷା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥିଲି ।

ଚୋର ମୁହାଁ, ଧର୍ମଶାଳା, ଯାଜପୁର ।

# ସ୍ମୃତି

– ସତ୍ୟ ରଞ୍ଜନ ମିଶ୍ର

କାହାଣୀଟି ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରର । ଏଥିରେ ଥିବା ଚରିତ୍ର ମାନେ ହେଲେ ଗୃହକର୍ତ୍ତା ଚୈତନ୍ୟ ମିଶ୍ର, ଧର୍ମପତ୍ନୀ ନିରୂପମା ଏବଂ ଏକମାତ୍ର ପୁତ୍ର ବାବୁନା । ପୂଜାପାଠ, କର୍ମ କର୍ମାଣି ହୋମଯଜ୍ଞରେ ଆଖପାଖ ୫ଖଣ୍ଡ ଗାଁରେ ଚୈତନ୍ୟ ମିଶ୍ରେଙ୍କର ନାଁ ଡାକ । ତାକୁ ଛାଡ଼ି ପୈତୃକ ଜମିଖଣ୍ଡକରୁ ଭାଗ ଚାଷ ବାବଦ ଯାହା ଯେତିକି ମିଳେ, ମିଶ୍ରେ ଆପଣେ ବର୍ଷସାରା ସୁଖେ ଦୁଃଖେ ତାଙ୍କ ଛୋଟ ପରିବାରକୁ ଚଳେଇ ନିଅନ୍ତି । ପତ୍ନୀ ନିରୂପମା ହେଲେ ସୁଗୃହିଣୀ ଏବଂ ପୁତ୍ର ବାବୁନା ବିଟେକ ଶେଷ ବର୍ଷର ଛାତ୍ର ।

ରବିବାର, ସମୟ ଦିନ ଦଶଟା । ବାବୁନା ତା ପାଖରେ ବସି ମୋବାଇଲ ଫୋନ୍ ଚାଳନାରେ ବ୍ୟସ୍ତ । ନିରୂପମା, ଓଦା ଜାଳ ଯୋଗୁଁ ନିଆଁ ଧରୁ ନଥିବା ଧୂମପୂର୍ଣ୍ଣ ଚୁଲିକୁ ଫୁଙ୍କନଳାଟି ଧରି ଫୁଙ୍କିବାରେ ଲାଗିଛନ୍ତି । ଏତିକି ବେଳେ ବାହାରୁ ମିଶ୍ରେଙ୍କ ସାଇକେଲ ଷ୍ଟାଣ୍ଡ ମାରିବାର ଶବ୍ଦ ଆଉ ଘର ଭିତରକୁ ପ୍ରବେସ ।

ଚୈତନ୍ୟବାବୁ – ଆରେ ବାବୁନା ଶୁଣୁଛୁ, ବାବୁନାରେ କୁଆଡ଼େ ଗଲୁ କିରେ ? ଶୁଣୁଛୁ ଟି ?

ନିରୁପମା –ହେଇଲୋ ଇଏ ଆସିଗଲେ ଲୋ ମା । ଏ ନିଆଁ ଲଗା ଚୂଲିକୁ ଏତିକିବେଳେ ଲିଭିବାର ଥିଲା । ଏଇଲେ ଏ ଲୋକ ମୋ ଜୀବନ ଖାଇବେ । କ'ଣ କରିବି ଲୋ, ମା ଜାଗୁଳାଇ ମୋତେ ବଞ୍ଚା ।

ଚୈତନ୍ୟବାବୁ – ଓହୋ କି ବିକଟାଳ ଧୂଆଁ । ଏ ଘରେ ମଣିଷ ରହିବେଟି ? ସତରେ ପ୍ରକୃତି ନୈବ ମୁଚ୍ୟତେ.. ମୋତେ ଯେତେ ମାଠିବୁ ମାଠ୍, ମୁଁ ସେଇ ଦରପୋଡ଼ା କାଠ । ଯେତେ ବୁଝେଇଲେ କି କହିଲେ କିଛି ବି ଲାଭ ହବନି.. ଚୂଲିରେ ଧୂଆଁ ଟିକେ ନକଲେ  ଜମାରୁ ତ ଭଲ ଲାଗିବନି ଆଉ ଯେତେ ହେଲେ ବାପଘର ଅଭ୍ୟାସନା.. ଏତେ ସହଜରେ କେମିତି ଛାଡ଼ିବ ? ମଶାଣୀ ଯାଏ ସାଂଗରେ ଯିବ ପରା ।

ନିରୁପମା – ହେଇଟି ଏମିତି କଥା କଥାକେ ବାପଘର ନାଁ ଧରିବନି କହୁଛି ନହେଲେ ଏଇଲେ ମୋ ଅସଲ ରୂପ ଦେଖିବ

ଚୈତନ୍ୟବାବୁ – ହଁ ହଁ ଦେଖିଚି.. ବାହାଘରକୁ ଆସି ଚବିଶ ବର୍ଷ ହେଲା ଦେଖିଆସୁଛି.. ଆଉ କୋଉ ରୂପ ବାକି ଅଛି କି ଆଜି ଦେଖିବି ?

ବାବୁନା – ଓହୋଃ ସକାଳୁ ସକାଳୁ ତୁମ ଦି'ଜଣଙ୍କର ପୁଣି ମହାଭାରତ ଆରମ୍ଭ ହେଇଗଲା ? ଯେତେବେଳେ ଏକାଠି ହୋଇ, ସେତେବେଳେ କଳି ଆରମ୍ଭ ? ଛୋଟଛୁଆଙ୍କ ଠାରୁ ବି ବଳି ଗଲଣି । ସ୍କୁଲ ଛୁଆ ବି ଆଜି ମିଟି କଲେ ତିନିଦିନ ଯାଏ ଆଉ କଳି କରୁନାହାନ୍ତି । ଦି'ଜଣ ଯାକ ଟିକେ ହେଲେ ଲାଜ ସରମ ତ ରଖ..

ଚୈତନ୍ୟବାବୁ – ଲାଜ ସରମ । ହେଁ ସେଇଟା କେମିତିଆ କ'ଣ, ତୋ ବୋଉ ଜାଣିଚି କେବେ ? କ'ଣ ଟିକେ କହିଲେ ସ୍ୱାମୀ ଉପରକୁ ଚିହିଁଙ୍କ ଆସିବ ଯେ ମାରେ ନ ମାରେ । ଛାଡ଼.. କାହାକୁ କହିବି ସବୁ ପୂର୍ବ ଜନ୍ମର ପାପ । ଏ ଜନ୍ମରେ ଭୋଗିବାକୁ ତ ହେବ । ଲୋକଟାର ତ ପାଇଲି । ମୋ କପାଳକୁ ଆସି ଜୁଟିଛି ଖାଲି କଳି କରିବାକୁ । ଦିନୁଟାଏ କଳି ନ କଲେ ପୁଣି ବେଦ ଅଶୁଦ୍ଧ ହେଇଯିବ ଯେ ।

ନିରୁପମା – ନିଜେ ତ ଗୋଟାପଣେ ଭାରି ଭଲ ଆଉ ମୋର ଭେକ ଯାଉଥିଲା ମୁଁ ତୁମ ସହ କଳି କରୁଥିଲି.. କଳିଆ ଲୋକ ଯିଏ ଖାଲି କଳି କଥା ଖୋଜୁଥିବ କେମିତି ଆରମ୍ଭ କରିବ ବୋଲି ନ ହେଲେ ଖାଇବା ତକ ଜୀର୍ଣ୍ଣ ହେବନି ପରା ।

ବାବୁନା – ହଉ ଥାଉ । ଯେଝା ଯେଝା କାମ କର । ଆଉ ମୁହଁକୁ ମୁହଁ ଯୋଡ଼ି କଳି ବଢ଼ାଅନି । ନନା, ତମେ ଆଇଲ, ମୁଁ ପଖାଳ ବାଢୁଛି ଦିହେଁ ଖାଇବା । ବୋଉଲୋ ତୁ ଆଉ ସେ ଚୁଲି

ନ ଫୁଙ୍କି ଆଉ ଟିକେ କିରୋସିନ ପକେଇ ନିଆଁ ଧରେଇବୁ । ଧୂଆଁରେ ଘର ଦ୍ୱାର କଳା ହେଇଗଲାଣି, ଆଉ ଟିକେ ଧୂଆଁ ହେଲେ ଦମକଳ ବାଲା ଧାଇଁଆସିବେ ।

ତରକାରୀ କିରାସିନି ଗନ୍ଧ ହେଲେ ମତେ ପରେ ଦୋଷ ଦବନି କହିଦେଉଛି । ଏତିକି ଶୂନ୍ୟବାଣୀ କରି ନିରୁପମା ଡିବିରୁ କିରୋସିନ ନିଗାଡ଼ି ଚୁଲି ଲଗେଇଲେ ଆଉ ଧୂଆଁ କମିଲାପରେ ଯାଇ ଚୈତନ୍ୟବାବୁ ଚୁପଚାପ ଆସି ଖାଇବା ଜାଗାରେ ତାଙ୍କ ଆସନ ପକେଇ ବସିଲେ । ବାବୁନା ଭାତ ହାଣ୍ଡିରୁ ପଖାଳ ଦୁଇ କଂସା ବାଢ଼ିଦେଇ ଲୁଣ, ଲଙ୍କା, କାଗେଜି ଫାଳେ, ରସୁଣ ଦିପାଖୁଡ଼ା, ପୋଡ଼ା ବାଇଗଣଟେ ଆଉ କଲରା ଆଳୁ ଭଜା ଆଣି ନନାଙ୍କ ସାମ୍ନାରେ ରଖିଲା । ନିଜେ ପିଢ଼ା ପକେଇ ବସିଲା ଆଉ ଭାତ ଗୋଳେଇ ଖାଇଲା । ଦି' ଗୁଣ୍ଡା ଖାଇଛି କି ନାହିଁ, ବାବୁନା ଚୈତନ୍ୟବାବୁଙ୍କୁ ପଚାରିଲା ।

ବାବୁନା – ଆଚ୍ଛା ନନା ତମେ ଯୋଉ ମିଲୁ ଭାଇନା ଘରକୁ ଯାଇଥିଲ. ସ୍କୁଟି କଥା ବୁଝିବାକୁ କ'ଣ ହେଲା ସେଠି ?

ଚୈତନ୍ୟବାବୁ  ଚିହିଁଙ୍କି ଉଠି ସେ ସ୍କୁଟି ଫୁଟି ଆମର କିଛି ଆସିବନି ।

ବାବୁନା – ଓହୋଃ, ଟିକେ ଶାନ୍ତ ହୁଅ ରାଗୁଚ କାଇଁ ? ତମେ ଆଗ ଢ଼ୋକେ ତୋରାଣି ପିଅ । ମୁଣ୍ଡ ଥଣ୍ଡା କର, ତାପରେ କୁହ.. ।

ଚୈତନ୍ୟବାବୁ – ମୁଣ୍ଡ କ'ଣ ଥଣ୍ଡା କରିବି.. ଏଠି ଯୋଉ ଲୋକଟା ଘରେ ଅଛି ସେ କ'ଣ କାହା ମୁଣ୍ଡ ଥଣ୍ଡା ରଖେଇ ଦେବ ?

ବାବୁନା – ହଉ ହଉ ହେଲା, ତମେ ତ ଜାଣିଛ ସେ କେମିତିଆ ଲୋକ । ହେଲେ ତମେ ବୁଝିବା ଶୁଝିବା ଲୋକ ହେଇ ଯଦି ଏମିତି କହିବ, ସେ ଅବୁଝା ଲୋକକୁ କ'ଣ ବୁଝେଇବ । ହଉ, ତମେ ଆଗ କହିଲ, ମିଲୁ ଭାଇନା କ'ଣ କହିଲେ ସ୍କୁଟି କଥା ?

ପଖାଳ ଗୁଣ୍ଡାଏ ପାଟିରେ ଭର୍ତ୍ତି କରି, ଅଧକଂସା ତୋରାଣି ପିଇଦେଇ ଗୋଟେ ହାକୁଡ଼ି ମାରି, ଟିକେ ନରମ ସ୍ୱରରେ ଚୈତନ୍ୟବାବୁ ଉତ୍ତର ଦେଲେ – ଆରେ, ସେଇ କଥା କହିବାକୁ ଆସୁଥିଲି । ଏ ଲୋକଟା ପରା ମୁଣ୍ଡ ଖରାପ କରିଦେଲା ।

ବାବୁନା – ଓହୋ ରେ ତମେ ତ ତାରି ପଛରେ ପଡ଼ିଛ, ତା କଥା ଛାଡ଼, ସ୍କୁଟି କଥା କ'ଣ ହେଲା ଏଥର କୁହ ।

ଚୈତନ୍ୟବାବୁ – ନରମ ସ୍ୱରରେ ଯାଇଥିଲି ମିଲି ଘରକୁ ଗାଡ଼ିଟା ଦେଖିଲି । ଦେଖିବାକୁ ସବୁ ଠିକ୍ ଠାକ୍ ଲାଗୁଛି ସିନା ହେଲେ ସେଇଟା ତିନିବର୍ଷ ପୁରୁଣା ଗାଡ଼ି । ଅବଶ୍ୟ ରଂଗ ଦେଇ ଚିକ୍ ଚିକ୍ କରିଦେଇଛି ତାକୁ । ମିଲୁ କହୁଛି ଯେ କାଗଜପତ୍ର ବାବଦକୁ ମିଶେଇ ତିରିଶ ହଜାର ଟଙ୍କା ନେବ । ଆଉ ପୁଣି ଟଙ୍କା ଦେଲେ ସେ କହୁଛି, ଆଜି ଗାଡ଼ି ନେଇଯାଅ ।

ବାବୁନା – ଖୁସିରେ ଆରେ ବାଃ ଏତେ ଶସ୍ତାରେ ଏତେ ସୁନ୍ଦର ଗାଡ଼ି । ବଢ଼ିଆ ହେଲା । ଚାଲ ଆଜି ଯାଇ ଗାଡ଼ି ନେଇଆସିବା ।

ଚୈତନ୍ୟବାବୁ ମୁଖକୁ ବିମୁଖ କରି – ହୁଁ କ'ଣ ନେଇ ଆସିବା ମ । ମୁଁ ଏମିତି ଖାଲି ବୁଝିବାକୁ ଯାଇଥିଲି ନା ଆଉ ଏବେ ଆମର କିଏ ଗାଡ଼ି ଆଣିବ ମ ?

ବାବୁନା – ଅଳ୍ପ ବିରକ୍ତି ଭାବ ସହ ଆରେ ମୁଁ ତମକୁ ଶହେଥର ସେକଥା କହିସାରିଲିଣି ପରା । ମିଲୁଭାଇନା ଘରକୁ ପଠେଇବା ଆଗରୁ ଏତେ ବୁଝାଇକି ପଠାଇଲି ତଥାପି ଭୁଲିଗଲ । ହାଏରେ ବିଧାତା! ଆରେ କେତେବେଳେ କ'ଣ ଏମରଜିନ୍ସି ପଡ଼ିଲେ ପାଖରେ ଗାଡ଼ିଟିଏ ଥିଲେ କେତେ ସୁବିଧା । କୁଣିଆ ଘରକୁ ଗଲେ ଫଟକିନା ଧରିକି ଚାଲିଯିବ । କାହାକୁ ଆଉ ଖୋସାମନ୍ଦ କରିବାକୁ ପଡ଼ିବନି । ତା ଛଡ଼ା ଆଉ ବର୍ଷେ ପରେ ମୁଁ ଯେତେବେଳେ ଚାକିରି କରିବି ସେତେବେଳେ ତ ମୋର ଗାଡ଼ିଟିଏ ନିହାତି ଦରକାର । ମୁଁ ପୁଣି ଏବେଠୁ ଶିଖିଲେ ଯାଇ ସେତେବେଳେ କାମରେ ଲାଗିବ ?

ଚୈତନ୍ୟବାବୁ – ହେଁ ଖାଲି ନେଇଆସିଲେ ହେଇଯିବ ? ତାକୁ ପୁଣି ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ପକାଇବାକୁ ଖର୍ଚ୍ଚ । ନା ହେଇପାରିବନି ସେକଥା । ଆମର ସାଇକେଲ ସବୁଠୁ ଭଲ ।

ବାବୁନା – ଅଳ୍ପଟିକେ ଚିଡ଼ିଯାଇ । ତୁମ ସାଇକେଲ ଭଲ ହେଇଥାଉ । ଯୁଗ ବଦଳିଲାଣି । ଏବେକା ଯୁଗ ଅନୁସାରେ ଚଳିବାକୁ ହବ ନା ଲୋକ ତୁମକୁ କ'ଣ କହୁଛନ୍ତି ତୁମେ ଜାଣିପାରୁନ ?

ଚୈତନ୍ୟବାବୁ – ସେ ଲୋକଙ୍କ କଥାରୁ କ'ଣ ମିଳିବ । ବାରଲୋକ ବାରକଥା କହିବେ । ଲୋକ ଯିଏ ଯାହା କହୁଛନ୍ତି କୁହନ୍ତୁ ସେ କ'ଣ ଆମକୁ ପୋଷୁଛନ୍ତି ? ଆଗ ସେ ବାଟମେଲା ଭାଂଗି ଘର ତିଆରି କରିବା । ପାହାଚରେ ଶୁଲୁପ ତିଆରି କରିବା । ତା'ପରେ ଯାଇ ଗାଡ଼ି ଆସିବ । ବୁଝିଲୁ ?

ବାବୁନା – ସେତେବେଳକୁ ମୁଁ ବୁଢ଼ା ହୋଇଯାଇଥିବି ।

ଚୈତନ୍ୟବାବୁ – ହଉ ବୁଢ଼ା ହେଲେ ହ । ତୁ ଆଗ ଚାକିରି କର ତୋ ପଇସାରେ ତୁ ତୋର ଗାଡ଼ି କରିବୁ । ତୁ ଚଢ଼ିବୁ ।

ବାବୁନା – ଚିଡ଼ିଯାଇ ମୁଁ ତ ସବୁ କରିବି । ତାହେଲେ ମୋତେ ଜନ୍ମ କାହିଁ କରୁଥିଲ ?

ଚୈତନ୍ୟବାବୁ – ଚିହିଁକି ଉଠି ତତେ ଜନ୍ମ କରିଥିଲି କ'ଣ ଏଇଆ ଶୁଣିବା ପାଇଁ । ବୋପା ମୁହଁରେ ଜବାବ୍ ଦେବୁ । ଶଳା ମା ଯେମନ କୁ ଛୁଆ ତେମନ । ସମସ୍ତଙ୍କ ମୁହଁ ବଢ଼ିଗଲାଣି । କେହି ଆଉ ଛୋଟିଆ ଉପରେ ନାହାନ୍ତି ।

ବାବୁନା କିଛି କହିବାକୁ ଯାଉଥିଲା ହେଲେ ଏତିକି ବେଳେ ନିରୁପମା ଘର ଭିତରକୁ ପଶିଆସି ବାବୁନାକୁ ରୋକି ଦେଇ କହିଲେ । ତୁ ତାଙ୍କୁ କିଛି କହନାରେ ବାବୁନା । ସେ ଲୋକ ଯାହା ବୁଝିଥିବେ ସେଇଆ । ସ୍ୱର୍ଗରୁ ହରବ୍ରହ୍ମା ଆଇଲେ ବି ତାଙ୍କୁ ବଦଳାଇ ପାରିବେନି । ତୁ ଛାଡ଼ ତାଙ୍କ କଥା । ତୁ ଆମର ମୋ ପାଇଁ ଟିକେ ଚା' ବସାଇଲୁ ।

ବାବୁନା – ଗୁଣୁଗୁଣୁ ହେଇ ମୁଁ ଜାଣିଥିଲି, ଏ ଲୋକଙ୍କ ଦ୍ୱାରା କିଛି କାମ ହବନି । କଂଜୁସ କୋଉଠିକାର । ଏତେ କହି ମୁହଁଟାକୁ ବିକୃତ କରି ଖାଇବା କଂସାରୁ ଉଠିଗଲା ବାବୁନା । ତା'ପରେ ହାତ ଧୋଇ ଚା' ବସେଇବାକୁ ଗଲା । ତା ପଛେ ପଛେ ଚୈତନ୍ୟବାବୁ ବି ଖାଇସାରି ଉଠି ହାତ ଧୋଇବାକୁ ଗଲେ । ହାତ ଧୋଇ ସାରି କହିଲେ – ଓହୋ, ଏଠି ଆଉ ଏ ମା ପୁଅଙ୍କ ଦାଉରେ ଚଳି ହବନି । କୋଉ ଜନ୍ମରେ କୋଉ ପାପ କରିଥିଲି କେଜାଣି, ଠାକୁରେ ମୋତେ ଆଣି ଏମିତିଆ ସଂସାରରେ ଘାଣ୍ଟୁଛନ୍ତି ।

ଏତିକି କହି ଗାମୁଛାରେ ହାତ ପୋଛିଲେ ଆଉ ଚପଲ ମାଡ଼ି ବାହାରକୁ ଚାଲିଗଲେ ।

ବାବୁନା – ଆରେ ଆରେ କୁଆଡ଼େ ଗଲେ ସେ ? ଚା ପିଇ ନଥାନ୍ତେ ? କିଛି କଥା ବୁଝିବେନି, ଖାଲି ସବୁବେଳେ ଯାଙ୍କର ନାକ ଅଗରେ ରାଗ ।

ନିରୁପମା – ହଉ, ତୁ ଛାଡ଼େ ସେକଥା । ସେ ଯାଆନ୍ତୁ ଯୁଆଡ଼େ ଯାଉଛନ୍ତି । ତୁ ଆମର ଚା' କରିଦେ । ଆମେ ଦି'ଜଣ ପିଇଦେବା । ତାଙ୍କ ପାଇଁ ରଖିଦେଇଥିବା, ଆସିଲେ ନିଜେ ଗରମ କରି ପିଇବେ ।

ବାବୁନା ସସ୍ପେନରେ କ୍ଷୀର ନେଇ ଚା' ତିଆରି କଲା, ତା'ପରେ ବାବୁନା ଓ ନିରୁପମା ଦି'ଜଣଯାକ ଚା' ପିଇଲେ । ଚା' ପିଇସାରି କପ ଧୋଇଲା ବେଳକୁ ଚୈତନ୍ୟବାବୁ ତରତର ହେଇ ଘରକୁ ପଶି ଆସି ବାବୁନାକୁ ଡାକ ପକେଇଲେ ।

ଚୈତନ୍ୟବାବୁ – ହେଇରେ ବାବୁନା ଶୁଣିଲୁନି ଗୋଟେ କଥା ?

ବାବୁନା – ଆଶ୍ଚର୍ଯ୍ୟ ହୋଇ କହିଲା – କ'ଣ କୋଉ କଥା ?

ଚୈତନ୍ୟବାବୁ – ଆରେ ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ କୁଆଡ଼େ ଗୋଟେ ନୂଆ ସ୍କିମ୍ କରିବାକୁ ଯାଉଛନ୍ତି । ଓଡ଼ିଶାର ଯୋଉ ଲୋକମାନଙ୍କ ପାଖରେ କୃଷକ କଲ୍ୟାଣ କାର୍ଡ଼ ଅଛି, ସେମାନଙ୍କୁ କୁଆଡ଼େ ଦୁଇଚକିଆ ଯାନ କିଣିବାକୁ ଅଧା ପଇସା, ମାନେ ତିରିଶ ହଜାର ଟଙ୍କା ଯାଏ ଦିଆଯିବ । ସପ୍ତାହେ ଭିତରେ କାଗଜପତ୍ର ସହ ନୂଆ ଗାଡ଼ିର ଫୋଟୋ ଉଠେଇ ସରପଞ୍ଚକୁ ଦେଲେ, ମାସକ ଭିତରେ ପଇସା ସିଧା ସଳଖ ତୁମ ବ୍ୟାଙ୍କ ଖାତାକୁ ଆସିଯିବ ।

ବାବୁନା – ଓଃ ଏଇକଥା । ମୁଁ ଭାବିଲି ଆଉ କ'ଣ କହିବ ବୋଧେ । ହଁ ଏକଥା ମୁଁ ଆଗରୁ ଶୁଣିଥିଲି ଯେ ହେଲେ ସେଥିରେ ଆମକୁ କ'ଣ ମିଳିବ ? ଗଛରେ ବେଲ ପାଚିଲେ କାଉର କି ଯାଏ...

ଚୈତନ୍ୟବାବୁ – ଆରେ ବୋକା ବୁଝିପାରୁନୁ କ'ଣ

ମ ? ମୁଁ କ'ଣ କହୁଥିଲି କହିଲୁ ଆମେ ତିରିଶ ହଜାର ଦେଇ ମିଲୁଠାରୁ ସେଇ ପୁରୁଣା ସ୍କୁଟିଟା ନେଇ ଆସନ୍ତେ । ତା'ପରେ ତା'ର ଫଟୋ ଉଠେଇ ସରପଞ୍ଚଙ୍କ ପାଖକୁ କାଗଜପତ୍ର ପଠେଇଦେବା । ତାପରେ ଆମ ବ୍ୟାଙ୍କ ଖାତାକୁ ପଇସା ପଳେଇ ଆସିବ ଆଉ । ସ୍କୁଟିକୁ ସ୍କୁଟି କିଣିବା ହବ ଆଉ ପଇସା ବି ବଞ୍ଚିଯିବ । ବୁଝିଲୁଟି ଏଇଥର ନା କ'ଣ ?

ବାବୁନା – ହଁ ଯେ ନନା ତୁମେ ଠିକ୍ କହୁଛ ସିନା ହେଲେ ଆମର ଏଇଲେ ଗାଡ଼ିଟାଏ କ'ଣ ହେବ ?

ଚୈତନ୍ୟବାବୁ – ଆରେ କେତେବେଳେ କ'ଣ ଏମର୍ଜେନ୍ସି ସମୟରେ ଗାଡ଼ିଟା ପାଖରେ ଥିଲେ ଗୋଟେ ଦମ୍ଭ ନା । ମାମୁଁ ଘରକୁ ଗଲାବେଳକୁ ଫଟ କିନା ଧରି ଚାଲିଯିବା ଆଉ କାହାକୁ ଖୋସାମତ କରିବାକୁ ପଡ଼ିବେନି । ତୁ ପୁଣି ଚାକିରୀ କଲେ ଯିବା ଆସିବା କରିବୁ । ତୋର ପୁଣି ଦରକାର । ଏବେଠୁଁ ଚଢ଼ିଲେ ସିନା ଚାକିରୀ ବେଳକୁ ଶିଖିଯିବୁ ।

ବାବୁନା – ହଁ ଯେ ପୁଣି ସେ ଗାଡ଼ିକୁ ମେଣ୍ଟେନ କରିବାକୁ ହଜାର ହଜାର ଖର୍ଚ୍ଚ । ପୁଣି ତେଲ ଖର୍ଚ୍ଚ । ନାଁ ନାଁ ଆଉ ଆମର ସେଇ ସାଇକେଲ ଭଲ ।

ଚୈତନ୍ୟ ବାବୁ ସାଇକେଲ କ'ଣ ଭଲ ? ଆଜିକା ଯୁଗକୁ ଗାଡ଼ିଟାଏ ପାଖରେ, ନଥିଲେ କେତେ ଲୋକ କେତେ କଥା କହୁଛନ୍ତି କହିଲୁ ?

ବାବୁନା – ସେ ଲୋକମାନେ କ'ଣ ଆମ କୁଟୁମ୍ବ ପୋଷୁଛନ୍ତି ? ଆମର ଏଇଲେ ଘରଦ୍ୱାର ନାହିଁ ଗାଡ଼ିଟାକୁ ଆଣି ରଖିବା କେଉଁଠି ? ଘରକାମ ସରୁ । ମୁଁ ଚାକିରି କରିସାରେ ତାପରେ କିଣିବା ।

ଚୈତନ୍ୟବାବୁ ଆବାକ୍ ହୋଇ ବାବୁନା ମୁହଁକୁ ଚାହିଁଥାନ୍ତି । ନିରୁପମା ଚା' କପରେ ମୁହଁ ଲୁଚେଇ ମୁରୁକି ମୁରୁକି ହସୁଥାନ୍ତି । ତାପରେ ଅଳ୍ପ ରାଗ ଓ ଅଳ୍ପ ଅଭିମାନରେ ଚୈତନ୍ୟବାବୁ ବାବୁନାକୁ କହିଲେ ।

ଚୈତନ୍ୟବାବୁ – ହଉ ହଉ ତୁ ଆଉ ବୋପାକୁ ଭାଗବତ ପଢ଼ାନା । ତୋ ଡାଇଲଗବାଜି ରଖ ତୋ ପାଖରେ । ଗାଡ଼ି ଆଣିବାର ନାହିଁ ତ ନ ଆଣ । ପଛରେ ଆଉ କହିବୁ ନାହିଁ ଯେ ନନା ମୋ ପାଇଁ କିଛି କଲାନାହିଁ ବୋଲି । ତୁ ଏଇଲେ ତୋ ବୋଉ କଥା ଶୁଣୁଛୁ ତ ଶୁଣୁଥା । ବୋଉ ବୁଦ୍ଧିରେ କେତେ ବାଟ ଚାଲିବୁ ଦେଖିବା । ଦିନେନା ଦିନେ ପସ୍ତେଇବୁ ଆଉ ସେତେବେଳେ ଭାବିବୁ ନନା ଠିକ୍ କହୁଥିଲେ ନା ଭୁଲ କହୁଥିଲେ ।

ବାବୁନା ଅଳ୍ପ ଅଳ୍ପ ହସି ଚା ଗରମ କରି ଗିନାରେ ଚା ଓ ସେଓ ଗାଣ୍ଠିଆ ମୁଠେ ପକେଇ ଚୈତନ୍ୟ ବାବୁଙ୍କୁ ଦେଉ ଦେଉ କହିଲା – ବାବୁନା ହଉ ଆଉ ବୋଉକୁ ମଝିରେ ପୁରାଅ ନାହିଁ । ନିଅ ନନା ନିଅ, ପିଇ ଦିଅ ।

ଚୈତନ୍ୟ ବାବୁ ମୁହଁଟାକୁ ଗୁମ କରି ଚା ପଇବା ଦେଖି ବାବୁନା ପାଟି ଖୋଲିଲା ।

ବାବୁନା – ସେ ଗାଡ଼ି ଫାଡ଼ି କଥା ମୁଣ୍ଡରୁ କାଢ଼ । ମୁଖ୍ୟମନ୍ତ୍ରୀ ସେମିତିକା କିଛି ସ୍କିମ କରିନାହାନ୍ତି । ମୁଁ ସୁବାଷ ଦାଦାଙ୍କ ଆଗରେ କହିଥିଲି ତୁମ ଆଗରେ ଏମିତି ମିଛରେ ଗପିବାକୁ । ଯେମିତି ମୁଁ ତୁମ ମନ କଥା ଜାଣି ପାରିବି । ଆଉ ସତକୁ ସତ ମୁଁ ଯାହା ଅନୁମାନ କରିଥିଲି ଠିକ୍ ସେଇଆ ହେଲା । ସତରେ ଆଜିକା ଦୁନିଆରେ ତୁମ ଭଳି ଲୋକଙ୍କୁ ଲୋଭ ଏମିତି ଗ୍ରାସିଛି ଯେ ପାଖରେ କୋଟିଏ ଟଙ୍କା ଥାଇବି ଭୋକ ହେଲେ ମାଗଣା ପିଚୁ ପୁଳାଏ ଗିଳିଦେବେ ।

ଚୈତନ୍ୟବାବୁ – ସେ ସୁବାଷଟା ମତେ ମିଛ କହିଲା । ନାଇଁ ମ ସତ ହେଇଥିବ କି କ'ଣ । ଟିଭି ଲଗେଇବୁ ନିଉଜରେ ଦେଉଥିବ କାଳେ । ନହେଲେ ତୋ ମୋବାଇଲରେ ପରା କୁଆଡ଼େ ସବୁ ଖବର ଆସେ, ଖୋଜୁଛୁ ।

ବାବୁନା – ଆରେ ନାଇଁ ମ, ନନା ସତରେ ସେମିତି କିଛି ନାହିଁ । ତୁମେ ନିଜେ କହିଲ ଏମିତିକା ସ୍କିମ କେବେ କୋଉଠି ଶୁଣିଛ ? ଯିଏ ଯାହା କହିଲା ସେଇଥିରେ ବିଶ୍ୱାସ କରି ଯାଉଛ । ହଉ, ଏବେ ସେକଥା ଛାଡ଼, ତୁମେ ଚା ପିଇ ସାରି ଯାଅ ଦୋକାନରୁ ସଉଦା କିଣି ଆଣିବ । ଘରେ ଅଟା ଚାଉଳ କିଛି ନାହିଁ ।

ଚୈତନ୍ୟବାବୁ ଚାହା କପଟା ଧରି ସେମିତି ଅବାକ ହୋଇ ଚାହିଁ ରହିଥାନ୍ତି ।

ଅଡ଼ଙ୍ଗ, ଶାସନ, ଅଣଖ୍ରା, ବିରିଡ଼ି, ଜଗତସିଂହପୁର, ।

# ଏଇ ବୋଧେ ପ୍ରେମ

- ରାମ ଚନ୍ଦ୍ର ପ୍ରଧାନ

ଯା'ର ରଂଗ ଇନ୍ଦ୍ରଧନୁର ସପ୍ତରଂଗ ଠାରୁ ବି ରଙ୍ଗୀନ । ଯା'ର ସୁର ସଂଗୀତର ସପ୍ତସୁର ଠାରୁ ବି ଆହୁରି ମନଛୁଆଁ । ଯା'ର ଆକାର ସପ୍ତ ସାଗରର ସୁବିସ୍ତୃତ ବିଶାଳ ଛାତି ଠାରୁ ବି ଚଉଡ଼ା । ଯା'ର ରାଗିଣୀ ମତୁଆଲା ସାଧବ ବୋହୂର ସୁରିଲା ନାଲିଆ ଅଧର ଠାରୁ ବି ଛନ୍ଦାୟିତ । ଯାହାର ନୀଳିମା ସ୍ୱପ୍ନ ସୁନ୍ଦରୀ ନୀଳାମ୍ବୁ ଚିଲିକାର ନୀଳ ବିଚ ଠାରୁ ବି ଗାଢ଼ ଚା । ଯା'ର ଯନ୍ତ୍ରଣା ଅଗ୍ନିର ଲେଲିହ୍ୱାନ୍ ଶିଖା ଠାରୁ ବି ତେଜିଆନ୍ ଆଉ ଯା'ର ଯଶ ପୃଥିବୀର ସପ୍ତାଶର୍ଯ୍ୟ ତାଜମହଲ ଠାରୁ ବି ଅମର, ଅପରାଜେୟ, ଅଦ୍ୱିତୀୟ ଓ ବିଶ୍ୱବିଦିତ । ସେ ଆଉ କିଛି ନୁହେଁ । ଏକ ଅଜଣା ଆକର୍ଷଣ ..ଏକ ଅଜଣା ଅନୁଭୂତି ଆଉ ଏକ ଅଜଣା ଶିହରଣର ଭାବାନ୍ତର ମାତ୍ର । ଯାହାର ଅନ୍ୟ ନାମ ପ୍ରେମ ଆଇମିନ୍ ଲଭ ।

ସମୟର ଚକା ଭଉଁରୀ ଖେଳ ଖେଳୁ ଖେଳୁ ଅଚାନକ ଏକ ନିରୀହ ଦିଗହରା କପୋତଟିର ଭେଟ ହୁଏ ଏକ ଦୁର୍ବଳ ମୁହୂର୍ତ୍ତରେ ଏକ ଅଜଣା ଅଚିହ୍ନା କପୋତୀଟି ସହ । ପ୍ରଥମ ଦେଖାରୁ ଦୁହେଁ ଦୁହିଁଙ୍କ ଠାରେ ଏକ ଅଜଣା ସମ୍ପର୍କର ଅତୁଆ ସୁତାରେ ଏମିତି ଛନ୍ଦି ହୋଇଯାଆନ୍ତି ଯେ ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ଭଲ ପାଇବାରେ ରୂପାନ୍ତରିତ ହୋଇଯାଇଥିଲା । ସେଇ ଦିନଠାରୁ ସେମାନେ ଏକାଠି ବଞ୍ଚିବାର ବଜ୍ର ଶପଥ ନେଇଥାନ୍ତି । ଶୈଶବର ପ୍ରତିଟି ମୁହୂର୍ତ୍ତ ହସଖୁସିରେ ସେମାନେ କଟାଇଦିଅନ୍ତି । ଏକ ନିର୍ଜନ ନିଛାଟିଆବଣ ମୁଳକରେ ଥିବା ସୁଶୀତଳ ଛଶୟାଯୁକ୍ତ ସବୁଜିମା ଘେରା ଶାଳତରୁର ଗହନ ଇଲାକାରେ । ସେଠି ସ୍ୱର୍ଗ ଭାବି ସେମାନେ ଦୁହେଁ ଦୁହିଁଙ୍କୁ ନେଇ ନାନା ସ୍ୱପ୍ନ ଦେଖନ୍ତି । କେତେବେଳେ ସେମାନେ ମନ ପବନ ଘୋଡ଼ାରେ ବସି ମେଘ ଝୁଲାରେ ଦୋଳି ଖେଳିଥାନ୍ତି ତ କେତେବେଳେ ଝରଣାର କୁଳୁକୁଳୁ ଜଳଧାରେ କାଗଜଡଙ୍ଗା ନେଇ ଚଳକ୍ରୀଡ଼ା କରିବାର ଅଜବ ଖିଆଲ ମନକୁ ଆଣନ୍ତି । ଆଉ କେତେବେଳେ ନାରୀମାଖି କପୋତୀଟି ଜ୍ୟୋତ୍ସ୍ନା ବିଧୌତ ପରୀରାଇଜରପରୀଟେ ସାଜି ପାରିଜାତ ଫୁଲ ପାଖୁଡାରେ ଜହ୍ନରେ କପୋତଟିର ନାଁ ଲେଖିବାକୁ ଜିଦ୍ ଧରେ । ବାଃ... ସତରେ କି ଚମତ୍କାର ଭାବନା ।

ଇତି ମଧ୍ୟରେ କପୋତଟିର ଦେହରେ ଆଉ କୈଶୋରର ସେ ନିରୀହ ସବୁଜିମା ନାହିଁ । ତା ଦେହର ପ୍ରତି ଶାଖା ଉପଶାଖା ବୟସ ଫୁଲର ବର୍ଣ୍ଣ ବିଭବର ଉବୁଟୁବୁ । ଯାହାକୁ ଦେଖିଲେ ସ୍ୱୟଂ ଦେବଦୂତ ବି ଈର୍ଷାନ୍ୱିତ ହୋଇଯିବେ । ଏମିତି ଭାବେ ସେମାନଙ୍କ ସମ୍ପର୍କଟା ବଢ଼ି ଚାଲିଲା ଶଶୀକଳା ଭଳି । କିନ୍ତୁ ସେମାନଙ୍କ ସୁଖର ଦିନ ବେଶି ଦିନ ରହିଲା ନାହିଁ । ହଠାତ୍ ସେମାନଙ୍କ ସୁଖର ଭାଗ୍ୟ ଆକାଶରେ ଦୁଃଖର କଳାବଉଦ ଘୋଟି ଆସିଲା । ବିଧିର ବିଧାନ ବଡ଼ ବିଚିତ୍ର । ଅଚାନକ ଦିନେ ପାରିଧି ସମୟରେ ରାଜକୁମାରଙ୍କ ଆଖି ଖୋସି ହୋଇଗଲା ଏଇ ସୁନ୍ଦରୀ ସୁଢ଼ଳନୟନୀ କପୋତୀଟି ଉପରେ । ରାଜକୁମାରଙ୍କ ସୌଖିନି ମନୋବୃତ୍ତି ବୋଧହୁଏ କପୋତୀଟି ପାଇଁ କାଳ ହେଲା । ରାଜକୁମାରଙ୍କ ନିର୍ଦ୍ଦେଶ ପାଇ ସୈନ୍ୟମାନେ ବିଚରା କପୋତଟି ଠାରୁ ତା'ର ପ୍ରାଣପ୍ରିୟା ସପନରାଣୀକୁ ଜୋର୍ ଜବରଦସ୍ତ ଛଡ଼ାଇ ନେଇଗଲେ ରାଜ ନଅରକୁ । ସେଠି ସେ ଅଣନିଶ୍ୱାସୀ ହୋଇଗଲା ନିଜର ପ୍ରିୟ ପୁରୁଷଟିକୁ ଝୁରି ଝୁରି । ରାଜକୁମାରଙ୍କ ସୁନା ପଞ୍ଜୁରୀ, ରୁପାଥାଳି ଆଉ ନାନଦି ପ୍ରକାର ଖାଦ୍ୟପଦାର୍ଥ ତା' ପାଖେ ନିଷ୍ପ୍ରଭ ହୋଇଗଲା । ତା' ମନ କେଉଁଥିରେ ବି ବୁଝିଲାନି । ନିଇତି ନିଜ ମନର ମଣିଷକୁ ଝୁରି ଝୁରି ସେ କଣ୍ଟା ହୋଇଗଲା । ନ ଖାଇ ନ ପିଇ ସେ ରୁଗ୍ଣତାକୁ ଆଦରି ନେଲା । ଏପଟେ କପୋତ ବି ଅଣନିଶ୍ୱାସୀ ହୋଇଗଲା ନିଜର ପ୍ରିୟ ପୁରୁଷଟିକୁ ଝୁରି ଝୁରି ସେ କଣ୍ଟା ହୋଇଗଲା । ନ ଖାଇ ନ ପିଇ ସେ ରୁଗ୍ଣତାକୁ ଆଦରି ନେଲା । ଏପଟେ କପୋତ ବି ତାର ପ୍ରିୟ ବାନ୍ଧବୀର ଫେରନ୍ତା ବାଟକୁ ଚାହିଁ ଚାହିଁ ତା ଆଖିରୁ

ପାଣି ମରିଗଲା । ଭାବପ୍ରବଣ ହୋଇ ସେ ଖୁଆପିଆ ଛାଡ଼ି ଦେଲା । ଫଳରେ ତା ସୁନ୍ଦର ସ୍ୱାସ୍ଥ୍ୟ ଭଗ୍ନ ହୋଇଗଲା । ହେଲେ ବି ତା'ର ଟିକିଏ ସୁଦ୍ଧା ଦୁଃଖ ନଥିଲା । କାରଣ ସେ ଏବେ ବି ଅପେକ୍ଷାରତ ବାଟୋଇ .. । ତା'ର ସେଇ ଦିଲ ଯାନିୟା କପୋତୀଟି ପାଇଁ.. ।

ଦୀର୍ଘ ଦିନର ସ୍ୱପ୍ନ ଓ ଆଶା ଆଜି ସାକାର ହେଲା କାରଣ ରାଜକୁମାରଙ୍କ ଆଖିରେ ଏବେ ରୁଗ୍ଣ କପୋତୀଟି ଅଲୋଡ଼ା ହୋଇଯାଉଥିଲା । ଫଳ ସ୍ୱରୂପ ସେ ତାକୁ ଆଜି ସବୁଦିନ ପାଇଁ ମୁକ୍ତିର ପଥା ଦେଖାଇଲେ । ମହା ଆନନ୍ଦରେ କପୋତୀଟି ମୁକ୍ତ ଆକାଶରେ ଉଡ଼ିବାକୁ ଚେଷ୍ଟାକଲା । କିନ୍ତୁ ବିଚାରି ନିଜ ଭଗ୍ନସ୍ୱାସ୍ଥ୍ୟ ହେତୁ ଉଡ଼ି ପାରିଲାନି । ତଥାପି ନିଜର ପ୍ରିୟ ପୁରୁଷଟିକୁ ଅତି ପାଖରୁ ଦେଖିବାପାଇଁ ତା'ର ମନ ଛଟପଟ ହେଲା ଆଉ ତା ଓଠରେ ବହୁ ଦିନରୁ ସାଇତା ପ୍ରୀତି ଚୁମ୍ବନ ଟାଣି ଦେବାର ଆଶା ତାକୁ ସତେ ଯେମିତି ବେଶ ଶକ୍ତି ପ୍ରଦାନ କଲା । ପରିଶେଷରେ ସେ ବହୁ କଷ୍ଟରେ ସେଇ ଅତି ପରିଚିତ ଶାଳତରୁ ପାଖରେ ପହଂଚି ଗଲା ଯେଉଁଠି ତା ମନର ମଣିଷ ରହେ । ଅପେକ୍ଷାରତ କପୋତୀଟି ଫେରନ୍ତା କପୋତୀଟିର ଆଗମନରେ ନିଜକୁ କୃତାର୍ଥ ମନେକଲା । ଆନନ୍ଦାଶ୍ରୁରେ ତା ଗଣ୍ଡଦେଶ ପ୍ଲାବିତ ହୋଇଗଲା । ବାଃ.. କି ଆନନ୍ଦ । କି ପରମ ତୃପ୍ତି । ସେମାନେ ବୋଧେ ଏଇ ମହାମିଳନକୁ କେବେଠୁଁ ଅପେକ୍ଷା କରିଥିଲେ । ଏଇମିତି ଏକ ବିରଳ ଖୁସି ମୁହୂର୍ତ୍ତରେ ସେମାନେ ଭାବପ୍ରବଣ ହୋଇ ପରସ୍ପର ମଧ୍ୟରେ ଚଞ୍ଚୁକୁ ଚଞ୍ଚୁରେ ଘଷୁଘଷୁ ଭାରସାମ୍ୟ ହରାଇ ତଳେ ପଡ଼ିଗଲେ ଭଗ୍ନ କଳେବର ଯୋଗୁଁ । ଫଳରେ ନିମିଷକ ମଧ୍ୟରେ ସେମାନଙ୍କ ପ୍ରାଣବାୟୁ ଉଡ଼ିଗଲା । ଚାରିଆଡ଼େ ଶୂନ୍ୟତା ନିରବତା ଆଉ ହା ହତାଶର ବାତାବରଣ ଖେଳିଗଲା । ବୋଧେ ସଭିଏଁ ଏଇ ପ୍ରେମୀ ଯୁଗଳଙ୍କ ମର ଶରୀର ଦୁଇଟା ପାଇଁ ଶୋକ ସଭାରେ ନିମଗ୍ନ । କେବଳ ଦୂର ଦିଗବଳୟର ନୂଆଁଣିଆ ସିଡ଼ିତଳେ ଅଳସ ରବିର ଲୁଚକାଳି ଖେଳଟା ଦୃଶ୍ୟମାନ ହେଉଥିଲା । ତା ସାଂଗକୁ ଏଠାକାର ସମୀରଣ ଏଇ ଅମର ପ୍ରେମର ବାର୍ତ୍ତାକୁ ଭସା ମେଘର ଡୋଲାରେ ବାଣ୍ଟି ଚାଲିଥିଲା ବୋଧେ ଅଗାମୀ ଦିନର ଆଗନ୍ତୁକ ମାନଙ୍କ ପାଇଁ । ବାସ୍ତବରେ କି ତ୍ୟାଗ, କି ଭଲ ପାଇବା ଆଉ କି ଆକର୍ଷଣ ଥିଲା ଏମାନଙ୍କ ପ୍ରେମରେ.. । ଭାବିଲା ବେଳକୁ ବଡ଼ ତାଜୁବ ଲାଗେ ଓ ମନରୁ ସ୍ୱତଃ ବାହାରିଆସେ "ଏଇ ବୋଧେ ପ୍ରେମ" ହଁ ହଁ ଏଇ ବୋଧେ ପ୍ରେମ.. ।

ସାନ୍ତରାପଲ୍ଲୀ, ଗଞ୍ଜାମ ।

# ମଶାଙ୍କ ରାଜନୀତି

– ବନଲତା ସିଂହ

ମଶା ଦିଲ୍ଲୀରେ କଲେ ବସା
ଭୁବନେଶ୍ୱରକୁ କଲେ ଦୂର
ଘଣ୍ଟିବଜାଇ ଆସିଲେ ମଶା କଟକ ସହର ।

ମଶାମାନଙ୍କ ଭିତରେ ଯିଏ ମୁଖ୍ୟ ସେ କହିଲେ – ମଶାମାନେ ଆଉ କୁଆଡ଼େ ଯାଇପାରିବାନି । ଆଜି ଏହି ମହାନଦୀ କୂଳରେ ବିଶ୍ରାମ ନେଇ କାଲିକି କ'ଣ କରିବା ନ କରିବା ବିଚାର କରିବା । ଆଜି ଯାଅ ନିଜ ନିଜର ଖାଦ୍ୟ ଅନ୍ୱେଷଣ କରି ବିଶ୍ରାମ ନିଅ । ମଶାମାନେ ମୁଖିଆଙ୍କ କଥା ମାନି ଚାଲିଗଲେ । ତା ପରଦିନ ସକାଳୁ ମୁଖିଆଙ୍କ ନିକଟକୁ ଆସି ସାକ୍ଷାତ କଲେ । ମୁଖିଆ ଗୋଟିଏ ବିରାଟ ଷଣ୍ଢ ଉପରେ ବିଶ୍ରାମ ନେଉଥିଲେ । ସେ ପାଟିଗୋଳ ଶୁଣି ଉଠିପଡ଼ିଲେ । ନିଶକୁ ଫୁଲେଇ ସମସ୍ତଙ୍କୁ କହିଲେ ଆଜି ସଞ୍ଜବେଳକୁ ବାଲିଯାତ୍ରା ପଡ଼ିଆରେ ଆସି ଏକାଠି ହୁଅ ଆମର ଗୋଟିଏ ବଡ଼ସଭା ହେବ । ଡାଆଁସ ବଡ଼ମାଛି ଛୋଟମାଛି ମାନଙ୍କୁ ମଧ ଖବର ଦିଅ । ସେମାନେ ଆମ ସାଙ୍ଗରେ ସାମିଲ ହୁଅନ୍ତୁ କହି ଆଉଥରେ ନିଶକୁ ସାଉଁଳେଇ ହାଇମାରି ଶୋଇପଡ଼ିଲେ ।

ସଂଜ ହେଲା । ବାଲିଯାତ୍ରା ପଡ଼ିଆରେ ବିରାଟ ମଶାମାଛିଙ୍କର ସମାବେଶ ହେଲା । ମୁଖିଆ ସର୍ବୋଚ୍ଚ ସ୍ଥାନରେ ବସି ନିଜ ନିଶକୁ ସାଉଁଳୁ ଥାଆନ୍ତି । ଆଖି ତାଙ୍କର ନାଲିନାଲି । ସେ ଢ଼ଳିଢ଼ଳି ନେତାଙ୍କ ପରି ଚାଲୁଥାନ୍ତି । ପୁଣି ଟିକେ ବସୁଥାନ୍ତି । କାରଣ କାଲି ରାତି ସାରା ଗୋଟିଏ ମଦୁଆକୁ ଶୋଷି ସେ ପୁରା ନିଶାସକ୍ତ ଅଛନ୍ତି । ଟିକେ ନିଶା କମିଗଲାରୁ ସେ କହିଲେ – କାହାର କି ପ୍ରକାର ଅଭିଯୋଗ ଅଛି ତାହା ନିର୍ଭୟରେ କୁହ । ଗୋଟିଏ ମଶା ଉଠିପଡ଼ି କହିଲା – ଆଜ୍ଞା ଏ କଟକ ଆମ ପାଇଁ ଉପଯୁକ୍ତ ସ୍ଥାନ । କାରଣ ଏଠି ବର୍ଷବର୍ଷ ଗଲେ ମଧ ନାଳନର୍ଦ୍ଦମା ଠିକ୍ ହୋଇ ପାରିବନି । ପୁଣି ଜାଇକା ଗାଡ଼ ଖୋଳି ସେ ପୁଣି କେତେବର୍ଷ ପର୍ଯ୍ୟନ୍ତ ଚାଲିବ ତାହା ଠିକ୍ ନାହିଁ । ଏଠାକାର ମନୋରମ ଦୃଶ୍ୟ ଯଥା ଗଣ୍ଡା ଗଣ୍ଡା ପାର୍କ ଆଉ ନଇ କୂଳିଆ ଶୀତଳ ପବନ ଯେ କୌଣସି ପ୍ରେମିକ ପ୍ରେମିକାଙ୍କ ମନରେ କାମ ଭାବନା ଜାତ କରିବ । ଆମର ଏଠାରେ ବଂଶ ବିସ୍ତାର କରିବାକୁ କିଛି ଅସୁବିଧା ନାହିଁ ।

ଆଉ ଗୋଟିଏ ମଶା ଉଠିପଡ଼ି କହିଲା – ଆଜ୍ଞା ମୁଣ୍ଡ ରହିଲେ ତୁଣ୍ଡ କହିବ । ପୂର୍ବ ଅଭିଯୋଗକାରୀ ଯାହା କହିଲେ ତାହା ସ୍ୱାଗତ ଯୋଗ୍ୟ । କିନ୍ତୁ ସମ୍ପୂର୍ଣ୍ଣ ଠିକ୍ ନୁହେଁ । କାରର ମଣିଷ ମାନେ ଆମ ବଂଶନିପାଦ କରିବାକୁ କେତେ ପ୍ରକାର ଯୋଜନା କରୁଛନ୍ତି ସେ ଯେଉଁ ଧୂଆଁ ଛାଡୁଛନ୍ତି ଆମେ ବୟସ୍କ ବୟସ୍କା ଅଣନିଃଶ୍ୱାସୀ ହୋଇଟଳି ପଡୁଛୁ । ଆଉ ଆମ ପିଲାଛୁଆ କ'ଣ କରିବେ ? ପ୍ରତି ମୁହୂର୍ତ୍ତରେ ମୃତ୍ୟୁବରଣ କରୁଛନ୍ତି । ଏଣୁ ଆମକୁ କ'ଣ କରିବାକୁ ହେବ ତାହା କୁହନ୍ତୁ ।

ଆଉ ଗୋଟିଏ ମଶା କହିଲା – ମୋର ଭାଇ ଯେଉଁ ବକ୍ତବ୍ୟ ରଖିଲେ ତାହା ସମ୍ପୂର୍ଣ୍ଣ ଠିକ୍ । କାରଣ ଆମେ ମଣିଷଙ୍କର ଚାପୁଡ଼ାରେ ଆମେ ସିଧା ଯମପୁରରେ । ଆଉ ଯଦି ହାତୀକି ଷଣ୍ଢ ହେଲେ ତାଙ୍କ ଲାଙ୍ଗୁଳ ମାଡ଼ରେ ଆମର ପୁଞ୍ଜାଏ ମୃତ୍ୟୁବରଣ କରୁଛୁ । ଆଉ ଗୋଟିଏ ମଶା ଧଇଁସଇଁ ହୋଇ ଉଡ଼ି ଉଡ଼ି ଆସି ପହଞ୍ଚିଗଲା । ତାକୁ ସମସ୍ତେ ଦେଖି ପଚାରିଲେ କିରେ କ'ଣ ହେଲା ? ଆତଙ୍କବାଦୀ ଦେଖିଲୁ କି ? ଏମିତି ଦଉଡୁଛୁ କିଆଁ । ସେ କହିଲା – ହେଃ ଆତଙ୍କବାଦୀ ମୋର କ'ଣ କରିବେ ?ତା' ବନ୍ଧୁକରେ ମୁଁ ମରିବି ନା ତା ଖଣ୍ଡାରେ ମୁଁ ମରିବି । ତାହେଲେ ତୁ ଏମିତି ଡରୁଛୁ କିଆଁ । ସଭା ଆରମ୍ଭ ହେବାକୁ ଟିକେ ବିଳମ୍ବ ଥିଲା ତ ମୁଁ ଟିକେ ଜଜ ସାହେବଙ୍କ ଘର ଆଡ଼େ ବୁଲି ଯାଇଥିଲି । ବାପରେ କି ସୁନ୍ଦର ଘର । କାନ୍ଥ ବାଡ଼ ସବୁ ଶଙ୍ଖ ମଲମଲରେ ତିଆରି । ତାଙ୍କ ଘରେ ସବୁ ଦାମୀ ଜିନିଷ । ବେଡ଼ରୁମରେ ଦାମୀ ମଶୁରି । ସବୁବେଳେ ଘର ସଫା ଚାଲିଛି । ସବୁଆଡ଼େ ଜାଲି ମଶୁରି । ମାଛି ଯଦି ଆସିବ ତାଙ୍କ ଚାକର ତାକୁ ନଅଖଣ୍ଡ କରି ହାଣିଦେବ । ମୋର ଟିକେ ସେ ଚିକ୍କଣ କାନ୍ଥରେ ବସିବାକୁ ଇଚ୍ଛା ହେଲା ମୁଁ ମଜାରେ ବସି ଝୁଲିଲି ।

ଭାବିଲି ସଭାରେ ଯାହା ହେବ ମୋର ସାଙ୍ଗଭାଇମାନେ ମୋତେ କହିଦେବେ । କନ୍ତୁ ଆଜି ଦିନରାତି ମୁଁ ଜଜସାହେବଙ୍କ ଦାମୀ ଦାମୀ ଆସବାବପତ୍ରରେ ବସି ସଉକୁ କରିବି । କିନ୍ତୁ ଭୋକରେ ପେଟ ଆଉଟୁପାଉଟୁ ହେଲା । କେଉଁ ଆଡ଼େ କିଛି ନାହିଁ । କ'ଣ ଖାଇବି ? ଏହି ସମୟରେ ପୂଜାରୀ ଚାକର ଆସିଲେ ବିଶ୍ରାମ

ନେବାକୁ । ମୁଁ ତାଙ୍କୁ ଦେଖି ଖୁସି ହୋଇଗଲି । ଭାରି ଗୁଲୁଗୁଲିଆ ହୋଇଛନ୍ତି । ତାଙ୍କ ରକ୍ତ ମଧ ଭାରି ମଧୁର ହୋଇଥିବ ଭାବି ତାଙ୍କ ଆଡ଼କୁ ଗୀତ ଗାଇ ଗାଇ ଚାଲିଗଲି । ସେ ଯେମିତି ଗୁଁ ଗୁଁ ଶବ୍ଦ ଶୁଣିଛନ୍ତି ସାଙ୍ଗେ ସାଙ୍ଗେ ସୁଇଜଟା ମାରିଦେଲେ । ସେ ଘରଟା ସୁନ୍ଦର ବାସି ଉଠିଲା କିନ୍ତୁ ମୋ ମୁଣ୍ଡଟା ବୁଲେଇଲା । ମୁଁ ଛାନିଆରେ ବାହାରକୁ ପଳାଇଆସି କାନ୍ଥରେ ବସିଗଲି । ହଠାତ୍ ଦେଖିଲି ଗୋଟଇଏ ବଡ଼ ଝିଟିପିଟି ମୋ ପାଖକୁ ଦଉଡ଼ି ଆସୁଛି । ମୋତେ ଟାକ କିନା ଗିଳି ଦେଇଥାନ୍ତା । ମୁଁ ଖସି ଆସି ମେଜ ତଳେ ଲୁଚିଗଲି । କ'ଣ ଗୋଟିଏ ଶବ୍ଦ ଶୁଣି ମୁଁ ଚାହିଁଲାରୁ ଦେଖିଲି ଗୋଟିଏ ବେଙ୍ଗ ହାତେ ଲମ୍ବ ଜିଭ କାଢ଼ି ମୋତେ ତା ପାଟିକୁ ନେବାକୁ ଚେଷ୍ଟା କରୁଛି । ମୁଁ ଇରେ ବାପରେ କହି ଧଇଁସଇଁ ହୋଇ ଦଉଡ଼ିଛି । ଯମ ମୁହଁରୁ ଖସିକରି ଆସିଥିବାରୁ ମୋର ଏ ଦଶା । ଏଣୁ ଆମକୁ ଗୋଟାଏ ସ୍ୱତନ୍ତ୍ର ଇଲାକା ଦରକାର । କାରଣ ମଣିଷ ମାନେ ତ ବିଷାକ୍ତ ବତୀ ଲଗାଉଛନ୍ତି । ଆମେ ବାସନା ଶୁଂଘି ଦେହରେ ବସୁବସୁ ଟଳି ପଡୁଛୁ । ତା'ପରେ ଏ ପଶୁ ଗୁଡ଼ାଙ୍କର ରକ୍ତ କ'ଣ ସବୁଦିନେ ଭଲ ଲାଗୁଛି । ମଣିଷ ରକ୍ତଟା ସବୁ ଠାରୁ ମଧୁର ସେତକ ଆମକୁ ମିଳିବାକୁ କଷ୍ଟ ହୋଇ ଗଲାଣି ।

ଆଉ ଗୋଟିଏ ମଶା ଉଠି କହିଲା ଆମ ସରକାର ମଣିଷ ମାନଙ୍କ ପାଇଁ ଟଙ୍କାକିଆ ଚାଉଳ ପାଞ୍ଚ ଟଙ୍କାରେ ଭାତ ଡାଲମା ଦେଇ ଖାଦ୍ୟ ସଙ୍କଟ ଦୂର କଲେ । ଆଉ ରହିବାକୁ ବିଜୁ ପକ୍କାଘର ଦେଲେ ଘରେ ଘରେ ଶୌଚାଳୟ କଲେ ରାନ୍ଧିବାକୁ ଉଜଳାଗ୍ରାସ ଦେଲେ ହେଲେ ଆମମାନଙ୍କ ପାଇଁ କ'ଣ କରିଛନ୍ତି ? ବସ୍ତି ଉଚ୍ଛେଦ କରି ତାଙ୍କ ପାଇ ଥଇଥାନର ବ୍ୟବସ୍ଥା କରୁଛନ୍ତି । କିନ୍ତୁ ଆମ ପାଇଁ କିଛି ନାହିଁ ଏଥର ଡାଆଁସ ଉଠି କହିଲା - ଚାଲ ଆମେ ମୁଖ୍ୟମନ୍ତ୍ରୀ ନିବାସ ଘେରାଉ କରି ଆମର ଦାବି ପୂରଣ କରିବା ପାଇଁ ପ୍ରସ୍ତାବ ରଖିବା ଆମର ଦାବି ପୂରଣ ହେଉ ଡାଆଁସ ମାଛି ମଶା ଏକ ସ୍ୱରରେ କହିଲେ ଆମର ଦାବି ପୂରଣ ହେଉ । ଆମ ପାର୍ଇ ଏ ଅବିଚାର ଚଳିବ ନାହିଁ । ଚଳିବ ନାହିଁ । ଆଉ ଗୋଟିଏ ମଶା କହିଲା ହଜୁର ମୁଣ୍ଡ ରହିଲେ ତୁଣ୍ଡ କହିବ କହିବାକୁ ଲାଜ ଲାଗୁଛି । ଏ ମଣିଷ ମାନେ ଯେଡ଼େ ଚତୁର ହୁଅନ୍ତୁ ସେମାନେ ଆମକୁ ଡରୁଛନ୍ତି । ଆମେ ସ୍ୱାଧୀନରେ ଗର୍ବର ସହିତ ବାହାରେ ବୁଲିବା ବେଳେ ସେମାନେ ମଶାରୀ ଜେଲରେ ପଶି ଆମ ଠାରୁ ଦୂରରେ ରହୁଛନ୍ତି ।

ମାଛିମାନେ ଏଥର ମୁହଁ ଖୋଲିଲେ । କହିଲେ - ଆମ ଦୁଃଖ କଥା କିଏ ଜାଣୁଛି ? କେତେ ସଢ଼ା ମଢ଼ା ବିଷ୍ଠା ଖାଇବୁ ସେତକ ବି ଛଡ଼ାଇ ନେଉଛନ୍ତି । ସ୍ୱଚ୍ଛ ଅଭିଯାନ କରି । ଟିକେ ଲୁଚିଛପି ଖାଇବାକୁ ଇଚ୍ଛାକଲେ ସେମାନେ ପୁରା ଗରମ ଖାଉଛନ୍ତି । ଆମ ପାଟି ପୋଡ଼ି ଯାଉଛି । ଆମେ ପଳାଇଆସୁଛୁ । ତାଙ୍କର ଆମ ଉପରେ ଏତେ ରାଗ ଯେ ମିଠାରେ ବିଷଦେଇ ଆମକୁ ମାରି ଦେଉଛନ୍ତି । ଆମର କ'ଣ ଜୀବନ ନାହିଁ ନା ଆମ ସରକାର ମୁଖ୍ୟମନ୍ତ୍ରୀ ନୁହଁନ୍ତି ? ଆମ ପାଇଁ କାହିଁକି ତାଙ୍କର କିଛି ଯୋଜନା ନାହିଁ । ଆମ ଜନ୍ମ ଆମେ ରକ୍ତ ପିଇବୁ ସବୁ ଖାଦ୍ୟ ଖାଇବୁ । ଏମିତି କେତେ ଖାଇବୁ ଯେ ଆମ ପାଇଁ ଏତେ କଟକଣା ? ଭଗବାନଙ୍କ ସୃଷ୍ଟିରେ ଆମର ବି ବଞ୍ଚିବାର ଅଧିକାର ଅଛି ।

ଖଣ୍ଡିକାଶ ମାରି ନିଶକୁ ମୋଡି ହାଇମାରୁମାରୁ ଡେଙ୍ଗୁ କହିଲା - ହଇରେ ଭୀରୁ ଦଳ । ମୁଁ ଥାଉଁ ଥାଉଁ ତୁମେ ଡରୁଛ କାହାକୁ ? ମଣିଷ ତ ଏତେ ବୁଦ୍ଧିଆ ଏଡ଼େ ବଳବାନ ହୋଇ ମୁଁ ତାଙ୍କୁ ମେଡ଼ିକାଲ ଖଟିଆରେ ଶୁଆଇ ପୁଣି ମଶାଣୀକୁ ନେଇ ଯାଉଛି । ମୋ ଡରରେ ସେମାନେ ଆଖିକୁ ଛାଡ଼ି ଦେହକୁ ପୁରା ଢାଙ୍କି ହେଉଛନ୍ତି । କର ଅବା ମର ଆମ ନେତାଜୀ ପରା କହିଛନ୍ତି, ତରବାରୀର ଜବାବ ତରବାରୀରେ ଦିଅ । ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନ ଦେବି । ସେମିତି ତୁମେମାନେ ମୋ ହାତରେ ହାତ ମିଶାଅ ମୁଁ ତୁମକୁ ଇଲାକା ଦେବି । ଏତକ କହନ୍ତେ ମଶାମାନେ ଛାନିଆରେ କହିଲେ - ନାହିଁ ବଡ଼ ଭାଇ ଆମେ ଜାଣିଛୁ ତୁମେ କ'ଣ କରିପାରିବ । ତେବେ ଆମ ସରଦାର ଏ ପର୍ଯ୍ୟନ୍ତ କିଛି କହିନାହାଁନ୍ତି । ଏଣୁ ତାଙ୍କଠାରୁ ଆମେ କିଛି ଶୁଣିବା ତା'ପରେ ଯାଇ ଅନ୍ୟ କଥା ।

ସମସ୍ତେ ନିରେଖି ଚାହିଁଲେ । ଦେଖିଲେ ମୁଖିଆ ଆରାମରେ ଶୋଇ ଘୁଂଗୁଡି ମାରୁଛନ୍ତି । ମୁଖିଆଙ୍କର ନିଦ କିଏ ଭାଙ୍ଗିବ ଭାଳେଣି ପଡ଼ିଗଲା । ଥୋକାଏ କହିଲେ ମଶା ନାରୀମାନେ ଆସି ମଧୁର ସ୍ୱରରେ ଗୀତ ଗାଅ । ସେଇଆ ହେଲା । ପୁରୁଷ ନାରୀ ମଶାମାନେ ବସି ଗୀତ ଗାଇଲେ । ମାଛିମାନେ ଘୁଂଘୁଂ କରି ଭଡ଼ିଲେ । ଏଥର ଘୁମନ୍ତ ଆଖିରେ ମୁଖିଆ ଉଠି କହିଲେ ମୋର ପ୍ରିୟ ମଶା ମାଛି ଡାଆଁସ ମାନେ ମନ ଦେଇ ଶୁଣ । ଆମେ ମାନେ ଏହିଠାରେ କିଛିଦିନ ରହିବା, ବଂଶ ବିସ୍ତାର କରିବା ଆମକୁ ଯଦି ମରଣାତ୍ମକ ଆକ୍ରମଣ କରନ୍ତି । ତାହେଲେ ଆମେ ଦଳବଦ୍ଧ ହୋଇ ମୁଖ୍ୟମନ୍ତ୍ରୀ ନିବାସ ଘେରାଉ କରି ଆମର ଦାବି ଉପସ୍ଥାପନା କରିବା । ଡେଙ୍ଗୁ ଉଠିପଡ଼ି କହିଲା ମୁଖ୍ୟମନ୍ତ୍ରୀଙ୍କୁ ଏତେ ଖୋସାମତ ଦରକାରନାହିଁ । ମୋ ସାଙ୍ଗରେ ମିଶିଗଲେ ପୁଞ୍ଜା ପୁଞ୍ଜା କରି ମଣିଷଙ୍କୁ ନିପାତ କରିଦେବା

ମୁଖିଆ ଉଠି କହିଲେ - ଶାନ୍ତ ହୁଅ ଡେଙ୍ଗୁ ମହାରାଜ ଆମେ ତୁମକୁ ଆମର ବଡ଼ଭାଇ ହିସାବରେ ସମ୍ମାନ କରୁ ତୁମର ବଳ କେତେ ଆମେ କ'ଣ ଜାଣିନୁ ? କିନ୍ତୁ ରକ୍ତ ଦେଲେ ନେଲେ ସବୁର ସମାଧାନ କ'ଣ ହୋଇଯିବ । ଆମେ ତ ଏ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଦେଇନେ । ତାଙ୍କୁ ଆଗ ପ୍ରସ୍ତାବ ଦେବା । ସେ ଅରାଜି କି ନିରବ ରହିଲେ - ତା'ପରେ ଆମର କାର୍ଯ୍ୟକ୍ରମ ଆରମ୍ଭ କରିବା । ଆମର ପ୍ରଥମ ପ୍ରସ୍ତାବ ବର୍ଜ୍ୟବସ୍ତୁ ପାଇଁ ଯେମିତି ଗୋଟିଏ ସ୍ଥାନ ନିରୂପଣ କରାଗଲା । ସେମିତି ଆମ ମଶା ମାଛି ଡାଆଁସ ଆଉ ଡେଙ୍ଗୁ ପାଇଁ ଗୋଟିଏ ଇଲାକା ଦିଆଯାଉ । ନହେଲେ ଆମର ଦାବି ପାଇଁ ଆମେ ଆନ୍ଦୋଳନ କରିବା ।

ସମସ୍ତେ ଏ ପ୍ରସ୍ତାବକୁ ସମର୍ଥନ କଲେ, ଦିନ ସ୍ଥିର କରାଗଲା । ଗୋଟିଏ ମେଳି ହୋଇ ମୁଖ୍ୟମନ୍ତ୍ରୀଙ୍କ ଘର ଘେରାଉ କଲେ ଘର ଭିତରେ ପଶି ଆକ୍ରମଣ କଲେ ଚାକର ପୂଜାରୀ ପ୍ରାଇଭେଟ ସେକ୍ରେଟାରୀ ପ୍ରଭୃତି ଆଉ କାମ କରି ପାରିଲେନି । ବୋପାଲୋ ମାଆଲୋ କହି ଖାଲି ନିଜକୁ ନିଜେ ଚାପୁଡ଼ା ଖାଇଲେ ପି.ଏ ଯାଇଁ ମୁଖ୍ୟମନ୍ତ୍ରୀଙ୍କୁ କହିଲା - ଆଜ୍ଞା ମଶାମାନଙ୍କ ପାଇଁ କ'ଣ ବ୍ୟବସ୍ଥା କରନ୍ତୁ । ତାଙ୍କ ପାଇଁ ଗୋଟିଏ ସ୍ଥାନ ଦିଆଯାଉ । ମଶା ଉପାନ୍ତର ଜାଗା ବୋଲି ଘୋଷଣା କରାଯାଉ । ନହେଲେ ଏମାନେ ଆମକୁ ଭାତରେ ମାରିବେ ପୁଣି ହାତରେ ମାରିବେ । ଦୟାକରି ଏହାର ସମାଧାନ କରନ୍ତୁ । ମୁଖ୍ୟମନ୍ତ୍ରୀ କହିଲେ - ଠିକ୍ ଅଛି ଗୋଟିଏ ସଭା ଡାକ । ମୁଁ ଉଦ୍‌ବୋଧନ ଦେବି ।

ସଭା ଡକା ହେଲା । ବହୁ ସଂଖ୍ୟାରେ ସହରୁ ସହର ବାହାରୁ ମଶା, ମାଛି, ଡାଆଁସମାନେ ଯୋଗଦେଲେ । ମୁଖ୍ୟମନ୍ତ୍ରୀ ଭାଷଣ ଆରମ୍ଭ କଲେ ମୋର ମଶା ମାଛି ଓ ଡାଆଁସ ଭାଇ ଓ ଭଉଣୀମାନେ ମୁଁ ତୁମ ଦୁଃଖ ଦେଖି ପାରୁଛି, ବୁଝିପାରୁଛି ମଧ୍ୟ । ମୁଁ ତୁମ ପାଇଁ ନିଶ୍ଚୟ ଚିନ୍ତା କରିବି । କେନ୍ଦ୍ରକୁ ଯାଇ ପ୍ରଧାନମନ୍ତ୍ରୀଙ୍କୁ କହିବି ମଶା ସରଦାର ଉଠି ପଡ଼ି କହିଲେ ନାହିଁ ଆଜ୍ଞା ପ୍ରଧାନମନ୍ତ୍ରୀ ଓ ସ୍ୱଚ୍ଛ ଅଭିଯାନ କରି ଆମକୁ ତଡ଼ିଦେଲେ । ସେଥିପାଇଁ ଆମେ ଓଡ଼ିଶାରେ ଶରଣାର୍ଥୀ ହୋଇ ରହିଛୁ । ତାଙ୍କୁ ଯଦି କହିବେ ସେ ସେଇଆ କହିବେ । ଝାଡୁଧର, ଅଳିଆ ସଫାକର । ଆମେ ମରିଯିବୁ ଆଜ୍ଞା । ଆମକୁ ଉପଯୁକ୍ତ ସ୍ଥାନ ଦେଇ ଥଇଥାନ କରନ୍ତୁ । ମୁଖ୍ୟମନ୍ତ୍ରୀ କହିଲେ ଧୈର୍ଯ୍ୟ ଧର ମୋତେ ନିଶ୍ଚୟ ଦିଲ୍ଲୀର ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲାପରେ କିଛି ଟଙ୍କା ଅନୁଦାନ ପାଇଁ ଅଭିଯୋଗ କରିବି । ମଞ୍ଜୁର ହେଲେ ମୁଁ ତୁମମାନଙ୍କ ପାଇଁ ସବୁପ୍ରକାର ସୁବିଧା କରିଦେବି ।

ତୁମେମାନେ ଏବେ ଶାନ୍ତ ହୁଅ ମୁଁ କଥା ଦେଉଛି ଏ ଅମୃତ ସହରରେ ତୁମକୁ ଏକ ଆଧୁନିକ ଧରଣର ବସ୍ତି ଦିଆଯିବ । ଯାହାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆସି ଦେଖି ଆନନ୍ଦରେ ଉଲ୍ଲସିତ ହେବେ । ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ତୁମ ବସ୍ତି ଆଉ ଗୋଟିଏ ଆଶ୍ଚର୍ଯ୍ୟ ବୋଲି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜୟ ଜଗନ୍ନାଥ ।

ଗଣ୍ଡରପୁର, କଟକ ।

# ଏଇ ତ ଜୀବନ

- ତେଜସ୍ୱିନୀ ସାମଲ

ଈଶ୍ୱରଙ୍କ ସୃଷ୍ଟି ବଡ଼ ବିଚିତ୍ର । ମନୋହର ଓ ସୌନ୍ଦର୍ଯ୍ୟ ସେ ଜଗତ ସୃଷ୍ଟି କଲେ, ସମାଜ ସୃଷ୍ଟି କଲେ । ସବୁ ପ୍ରାଣୀଙ୍କ ଠାରୁ ମନୁଷ୍ୟକୁ କଲେ ଉନ୍ନତ । ବିଦ୍ୟା ବୁଦ୍ଧି, ଚିନ୍ତନ, ଧୈର୍ଯ୍ୟ, ଜ୍ଞାନ ମଗଜ କରି ତାକୁ କର୍ମଶୀଳ କରାଇଲେ । ସମାଜର କାଳଚକ୍ର ସହ ଗତିକରି ମଣିଷ ସୁଖ, ଦୁଃଖ, ହସ, କାନ୍ଦ, ଲୁହରେ ଏ ଜୀବନକୁ ଅତିବାହିତ କରିଚାଲେ । ଜୀବନରେ କେତେବେଳେ ଅସରନ୍ତି ସୁଖର ଜୁଆର କୂଳଲଂଘି ମାଡ଼ି ଆସେ ତ ପୁଣି କେବେ ଦୁଃଖର ପାହାଚକୁ ମୁଣ୍ଡାଇ ବାଟ ଚାଲୁଥାଏ । ଏଠି ଜୀବନକୁ ବୁଝିବା ବଡ଼ କଷ୍ଟସାଧ ବ୍ୟାପାର ।

ଏ ସମାଜରେ ମଣିଷ ପ୍ରତିହତ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ନୈତିକ ସମସ୍ୟା ମାନକୁ ନେଇ ଜୀବନ ଅତିବାହିତ କରିଚାଲେ । ସାମାଜିକ ବେଷ୍ଟିନି ଓ ରାଜନୈତିକ ଆବାହାଓ ମଧ୍ୟରେ ଗଠିତ ଜୀବନର ବହୁବିଦ ବୈଚିତ୍ର୍ୟ ପୂର୍ଣ୍ଣ ଚିତ୍ର ବହନ କରି ଆଭିମୁଖ୍ୟ ବହନ କରି ଜୀବନର ଚଲାପଥ ମାଡ଼ି ଚାଲେ । ସମୟର ଦୁର୍ଗମ ବନ୍ଧୁର ପଥ ଦେଇ ଗଲାବେଳେ କେତେବେଳେ ଆତ୍ମହରା ହୋଇପଡ଼େ ତ କେତେବେଳେ ଭାଂଗିପଡ଼େ । ଜୀବନ ପ୍ରତି ଏକାନ୍ତ ଆନ୍ତରିକତା, ଆନୁଗତ୍ୟା ଓ ପରିବର୍ତ୍ତନ ସାମାଜିକ ପରିସ୍ଥିତିର ଚାପ ହିଁ ମଣିଷକୁ ବେଳେବେଳେ ଦୁର୍ବଳ କରିଦିଏ । କାଳର ବିଭାଜନ ରେଖା ଦ୍ୱାରା ବିଖଣ୍ଡିତ ହୋଇ ଜୀବନର ସ୍ୱତନ୍ତ୍ର ବଳନୁଯାୟୀ ଭିନ୍ନ ଭିନ୍ନ ଚାପ ପରିଗ୍ରହ କରିଥାଏ ।

ସଦା ପ୍ରବହମାନ ସମୟ ସୋତ୍ରରେ ଭାସୁଥିବା ଜୀବନ ନାବରେ ଘଟଣା ଦୁର୍ଘଟଣା ମାନ ଦେଇ ଅହରହ ମଣିଷ ଜୀବନ ବଞ୍ଚି ଚାଲେ । ସକାଳୁ ସଂଜ, ସଂଜରୁ ସକାଳ ମଣିଷର ଗତି ସୀମିତ ନାହିଁ । ସେ ଖୋଜେ ନୂଆ, ଆହୁରି ନୂଆ । କେବେ ଜୀବନ ରାସ୍ତାରେ ବାଟବଣା ହୋଇ ଖୋଜୁଥାଏ ସୁଗମ୍ୟ ପଥ ତ କେବେ ନିଜର ଲକ୍ଷ୍ୟରେ ପହଞ୍ଚି ବାବୁ ହୋଇଯାଏ ବ୍ୟଗ୍ର ।

ମାନବ ଜୀବନର ଚଲାପରେ ପରିସ୍ଥିତି ରୂପକ ଶତ୍ରୁ ବାରବାର ଆସି ପଥ ଅବରୋଧ କରେ । କେବେ ତାଣ୍ଡବର ଲୀଳା ତ କେବେବେ ଭୋକର ଦଂଶନ ତ ପୁଣି କେବେ ଦୁର୍ବିପାକ ମହାମାରୀ । ଏହା ଆଜିର ନୁହେଁ ଇତିହାସକୁ ଅବଲୋକନ କଲେ ଜଣାଯାଏ ସୃଷ୍ଟିର ଆରମ୍ଭରୁ ଏଇ ଜୀବନର ଖଣ୍ଡିତ ରୂପକୁ ।

ଅନ୍ଧାରରେ ଆଲୋକ ପାଇବା ପାଇଁ ମଣିଷ ଲଣ୍ଠନ, ଲ୍ୟାମ୍ପ, ମହମବତୀ ଓ ବିଜୁଳିବତୀର ବ୍ୟବହାର କରେ କିନ୍ତୁ ଏବେ ସୁଦ୍ଧା ଅପହଞ୍ଚ ଇଲାକା ଓ ଅଭାବ । ଘରେ ଅନ୍ଧାର ଆସିବା ଆଗରୁ ସବୁ କାର୍ଯ୍ୟ ସାରି ଦିଅନ୍ତି । କାରଣ ସେମାନେ ଚାହାନ୍ତି ନିଜକୁ ଆଲୋକ ନଥାଇ ବି ତା'ର ଅନୁପସ୍ଥିତିରୁ ଯେପରି ଉପଲବ୍ଧି ନ କରନ୍ତୁ । ଅର୍ଥାତ୍ ଦୁଃଖ ସୁଖ ମଣିଷର ଦୁଇଟି ଅଙ୍ଗ । ତେଣୁ ଏହାକୁ ଡରି ନ ଯାଇ ସମାଧାନରେ ସୂତ୍ର କାଢ଼ି ଆଗକୁ ଅଗ୍ରସର ହୋଇପାରିଲେ ହିଁ ଜୀବନର ମୂଲ୍ୟ ବୁଝିହୁଏ ।

ଜୀବନକୁ ନେଇ ଗୌତମ ବୁଦ୍ଧଙ୍କ ଏକ ସୁନ୍ଦର ବାଣୀ ରହିଛି "ସୁଖ ମରୀଚିକା ଆଉ ଦୁଃଖ ବାସ୍ତବତା ଭିତରେ ଜୀବନ । ବାସ୍ତବରେ ଏ ସଂସାର ଦୁଃଖରେ ପରିପୂର୍ଣ୍ଣ ଆଉ ଜୀବନ ବିକଶିତ ହୁଏ ସେଇ ଦୁଃଖରୁ । ଯାହା ଆନନ୍ଦ ଓ ଅନୁଭୂତି ହୁଏ । ଐତିହ୍ୟ ହେଉ କି ମାନସିକତା ଦୃଷ୍ଟିରୁ ହେଉ ମଣିଷ ଦୁଃଖ ଭିତରେ ସୁଖ ପାଏ । ସାଗର ବେଳାଭୂମିରେ ବାଲିଘର ତୋଳି ମଣିଷ ବେଳେବେଳେ ଅନେକ ସ୍ୱପ୍ନ ଦେଖେ ଯେତେବେଳେ ହେଇ ଆସେ ସେ ସ୍ୱପ୍ନକୁ ଉଜୁଡ଼ି ଦେଇ ବାଲିଘର ଭାଂଗି ଦିଏ ସତ ହେଲେ ମନରେ ଆଦ୍ୟମ ସାହାସ ଭରିଦିଏ । ଏ ଜୀବନ ଟା ବି ଠିକ୍ ସେମିତି । ଯିଏ ଦୁଃଖର କଷଟିପଥରରେ ଘଷି ହୋଇଛି ସେ ସୁଖର ସନ୍ଧାନକୁ ଅତି ପାଖକୁ ଦେଖି ପାରିବାକୁ ସମର୍ଥ ହୋଇଛି । ଯେଉଁ ସୁଖ ବିନା ଦୁଃଖକଷ୍ଟରେ ମିଳିଯାଏ ତା'ର ବା କି ମୂଲ୍ୟ


ଅଛି ? ମଣିଷ ତା ଚଲାପଥରେ ଅନେକ ପଥ ମାଡ଼ିଯାଏ । ସେଠି ଅନେକ କିଛି ସହ୍ୟ କରେ ସବୁପରେ ବି ତା'ର ସନ୍ଧାନ ଶେଷ ହୁଏନି ।

ସଂସାର ରୂପକ ସାଗର ବେଳାରେ ମଣିଷ ନିତି ଚୋରା ବାଲିରେ ମୃଦୁହାସ୍ୟ ହସିଚାଲେ । ମନରେ ତା ଗୋପନ ଦୁଃଖ । ପ୍ରାପ୍ତି ଅପ୍ରାପ୍ତି ଭିତରେ ହନ୍ତସନ୍ତ ହୋଇ ଓଠ ଧିରେ ମିଥ୍ୟା ହସର ଅଙ୍କୁରୋଦଗମ କରିଚାଲେ । ଏଠି କ୍ଷଣ କେ ରୂପ ପରିବର୍ତ୍ତନ । ଏ ସ୍ୱାର୍ଥପର ସମାଜ ହୀନମନା ପ୍ରବୃତ୍ତି ହିଁ ଅନ୍ୟର ଖୁସି, ସୁଖକୁ ସହ୍ୟ କରିପାରେନି । ସୁଖ ଦୁଃଖରେ ଗୁନ୍ଥା ସଂସାରରେ ଧୈର୍ଯ୍ୟର ସହ ବନ୍ଧି ମମତାର ସହ ଜୀବନକୁ ଜିଇଁ ଚାଲିଲେ ବି ଅସନ୍ତୋଷ ହିଁ ତାର ମୁଖ୍ୟ ଦୁର୍ବଳତା ପାଲଟିଯାଇଛି । ଜୀନବର ଶେଷ ଯାଏ କିଛି ନା କିଛି ଆତ୍ମଗ୍ଲାନି ଅବଶୋଷ ରହିଯାଏ ଯାହାର ପରିସମାପ୍ତି ନାହିଁ ।

ମଣିଷ ସମାଜରେ ଶ୍ରେଷ୍ଠ ସତ କିନ୍ତୁ ଜୀବନକୁ ଅତି ପାଖରୁ ଉପଭୋଗର ଲାଳସା, ଧନର ମାୟା ହିଁ ଅଧୋଗତି ଆଡ଼କୁ ଟାଣି ନେଉଛି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ୟା ହିଁ ସାଥିରେ ରହିବ ମାତ୍ର ସମସ୍ୟାକୁ ଏଡ଼ାଇ ସଠିକ ପଥ ବାଛିନେଲେ ଛାଏଁ ଛାଏଁ ସବୁ ସମସ୍ୟା ବାହୁଡ଼ି ଚାଲିଯାଏ । ଜୀବନ ଓ ଯନ୍ତ୍ରଣା ବିନା ଜୀଜବନର ମୂଲ୍ୟକୁ ଅତି ପାଖରୁ ବୁଝିହୁଏନା ଇତିହାସ ଠାରୁ କିମ୍ବଦନ୍ତୀ ଏହାର ସାକ୍ଷୀ ରହିଛି । ଏଇ ତ ହେଉଛି ପ୍ରକୃତ ଜୀବନ ଯାହା ଦୁଃଖ ଭିତରେ ସୁଖକୁ ପାଇହୁଏ ।

ଏଇତ ଜୀବନ ଲୁହ ଭିତରେ ହସର ଠିକଣା ଜାଣିହୁଏ, ଅସନ୍ତୋଷ ଭିତରେ ଶାନ୍ତିର ବାର୍ତ୍ତା ପାଇହୁଏ ସବୁକୁ ନେଇ ଗଢ଼ା ଏଇ ତ ଜୀବନ ... ।

ରାଜ କନିକା, କେନ୍ଦ୍ରାପଡ଼

# ଅପମାନର ଅଶ୍ରୁ

- ମନୋରଂଜନ ଦଳାଇ

ଝିଅଟିଏ, ବୟଷ ପାଖାପାଖି ୧୦-୧୨ ସରିକି ହେବ । କିଶୋରୀ ବୟସ ର ସଜ ସକାଳ ପ୍ରଜାପତିଟି ପରି ଏଡାଳରୁ ସେ ଡାଳକୁ ଉଡି ବୁଲିବା ପରିବର୍ତ୍ତେ ବଡ ଅସହାୟ ଥକ୍କା ଥକ୍କା ନିସ୍ତେଜ୍ ଅବସ୍ଥାରେ ଘରେ ପହଞ୍ଚିଥିଲା । ସ୍କୁଲ ବ୍ୟାଗଟିକୁ ଅଯଥା ସ୍ଥାନରେ ପକାଇ ଦେଇ, ସେଇ ସ୍କୁଲ ପୋଷାକରେ ମୁହଁ ମାଡି ପଡି ଯାଇଥିଲା ଖଟିଆଟି ପରେ । ଅପରାହ୍ନର ମଳିନ ସୂର୍ଯ୍ୟ ମୁଣ୍ଡଆ ତଳେ ବୁଡିବା ସମୟ । ଗୋଧୁଳି ଲଗ୍ନର ଉପର ବେଳା । ଘର ଚଟିଆ ମାନଙ୍କ କିଚିରି ମିଚିରି ଲେଉଟାଣୀ ଶବ୍ଦ । ଗୁହାଳରୁ ଝାଡୁଖଣ୍ଡେ ହାତରେ ଧରି ଡାକ ଛାଡିଲା ସର ମା' । ଆଲୋ ହେ ସର, ସ୍କୁଲ ରୁ ଆସି ପୁଣି କୁଆଡେ ଗଲୁ । କ'ଣ କରିବି ଏ ଅଣ୍ଡିରୀ ଚଣ୍ଡୀକୁ ନେଇ । କେତେ ବୁଝାଇଲେ ବି କାନକୁ ନେଉନି । ଦିନକାଳ ଯା ହେଲାଣି ସହଳସହଳ କେବେବି ସ୍କୁଲରୁ ଫେରିବନି । ନାଚି କୁଦି କୁଦି ଘରକୁ ଫେରିବ, ଗୁଣୁ ଗୁଣୁ ହୋଇ କହି ଚାଲିଥାଏ ସର ମାଆ । ଦାଣ୍ଡ ପାଖ ଗୋଠ ଝାଡୁ ସରିଲା । ଅଣ୍ଟା ସଳଖୁ ସଳଖୁ ସର ମା'ର ମାଆ ଆଖି ଯୋଡିକ ଦାଣ୍ଡ ଦରଜା ଦେଇ ଘୁରି ଆସିଲା । ସରର ନୀରବତା ମାଆ ମନକୁ ଅସ୍ଥିର କଲା । ପୁଣି ଭାବିଲା ଖେଳିଖେଳି ହାଲିଆ ହୋଇ ଗଡି ପଡିଥିବ ବୋଧେ । ନହେଲେ ତ ରଡି ଶୁଭନ୍ତା, ମାଆ ମୁଁ ଆସିଗଲି ମୋ ପାଇଁ କଣ ରଖିଛୁ, ତୁ ଜାଣିଛୁ ନା ମାଆ କୁନି ଟା ଭାରି ମିଛେଇ ଇତ୍ୟାଦି ଇତ୍ୟାଦି... ଅସ୍ପଷ୍ଟ ହସ ଚେନାଏ ମାଆ ମୁହଁରେ ଉକୁଟୀ ଉଠିଲା । ଲୁଗା କାନୀଟିକୁ ଅଣ୍ଟାରେ ଗୁଂଜୁ ଗୁଂଜୁ ପାଟିରୁ ବାହାରି ପଡିଲା ବାୟାଣୀ ଟାଏ କୂଅରୁ ଗରାଏ ପାଣି କାଢି ଗୋଡ ମୁହଁ ଭଲ ଭାବେ ଧୋଇ ସର ମାଆ ଦାଣ୍ଡ ପଥର ପାହାଚ ଉପରେ ଥକ୍କା ମାରି ବସି ପଡିଲା । ଲୁଗା କାନୀରେ ଧୋଇଲା ମୁହଁକୁ ଭଲ ଭାବେ ପୋଛି ଅଣିଲା । ଅଣ୍ଟାରୁ ପାନଟିଏ କାଢି ପାଟିରେ ପୁରାଇ ଦୀର୍ଘ ଶ୍ୱାଶ ଟିଏ ମାରିଲା । ଭାବୁ ଥାଏ ସରକଥା, ତା ବାପାକଥା, ଶାଶୁ ଶଶୁରଙ୍କ କଥା । କେତେ ବଡ ସଂସାର ନ ଥିଲା ତାର ? ସନ୍ଧ୍ୟା ହେଲେ ଚଢେଇ ମାନେ ଘରକୁ ଫେରି ଯେମିତି କଳରବ କରନ୍ତି, ଏ ଘର ମଧ୍ୟ ସକାଳ ସନ୍ଧ୍ୟାରେ କୋଳାରବରେ ଭରି ଉଠୁଥିଲା । ୬ ସେଣିଆ ୮ ବଖୁରୀ ଖାନଦାନୀ ଖଂଜାଘର । ହଳିଆ-ଗାଇଆଳ କୁ ନେଇ ୪ ଜଣ ମୂଲିଆଙ୍କ ଗହଳି ଥିଲା । ପାଞ୍ଚ ପୁରୁଷ ଯାଏ ଏ ଘରର ଟେକ ଥିଲା । ଶଗଡ ବଳଦ ସାଙ୍ଗକୁ ୨୦/୨୨ ସରିକି ଗାଇ ପଲ । ଦୁଧ ଦହିରେ ଭାସୁ ଥିଲା ସଂସାର । ହେଲେ ଦଇବ ସହିଲା ନାହିଁ । କାଳ ଦାଉ ସାଜିଲା ଆମ ବାହାଘର ୪/୫ ସାଲ ହୋଇଥିବା କି ନାହିଁ, ଘରେ ଦୁଇ ବର୍ଷର କଅଁଳ ଛୁଆ ସର । ସଂନ୍ଧ୍ୟା ୭ ହେବ, ହଠାତ୍ ଝଡ ବାତ୍ୟା ମାଡି ଆସିଲା । ଧିରେ ଧିରେ ଭୟଙ୍କର ରପ ନେଲା । ଛାତି ଥରି ଯାଉଥାଏ । ଘରର ଚଳଗୁଡା ଦୋହଲି ଉଠୁଥାନ୍ତି । ତାଳ, ନଡିଆ ଗଛ ଗୁଡା ନଇଁ ପଡୁଥାନ୍ତି ତଳକୁ । ଶିହିରୀ ଉଠୁଥାଏ ଦେହଟା । ହେଲେ ଭୟ ନଥାଏ । ପାଖରେ ସର ବାପା ଓ ଶାଶୁ ଶଶୁର ଥାଆନ୍ତି । ସରଟା ବାପା କୋଳରେ ମୁଣ୍ଡ ଗୁଞ୍ଜି ଆରାମରେ ଶୋଇଥାଏ । ହଠାତ୍ ସର ବାପାର ଗୋରୁ ଗୁହାଳ କଥା ମନେ ପଡିଗଲା । ସରକୁ ମୋ କୋଳକୁ ଦେଇ କହିଲେ, ଗୁହାଳେ ଗାଇ ଗୁଡା ପଘାରେ ମରିଯିବେ । ମୁକ ଜୀବ ଗୁଡା, ବେକରୁ ପଘା ଫିଟାଇ ଦେଇ ଆସେ । କବାଟ ଖୋଲି ପଦାକୁ ବାହାରି ଗଲେ । ସର କାନ୍ଦୁଥିଲା ତା ବାପା କୋଳରୁ ଅଲଗା ହୋଇ । ଚଳ କାନ୍ଥ ଫାଙ୍କ ଦେଇ ଦଲକା ଦଲକା ପବନ ପସି ଆସୁଥାଏ । ଭାରୀ ଭୟ ଲାଗୁଥାଏ । ଅନେକ ସମୟ ଗଲା ସରବାପା ଫେରିଲେନି । ମୁଁ ଭାବିଲି ଗୁଆଳେ ବୋଧେ ଅଟକି ଗଲେ, ପରେ ଆସିବେ । ଅନ୍ଧାରରେ ଛାତି ଭିତରକୁ ଜାକି ନେଇଥିଲି ସରକୁ । ଅପେକ୍ଷାରେ ସକାଳ ହେଲା । ଝଡ ପରେ ପୁରା ନୀରବତା ଆସିଥାଏ । ତର ତର ହୋଇ କବାଟ ଖୋଲି ଦେଖେତ ,ଦକ୍ଷୀଣ ପଟ ଘର ସଂପୂର୍ଣ୍ଣ ଭାଙ୍ଗି ତଳେ ମିଶି ଯାଇଥାଏ । ତା ତଳେ ସମାଧି ନେଇ ଯାଇଥାନ୍ତି ମୋ ଶାଶୁ ଶଶୁର । ଅନେକ ଖୋଜା ଖୋଜି ପରେ ସର ବାପା ମିଳିଲେ । ତାଙ୍କୁ ପବନ ଉଡାଇ ନେଇ ଏକ ଗଛରେ ପିଟି ଦେଇଥିଲା । ବାପା ମାଆଙ୍କ ସହିତ ସେ ବି ଆର ପାରିକି ଚାଲି ଯାଇଥିଲେ । ପଛରେ ରହି ଯାଉଥିଲୁ ପୋଡାକପାଳୀ ଆମେ ମାଆ ଓ ଝିଅ । କରମ ଆଦରି ସର ମହଁକୁ ଚାହିଁ ସବୁ ଦୁଃଖ କଷ୍ଟ ଆଦରି ନେଲି । ସବୁ ସୁଖ ଭୁଲିଗଲି କାହିଁକି କେଜାଣି ୮/୯ ବର୍ଷ ପରେ ଆଜି ସମସ୍ତିଙ୍କ କଥା ବହୁତ ମନେ ପଡୁଛି । ଅଦିନ ବର୍ଷା ପରି ଲୁହ

ଗୁଡ଼ା ଅମାନିଆ ଝରପରି ଝରି ପଡୁଥାଏ । ଲୁଗା କାନିରେ ଆଖି ଯୋଡ଼ିକୁ ଭଲ ଭାବେ ପୋଛି ଠିଆ ହେଲା ସର ମାଆ । ସଂନ୍ଧ୍ୟା ସମୟ, ଚଉରା ମୂଳେ ବତୀ ଦିଆଯିବ । ତରତର ହୋଇ ଘର ଭିତରକୁ ପସିଲା । ଡିବିରି ଟାକୁ ଲଗାଇ ଦେଇ ଡାକ ଛାଡ଼ିଲା, ଆଲୋ ହେ ସର ସନ୍ଧ୍ୟା ହେଲାଣି, ବତୀ ଦିଆଯିବ ସଅଳ ଉଠି ଆସ । ସର ମା' ଜଳନ୍ତା ସଳିତା ଚଉରା ମୂଳେ, ଠାକୁର ଘରେ ଦେଇ ମୁଣ୍ଡ ନଇଁଲା । ଘରେ ପସି ଦେଖିଲା ସର ଘରେ ନାହିଁ । ଭାବିଲା ଧୁଆଧୁଇ ହେଉଥିବ । ରୋଷେଇ ଘରକୁ ପସୁ ପସୁ ଦେଖିଲା ବାରଣ୍ଡାରେ ସର ବସିଛି । ଅବାକ୍ ହୋଇଗଲା ସର ମା' । ପାଖକୁ ଆସି ପଚାରିଲା, ତୋ ଦେହ ଭଲ ନାହିଁ କି ଲୋ ? ସର ମୁଣ୍ଡରେ ହାତ ଥାପିଲା, ତାତି ସାମାନ୍ୟ ଥିଲା ଭଳି ଲାଗିଲା, ଆହୁରୁ ପାଖକୁ ଡିବିରିଟା ଆଣି ତା ମୁହଁକୁ ନରେଖି ଦେଖିଲା । ତା ଚାନ୍ଦ ଉଦିଆ ମୁହଁ ଟା ବିବର୍ଣ୍ଣ ଦେଖା ଯାଉଛି ବାଉଳି ଉଠିଲା ମନ ତାର । କିଛି ନକହି କୋଳକୁ ଭିଡ଼ି ନେଲା ଝିଅଟାକୁ ମନେ ମନେ ନିଜକୁ ବହୁତ ସନ୍ତାପିଲା । କେମିତି କା ମାଆ କେଜାଣି ମୁଁ ଏତେ ସମୟ ହେଲାଣି ସେ ଆସିଲାଣି ତାର ଭଲ ମନ୍ଦ ଜାଣି ପାରିଲିନି । ସୁପ୍ତ ଆଗ୍ନେୟଗିରି ଉଦ୍‌ଗୀରଣ ହେଲା ଭଳି ଚୁପଚାପ ସର ବାହୁନି ଉଠିଲା ମାଆ କୋଳରେ ମୁଣ୍ଡ ଗୁଂଜି । ଆଖିର ଲୁହ ରେ ପଣତ ଭିଜିଗଲା । ସମୁଦ୍ର ଢେଉ ଗୁଡ଼ା ଯେପରି ସୁନାମୀ ରୂପ ନେଇ ମାଡ଼ି ଆସୁଥାନ୍ତି । ଛାତି ଉପରେ ସରର ମଥାକୁ ଚାପିଧରି ତା ଭୂକମ୍ପ କୋହକୁ ପ୍ରଶମିତ କରିବାକୁ ଅପଚେଷ୍ଟା କରୁଥାଏ । ଅନେକ ସମୟ ବିତିଗଲା । ସବୁ ଚୁପଚାପ, ବିଷର୍ଣ୍ଣ ଅନ୍ଧାରତା ସବୁକିଛି ବିବର୍ଣ୍ଣ କରି ଦେଇଥାଏ । ଆକାଶରେ ମିଞ୍ଜି ମିଞ୍ଜି ତାରା ଗୁଡ଼ିକ ଆଖି ମିଟିକା ମାରି ତାଚ୍ଛଲ୍ୟ କରୁଥାନ୍ତି । ଦଲକାଏ ପବନରେ ନିର୍ଜୀବ ଡିବିରିର କ୍ଷୀଣ ଶିଖା ସଂଘର୍ଷ କରୁଥାଏ, ଦୋହଲୁଥାଏ । ହେଲେ ହାର ମାନୁନଥାଏ । ସରର ଅସଜଡା କେଶକୁ ସାଉଁଳୁ ସାଉଁଳୁ ସର ମା' ଖାଲି ଏତିକି ପଚାରିଲା, ତତେ କିଏ କଣ କହିଲା କି ମା ? ମା ର ଉଷୁମ ଛାତିରୁ ଆଶ୍ୱାସନାର ଅଭୟ ପରଷ ପାଇ ସାରି ଥାଏ ସର । ସବୁ ଭୟ ଭ୍ରାନ୍ତି ମାର ହାତର ଆଉଁଶାରେ ଉଭେଇ ଯାଇଥାଏ । ସବୁ କୋହ ଓ ଲୁହ ମାଆର ନିର୍ଭୟ ପଣ ମଧ୍ୟରେ ସ୍ଥିର ଓ ଆଶ୍ୱସ୍ଥ ହୋଇ ଯାଇଥାଏ । ସର ମୁହଁ ଟେକିଲା, କହିଲା ମାଆ ମୁଁ ଆଉ ପାଠ ପଢ଼ିବିନି । ଆମ ସାର ବହୁତ ଖରାପ ଲୋକ । ପ୍ରତିଦିନ ମଦ ପିଇ ସ୍କୁଲ ଆସନ୍ତି । ବାରଣ୍ଡାରେ ବାନ୍ତି କରନ୍ତି । ଆମକୁ ଗାଳି କରନ୍ତି । ପିଲାମାନ ଟେକା ଟେକି କରି ଅଫିସରେ ଶୁଆଇ ଦେଉ, ହେଲେ ଆଜି ସେ ମୋତେ ଯବରଦସ୍ତ ଆଉ କହି ପାରିଲାନି । ଦୁଇ ହାତରେ ମୁହଁକୁ ଲୁଚାଇ ଧରିଲା । ଭୟରେ ଅପମାନରେ ଶିହିରି ଯାଉଥାଏ ସର୍ବାଙ୍ଗ ଶରୀର । ଗମ୍ ଗମ୍ ହୋଇ ଝାଳ ବୋହି ଯାଉଥାଏ । ଆଖିରେ ଅପମାନର ଅଶ୍ରୁ । ମାଆ ମନ କରୁଳୀ ଉଠିଲା । ଆହତ ନାଗୁଣି ପରି ଗରମ ନିଶ୍ୱାଶ ଗୁଡ଼ା ଗର୍ଜନ କରି ପଦାକୁ ବାହାରି ପଡୁଥାଏ । ନିଜର ବୁକୁଫଟା କୋହକୁ ଛାତିରେ ଚାପି ରଖି ଅପମାନର ଅଶ୍ରୁ ଗୁଡ଼ାକୁ ଶୁଖିଲା ଓଠରେ ଶୋଷି ନେଇଥିଲା ସେ । ଆଶ୍ୱାସନା ଭରା କଣ୍ଠରେ ସର ମା' କହିଲା ଦେଖ ସର ତୋ ବାପା ଆମକୁ ଛାଡ଼ି ଚାଲିଗଲେ । ତୋ ମୁହଁକୁ ଚାହିଁ ମୁଁ ବଞ୍ଚିଛି । ତୋତେ ବଡ଼ ମଣିଷ କରିବାର ସ୍ୱପ୍ନରେ ମୁଁ ଦିନରାତି ଏକ କରି ଦେଉଛି । ଏକୁଟିଆ ନାରୀ ଜୀବନରେ ଏହିଭଳି ଅନେକ ଝଡ଼ ଆସିବ ମାଆ, ଆମେ କଣ ହାରିଯିବା ? ତୋତେ ପଢ଼ିବାକୁ ହେବ । ତୋତେ ବହୁତ ଉପରକୁ ଯିବାକୁ ହେବ । ତୁ ହାରିଗଲେ, ମୁଁ ମରିଯିବି ମାଆ । ଏକ ମଦ୍ୟପ କୁତ୍ସିତ ଶିକ୍ଷକ ପାଇଁ ତୁ ପାଠ ଛାଡ଼ନା । ଏ ଦୁନିଆରେ ସମସ୍ତେ ଖରାପ ନୁହନ୍ତି । ଭଲ ଶିକ୍ଷକବି ଅଛନ୍ତି । ତୁ ବହୁତ ଆଗକୁ ବଢ଼ । ସର ମା ବୁଝାଇ ଚାଲିଥିଲା ଜଣେ ଅଭିଜ୍ଞ ବୁଦ୍ଧିଜୀବି ଭାବରେ । ଅନେକ ବାଧା ବିଘ୍ନ ଉତ୍‌ଥାନ ପତନର ଉଦାହରଣ ଦେଇ ଚାଲିଥାଏ । ଅଜଣାତେ ତା ଜଳନ୍ତା ଆଖିରୁ ଅନବରତ ବୋହି ଚାଲିଥାଏ ଅପମାନର ଅଶ୍ରୁ । ଆଜିକା ଦୁନିଆରେ ନାରୀସମାଜ ପାଇଁ ଅପମାନର ଅଶ୍ରୁ କେଉଁ ଏକ ଅନାଦି କାଳରୁ ପ୍ରାପ୍ତ ହୋଇଛି । ତାହା ପୁରାଣ ଓ ଇତିହାସର କାଳଖଣ୍ଡରୁ ମଧ୍ୟ ଜଣା ପଡ଼େ । ସର ନସ୍ତେଜ ହୋଇ ମାଆର କୋଳକୁ ନିର୍ଭୟ ପଲଙ୍କ ଭାବି ଶୋଇ ଯାଇଥାଏ । ମାଆ ମନରେ ଅସୁମାରୀ ପ୍ରଶ୍ନ । ମୁଁ ମୋ ଝିଅକୁ କେଉଠି ପଢାଇବି ? ଏକ ସୁରକ୍ଷିତ ସମାଜିକ ସମ୍ପନ୍ନ ବିଦ୍ୟାଳୟଟିର ଠିକଣା ମୁଁ କେଉଁଠି ପାଇବି ? ଅପମାନର ଅମାନିଆ ଅଶ୍ରୁକୁ ଦୁଇ ପାପୁଲି ରେ ପୋଛି ନେଇ ସର ମାଆ ସରର ସୁନେଲି ଭବିଷ୍ୟତ କଥା ଭାବୁଥିଲା ।

ମୁନିଗୁଡ଼ା,ରାୟଗଡା

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

### ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ